

ଫ୍ରେଞ୍ଚ୍ ଓପନ୍: ଫାଇନାଲ୍‌ରେ ଆଲ୍‌କାରାଜ୍

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-339 •BHUBANESWAR •SATURDAY •7 JUNE 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୩୯ •ଭୁବନେଶ୍ୱର •ଶନିବାର •୭ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଲଜ୍ଜା ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ



### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଘଟଣା ଚପାଇଦେଲେ

■ ବ୍ରହ୍ମପୁର/କନିଷି, ୬।୬ (ସମିସ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ତଥା ଗୋଳନ୍ଥରା ଥାନା ଅଞ୍ଚଳର ଘଟିଛି ଅଭାବନୀୟ ଘଟଣା। ଦୁଇ ନାବାଳିକାଙ୍କୁ ଅପହରଣ ଓ ବିଭିନ୍ନ ସ୍ଥାନରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୋଳନ୍ଥରା ଥାନାରେ ଉଭୟ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି।

ଗତ ୩ ତାରିଖ ମଧ୍ୟାହ୍ନ ୨ଟାରେ ଦୁଇଜଣ ନାବାଳିକା (୧୪ ଓ ୧୫ବର୍ଷ)ଙ୍କୁ ୪ଜଣ ଯୁବକ ତାଙ୍କ ଗ୍ରାମରୁ ଅପହରଣ କରି ନିକଟସ୍ଥ ଓଡିଆରପି କଲୋନୀକୁ ନେଇ ଯାଇଥିଲେ। ସେଠାରେ ପ୍ରଥମେ ୯ ଓ ୭ ନମ୍ବର ଗଳିରେ ସେମାନଙ୍କୁ ଦୁଷ୍କର୍ମ କରିଥିଲେ। ପରେ ୨ଜଣ ଯୁବକ ଉଭୟ ନାବାଳିକାଙ୍କୁ ବଳପୂର୍ବକ ବାଇକ୍ ଯୋଗେ ଆର୍ଯ୍ୟପଲ୍ଲୀ ଓ ପରେ ନୋଳିଆ ନୂଆଗାଁକୁ ନେଇଥିଲେ। ବିଭିନ୍ନ ସ୍ଥାନରେ ସେମାନଙ୍କ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ସହ ବାରମ୍ବାର ଦୁଷ୍କର୍ମ କରିଥିବା ଖୋଦ୍ ପୀଡ଼ିତା ଓ ସେମାନଙ୍କ ପରିବାର ପକ୍ଷରୁ କୁହାଯାଇଛି। ୩ ତାରିଖ ବିଳମ୍ବିତ ରାତିରେ ଉଭୟ ନାବାଳିକାଙ୍କୁ ନୋଳିଆ ନୂଆଗାଁରେ ଛାଡ଼ି ଦେଇ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ନାବାଳିକା ଦ୍ୱୟ ନିଖୋଜ ହେବା ପରେ ସେମାନଙ୍କ ପରିବାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇ ପଡ଼ିଥିବାବେଳେ ୪ତାରିଖ ସକାଳେ ନୋଳିଆ ନୂଆଗାଁରୁ ଉଭୟ ନାବାଳିକାଙ୍କ ସନ୍ଧାନ ମିଳିଥିଲା। ଉଭୟଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମର ଭଦ୍ରଲୋକଙ୍କୁ ଜଣାଇଥିଲେ। ତେବେ ଘଟଣାର ସମାଧାନ କରିବା ପରିବର୍ତ୍ତେ ଚପାଇ ଦେବାକୁ ବିଭିନ୍ନ ଆଡୁ ଚାପ ପଡିବା ସହ ଧମକଚମକ ମିଳିଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ନିରୁପାୟ ହୋଇ ନ୍ୟାୟ ଆଶାରେ ଉଭୟ ପୀଡ଼ିତା ନାବାଳିକାଙ୍କ ପରିବାର ଗୋଳନ୍ଥରା ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ।

ସୂଚନା ଅନୁସାରେ ଉଭୟ ନାବାଳିକା ସମ୍ପର୍କୀୟା ଭଉଣୀ। ଜଣେ ମାମୁଁ ଘରକୁ ଆସିଥିବାବେଳେ ଅନ୍ୟଜଣଙ୍କ ଘର ଉକ୍ତ ଗ୍ରାମରେ। ଏକ ବିବାହ ଭୋଜିବେଳେ ଗହଳିର ସୁଯୋଗ ନେଇ ସମ୍ପୃକ୍ତ ଅଞ୍ଚଳର ଯୁବକମାନେ ସେମାନଙ୍କୁ ଅପହରଣ କରି ପରେ ▶ପୃଷ୍ଠା-୭

## ୪ ପ୍ରସ୍ତାବକୁ କ୍ୟାବିନେଟ ମୋହର

- 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ'ରେ ଖର୍ଚ୍ଚହେବ ୬୦୦୦ କୋଟି
- ଚଳିତ ଆର୍ଥିକ ବର୍ଷ ପାଇଁ ୧୧୦୦ କୋଟି ବ୍ୟୟଅଟକଳ
- ଜୈବ ପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନାକୁ ମଞ୍ଜୁରୀ; ୪ ବର୍ଷରେ ୧୧୧୩ କୋଟି ବ୍ୟୟଅଟକଳ
- ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ, ସ୍ପିଲ୍ ୱେକୁ ମଞ୍ଜୁରୀ
- ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ନାମରେ ଆବଣ୍ଟିତ ଜମି ପାଇଁ ୨.୬୦ କୋଟି ଟଙ୍କା ଛାଡ଼

■ ଭୁବନେଶ୍ୱର, ୬।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରମୁଖ ପ୍ରସ୍ତାବ ମଧ୍ୟରେ ସହରାଞ୍ଚଳ ଗୁଡ଼ିକର ସମନ୍ୱିତ ବିକାଶ ପାଇଁ ନୂଆ ଯୋଜନା 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'କୁ ଅନୁମୋଦନ ମିଳିଛି। ରାଜ୍ୟର ସହର ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ରାଜସ୍ୱ ବୃଦ୍ଧି କରିବା ଯୋଜନାର ପ୍ରମୁଖ ଲକ୍ଷ୍ୟ ହୋଇଥିବା ବେଳେ ୨୦୨୫ରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ ଏଥିପାଇଁ ୬୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି 'ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା'କୁ ବୈଠକରେ ଅନୁମୋଦନ ମିଳିଥିବା ବେଳେ ଏହାଦ୍ୱାରା ଶିକ୍ଷା, ଶିଳ୍ପ ଓ ଗବେଷଣା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରି ସମାଜକୁ ଲାଭ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶେଷକରି ଶିଳ୍ପ, କୃଷି, ଚିକିତ୍ସା ଓ ପରିବେଶ ସହ ଜୈବପ୍ରଯୁକ୍ତି ବିଜ୍ଞାନ ପ୍ରୟୋଗ ପାଇଁ ଏହି ଯୋଜନା ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରଖାଯାଇଛି। ସେହିପରି ଅନ୍ୟ ପ୍ରସ୍ତାବ ଦ୍ୱୟ ମଧ୍ୟରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ ଏବଂ ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସପକ୍ଷରେ ସରକାରୀ ଜମି ବାବଦକୁ ୨ କୋଟି ୬୦ ଲକ୍ଷ ▶ପୃଷ୍ଠା-୭


DADLS-25

## ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାର୍ଟି)

## ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0671/2526


## ଅଶୁଭ ଶୁକ୍ରବାର ଦୁର୍ଘଟଣାରେ ଗଡ଼ିଲା ୭ ମୁଣ୍ଡ

- ଟ୍ୟାଙ୍କର୍ ଧକ୍କାରେ ଗଲା ମାମୁ ଓ ଦୁଇ ଭାଣିଜୀଙ୍କ ଜୀବନ
- ଗଛରେ ପିଟିହେଲା ଟାଟା ମ୍ୟାଜିକ୍; ଦମ୍ପତି ମୃତ
- ବସ୍ ଧକ୍କାରେ ଗଲା ୨ ବାଇକ୍ ଆରୋହୀଙ୍କ ଜୀବନ



■ ଦିଗପହଣ୍ଡି/କୋଲାବିରା/ଦେବଗଡ଼, ୬।୬ (ସମିସ): ଦୁର୍ଘଟଣାରେ ଆଜି ରାଜ୍ୟରେ ୭ଜଣଙ୍କ ମୁଣ୍ଡ ଗଡ଼ିଛି। ଗଂଜାମ ଜିଲ୍ଲା ଦେଇ ଯାଇଥିବା ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାରେ ଟ୍ୟାଙ୍କର୍ ଧକ୍କାରେ ମାମୁଁ ସମେତ ୨ ଭାଣିଜୀଙ୍କ ମୃତ୍ୟୁ ଘଟିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ବସ୍ ଧକ୍କାରେ ୨ ବାଇକ୍ ଚାଳକ ପ୍ରାଣ ହରାଇଛନ୍ତି। ସେହିପରି, ଦେବଗଡ଼ ଜିଲ୍ଲା ଅସନପାଳ ଗ୍ରାମ ନିକଟ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥରେ ଏକ ଟାଟା ମ୍ୟାଜିକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ସେଥିରେ ଥିବା ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସୂଚନାନୁସାରେ, ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାର ବଜାଜ୍ ସୋ' ରୁମ୍ ସାମ୍ନାରେ ଆଜି ଅପରାହ୍ଣ ପ୍ରାୟ ୪ଟାରେ ଏକ ତେଲ ବୋଝେଇ ଟ୍ୟାଙ୍କର୍ ସହ ବୁଲେଟ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ, ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଦକ୍ଷିଣପୁର ଗ୍ରାମର ଜି. ତ୍ରିନାଥ ରେଡ୍ଡୀ(୩୯) ଏବଂ ତାଙ୍କ ଦୁଇଭାଣିଜୀ ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମର ବର୍ଷା ରେଡ୍ଡୀ (୧୮) ଓ ▶ପୃଷ୍ଠା-୭




# ଗାଜାରେ ୨୪୦୦ ଟଙ୍କାରେ ବିକ୍ରି ହେଉଛି ଭାରତର ବିସ୍କୁଟ୍



ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଆଶ୍ଚର୍ଯ୍ୟ ହେଲେ ବି ସତ। ଭାରତରେ ୫ ଟଙ୍କା ମୂଲ୍ୟର ବିସ୍କୁଟ୍ ଯୁଦ୍ଧବିଧ୍ୱସ୍ତ ଗାଜରେ ୨, ୪୦୦ ଟଙ୍କାରେ ବିକ୍ରି ହେଉଛି। ଏହି ବିସ୍କୁଟ୍ ଭାରତର ଘରେ ଘରେ ବେଶ୍ ଆଦୃତ। କମ୍ ଦାମ୍‌ରେ ମିଳୁଥିବା ଏହି ବିସ୍କୁଟ୍‌କୁ ପିଲାମାନେ ଖାଇବାକୁ ଭଲ ପାଆନ୍ତି ଓ ଖାସ୍ କରି ଚା ପାନ ବେଳେ ଏହାର ଗୁରୁତ୍ୱ ବଢ଼ିଯାଇଥାଏ। ଭାରତରେ ନିହାତି ଶସ୍ତାରେ ମିଳୁଥିବା ଏହି ବିସ୍କୁଟ୍ ଗାଜାରେ କିନ୍ତୁ ୫୦୦ ଗୁଣା ଅଧିକ ମୂଲ୍ୟରେ ମିଳୁଛି। ଗାଜାରୁ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ପୋଷ୍ଟରୁ ଏହା ଜଣାପଡ଼ିଛି। ମହମ୍ମଦ ଜବାଦ ନାମକ ଜଣେ ବ୍ୟକ୍ତି ଏକ୍ସରେ ପୋଷ୍ଟ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ୨୪ ୟୁରୋରେ ଗୋଟିଏ ବିସ୍କୁଟ ପ୍ୟାକେଟ ମିଳୁଛି ବୋଲି ସେ ଭିଡିଓରେ କହିଥିବାର ଲକ୍ଷ୍ୟ କରାଯାଇଛି

ଉଲ୍ଲେଖଥାଉ କି, ୨୦୨୩ରେ ହମାସର ଆକ୍ରମଣ ପରେ ଇସ୍ରାଏଲ୍ ପାଲେଷ୍ଟାଇନ୍ ଓ ଗାଜାରେ ଆକ୍ରମଣ କରିଥିଲା ଓ ଏହା ଏପର୍ଯ୍ୟନ୍ତ ଜାରି ରହିଛି। ଫଳରେ ଗାଜାରେ ଅହେତୁକ ଭାବେ ଖାଦ୍ୟ ପଦାର୍ଥର ଦରଦାମ ବୃଦ୍ଧି ପାଇବାରେ ଲାଗିଛି। ପାର୍ଲେ-ଜି ଭଳି ଗାଜାରେ ଏକ କେଜି ଚିନିର ଦାମ୍ ୪, ୯୧୪ ଟଙ୍କା ରହିଛି। ସେହିପରି ଏକ ଲିଟର ଖାଇବା ତେଲରୁ ମୂଲ୍ୟ ୪, ୧୭୭ ଟଙ୍କା, ଏକ କେଜି ଆଳୁର ଦାମ୍ ୧, ୯୫୬ ଟଙ୍କା, ଏକ କେଜି ପିଆଜର ଦାମ୍ ୪, ୪୨୩ ଟଙ୍କା, ଗୋଟିଏ କଫ୍ କପ୍‌ର ଦାମ ୧, ୮୦୦ ଟଙ୍କାରେ ପହଞ୍ଚିଛି।

# ଚୀନ୍‌ର ସାହାଯ୍ୟ ମାଗିଲା ଇରାନ



ତେହେରାନ୍, ୬।୬(ଏଜେନ୍ସି): ବାଲାଷ୍ଟିକ୍ ମିସାଇଲ ନିର୍ମାଣ ପାଇଁ ଇରାନ୍ ଚୀନ୍‌ର ସହାୟତା ମାଗିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହିକ୍ରମରେ ଚୀନ୍‌ଠାରୁ ଇରାନ ହଜାର ହଜାର ଟନ୍‌ର ସଲିଡ ଫୁଏଲ ବା ଇନ୍ଧନ ଏବଂ ରକେଟ ଅକ୍ସିଡାଇଜର ଆମୋନିୟମ ପେରକ୍ଲୋରେଟ୍ ମଗାଇଛି। ଏଥିରୁ ୮୦୦ରୁ ଊର୍ଦ୍ଧ୍ୱ ବାଲାଷ୍ଟିକ ମିସାଇଲ ନର୍ମାଣ କରିହେବ। ଏ ନେଇ ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ନାଲ ତା'ର ରିପୋର୍ଟ ପ୍ରକାଶ କରିଛି। ଖୁବ୍‌ଶୀଘ୍ର ଏହି ଜିନିଷ ଇରାନରେ ପହଞ୍ଚିବ। ଇରାନର ସାମରିକ ଦକ୍ଷତାରେ ବୃଦ୍ଧି କରିବାକୁ ଏପରି କରାଯିବ ବୋଲି କୁହାଯାଇଛି। ଇସ୍ରାଏଲର ଆକ୍ରମଣ ପରେ ଇରାନ ପୁଣିଥରେ ନିଜର ମିସାଇଲ କ୍ଷମତାକୁ ଫେରାଇବାକୁ ପ୍ରୟାସ କରିବ। ତେବେ ଏ ନେଇ ଆମ ପାଖରେ କିଛି ଖବର ନାହିଁ ଓ ଏହି ଡିଲ୍ ବିଷୟରେ ଆମକୁ କିଛି ଜଣାନାହିଁ ବୋଲି ଚୀନ୍ ତରଫରୁ କୁହାଯାଇଛି। ପୂର୍ବରୁ ଅବଶ୍ୟ ଇରାନର ମିସାଇଲ କାର୍ଯ୍ୟକ୍ରମରେ ଚୀନ୍ କମ୍ପାନୀ ଓ ଅଧିକାରୀଙ୍କ ଭୂମିକା ରହିଆସିଛି ବୋଲି ଆମେରିକା ବାରମ୍ବାର କହିଆସିଛି। ଗତ ଫେବୃଆରୀ ଓ ମାର୍ଚ୍ଚରେ ଇରାନର ବନ୍ଦରରେ ଏକ ବଡ଼ ବିସ୍ଫୋରଣ ହୋଇଥିଲା। ଏଥିରେ ଆମୋନିୟମ ପେରକ୍ଲୋରେଟ୍ ବିସ୍ଫୋରଣ ହେବା କଥା ସାମ୍ନାକୁ ଆସିଥିଲା। ଏହା ଚୀନରୁ ଆସିଥିବାର ଅନୁମାନ କରାଯାଉଥିଲା। ଫଳରେ ଇରାନ ଓ ଚୀନ୍ ମିଳିତ ଭାବେ ଏ ନେଇ କାର୍ଯ୍ୟ କରୁଥିବା ଆଶାଙ୍କା କରାଯାଉଛି।

## ବେଙ୍ଗାଲୁରୁ ଦଳାଚକଟା

# ଆରସିବି କର୍ମକର୍ତ୍ତାଙ୍କ ସମେତ ୪ ଗିରଫ

■ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ବରଖାସ୍ତ

■ କ୍ରିକେଟ ଆସୋସିଏସନ୍ କର୍ମକର୍ତ୍ତାଙ୍କୁ କୋର୍ଟ ଆଶ୍ୱସ୍ତି

ବେଙ୍ଗାଲୁରୁ, ୬।୬: ବେଙ୍ଗାଲୁରୁ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଘଟଣାରେ କେଠାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି କର୍ଣ୍ଣାଟକ ସରକାର। ଦାୟିତ୍ୱରେ ଅବହେଳା ଲାଗି ଗତକାଲି ବେଙ୍ଗଲୁରୁ ପୁଲିସ କମିସନର, ଡେପୁଟି ପୁଲିସ କମିସନରଙ୍କ ସମେତ ଅନେକ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସସପେଣ୍ଡ କରାଯାଇଥିବା ବେଳେ ଆଜି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାର୍କେଟିଂ ବିଭାଗ ମୁଖ୍ୟ ନିଖିଲ ସୋସାଲେଙ୍କୁ ଗିରଫ କରାଯାଇଛି। ତାଙ୍କ ସହିତ ଆଉ ତିନି ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଭୟରେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ କର୍ମକର୍ତ୍ତାମାନେ ଫେରାର ହୋଇଯାଇଥିଲେ। ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ସେମାନଙ୍କ ଗିରଫଦାରି ଉପରେ କୋର୍ଟ ରୋକ୍ ଲଗାଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏହି ଘଟଣାରେ ତାଙ୍କର ରାଜନୈତିକ ସଚିବ କେ. ଗୋବିନ୍ଦରାଜଙ୍କୁ ବରଖାସ୍ତ କରିଛନ୍ତି।

ଗତକାଲି ପୁଲିସ କମିସନରଙ୍କୁ ସସପେଣ୍ଡ କରିବା ପରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଆଇପିଏଲ ବିଜୟ ଉତ୍ସବର ଆୟୋଜକମାନଙ୍କୁ ମଧ୍ୟ ଗିରଫ କରାଯିବ। ସେହି ଅନୁସାରେ ସେମାନଙ୍କ ବିରୋଧରେ ଏଫଆଇଆର ମଧ୍ୟ ଦାଖଲ କରାଯାଇଥିଲା। ଆଜି ଆରସିବି ମାର୍କେଟିଂ ମୁଖ୍ୟଙ୍କ ସହିତ ଡିଏନର ବରିଷ୍ଠ କର୍ମକର୍ତ୍ତା ସୁନିଲ ମାଥ୍ୟୁଙ୍କୁ ମଧ୍ୟ ଗିରଫ କରିଛି। ମାଥ୍ୟୁ ମୁମ୍ବାଇ ଯିବା ଲାଗି ବିମାନବନ୍ଦରରେ ପହଞ୍ଚିବା ମାତ୍ରେ ପୁଲିସ ତାଙ୍କୁ ଗିରଫ କରିନେଇଥିଲା। ଏହି ମାମଲାରେ ଆଉ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ବରିଷ୍ଠ ଆଇପିଏସ ଅଧିକାରୀ ସୀମନ୍ତ କୁମାର ସିଂହ ଆଜି ବେଙ୍ଗାଲୁରୁର ନୂଆ ପୁଲିସ କମିସନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନକୁ ଖାରଜ କରି କୋର୍ଟ ଏହି ୪ ଜଣଙ୍କୁ ୧୫ ଦିନ ପାଇଁ ଜେଲ ହାଜତକୁ ପଠାଇ ଦେଇଛନ୍ତି।

ଆର୍‌ସିବି ମାର୍କେଟିଂ ମୁଖ୍ୟ ନିଖିଲ କର୍ଣ୍ଣାଟକ ହାଇକୋର୍ଟରେ ତାଙ୍କ ଗିରଫଦାରିକୁ ଚାଲେଞ୍ଜ କରିଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଦଳାଚକଟା ପାଇଁ ସେ କୌଣସି ଦୃଷ୍ଟିରୁ ଦାୟୀ ନୁହନ୍ତି। ତାଙ୍କର ଗିରଫଦାରିକୁ ସେ ବେଆଇନ ଓ ଏକତରଫା କାର୍ଯ୍ୟାନୁଷ୍ଠାନ ବୋଲି ବର୍ଣ୍ଣନା କରିଛନ୍ତି। ଅନ୍ୟପକ୍ଷରେ ଗିରଫ ଭୟରେ ଫେରାର ଥିବା କର୍ଣ୍ଣାଟକ କ୍ରିକେଟ ଆସୋସିଏସନର ସଭାପତି ରଘୁରାମ, ସଂପାଦକ ଏ. ଶଙ୍କର, କୋଷାଧ୍ୟକ୍ଷ ଜୟରାମ ଏବଂ ଅନ୍ୟ କର୍ମକର୍ତ୍ତା ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ସେମାନଙ୍କୁ ଅନ୍ତିରିଣ ସୁରକ୍ଷା ପ୍ରଦାନ କରିଛନ୍ତି। ଗତକାଲି ହାଇକୋର୍ଟ ଦଳାଚକଟା ମାମଲାର ଶୁଣାଣି କରିବା ସହିତ ଆସନ୍ତା ଜୁନ୍ ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଏବେ ବି ଦୋଷ ଲଦାଲଦି ଚାଲିଛି। ଆୟୋଜକମାନେ ଏହି ମାମଲାରେ ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହିତ ସମସ୍ତ ଦୋଷ ପୁଲିସ ଓ ପ୍ରଶାସନକୁ ଦେଇଛନ୍ତି। ସେମାନେ କହିଛନ୍ତି ଯେ ପୁଲିସର ବିଫଳତାକୁ ଲୁଚାଇବା ଲାଗି ଆୟୋଜକମାନଙ୍କୁ ବଳି ପକାଯାଉଛି।

ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକ୍ରମରେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଆଜି ତାଙ୍କର ରାଜନୈତିକ ସଚିବ କେ. ଗୋବିନ୍ଦରାଜଙ୍କୁ ବରଖାସ୍ତ କରିଛନ୍ତି। ଗୋବିନ୍ଦରାଜ ଏବେ ବିଧାୟକ ଅଛନ୍ତି। ତାଙ୍କୁ କାହିଁକି ହଟାଯାଇଛି, ସେ ସଂପର୍କରେ କିଛି କୁହାଯାଇନଥିଲେ ମଧ୍ୟ ବେଙ୍ଗାଲୁରୁ ଦଳାଚକଟା ସହିତ ଏହି କାର୍ଯ୍ୟାନୁଷ୍ଠାନକୁ ଯୋଡ଼ାଯାଉଛି। ଏହି ଦଳାଚକଟାରେ ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ଏବଂ ୫୦ ଜଣ ଆହତ ହୋଇଥିଲେ।

# ବିଶ୍ୱର ସୁଉଚ୍ଚ ରେଳ ଆର୍କ ବ୍ରିଜ୍ ଚେନାବ୍ ସେତୁ ଉଦ୍‌ଘାଟିତ



■ ଜାମ୍ମୁ, କାଶ୍ମୀରରେ ୪୬,୦୦୦ କୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

■ ପ୍ରଥମ କେବୁଲ ସମର୍ଥିତ ଅଞ୍ଜି ସେତୁର ଲୋକାର୍ପଣ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ସେତୁ ଚେନାବ ସେତୁ ଆଜି କାର୍ଯ୍ୟକ୍ଷମ ହୋଇଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି। ଏହାଛଡା ଦେଶର ପ୍ରଥମ କେବୁଲ ସମର୍ଥିତ ରେଳ ସେତୁ ଅଞ୍ଜି ସେତୁ ଉଦଘାଟିତ ହୋଇଛି। ଶୁକ୍ରବାର ଜାମ୍ମୁ ଏବଂ କାଶ୍ମୀରର କଟରାଠାରେ ପ୍ରଧାନମନ୍ତ୍ରୀ ୪୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବନ୍ଦେ ଭାରତ ଟ୍ରେନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ଜାମ୍ମୁ ଏବଂ କାଶ୍ମୀର ମଧ୍ୟରେ ସଂଯୋଗୀକରଣକୁ ବୃଦ୍ଧି କରିବ। ଏହି ୪୬,୦୦୦ କୋଟି ଟଙ୍କାର ପ୍ରକଳ୍ପ ଜାମ୍ମୁ ଏବଂ କାଶ୍ମୀରରେ ବିକାଶକୁ ତ୍ୱରାନ୍ୱିତ କରିବ, ପ୍ରଗତି ଏବଂ ସମୃଦ୍ଧିକୁ ଆଗେଇ ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ମହତ୍ୱାକାଂକ୍ଷୀ ରେଳ ପ୍ରକଳ୍ପ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତ୍ୱରାନ୍ୱିତ ହେବା ଏବଂ ବର୍ତ୍ତମାନ ସଫଳତାର ସହିତ ସମାପ୍ତ ହେବା ସେମାନଙ୍କ ସରକାରଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ। କଷ୍ଟକର ଭୂମି ପରିସ୍ଥିତି, ଚରମ ପାଣିପାଗ ଏବଂ ପାହାଡ଼ରୁ ପଥର ଖସିବା ଭଳି ଆହ୍ୱାନଗୁଡ଼ିକ ମଧ୍ୟରେ କାମ ଶେଷ କରାଯାଇଛି, ଯାହା ପ୍ରକଳ୍ପକୁ ଅତ୍ୟନ୍ତ କଠିନ ଏବଂ ଆହ୍ୱାନପୂର୍ଣ୍ଣ କରିଥିଲା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଜାମ୍ମୁ ଏବଂ କାଶ୍ମୀରରେ ଚାଲିଥିବା ଅନେକ ସର୍ବକାଳୀନ ଭିତ୍ତିଭୂମି ପ୍ରକଳ୍ପ ଏହି ପ୍ରତିବଦ୍ଧତାର ଉଦାହରଣ। ସେ ସମ୍ପ୍ରତି ଖୋଲାଯାଇଥିବା ସୋନମାର୍ଗ ସୁଡ଼ଙ୍ଗ ଏବଂ ଚେନାବ ସେତୁ ଏବଂ ଅଞ୍ଜି ସେତୁ ଉପରେ ଯାତ୍ରା କରିବାର ତାଙ୍କ ଅଭିଜ୍ଞତାକୁ ଉଲ୍ଲେଖନୀୟ ମାଇଲଖୁଣ୍ଟ ଭାବରେ ବ୍ୟକ୍ତ କରିଥିଲେ। ଲୋକେ ଏଫେଲ୍ ଟାୱାର ଦେଖିବା ପାଇଁ ପ୍ୟାରିସ ଯାତ୍ରା କରିଥାନ୍ତି, ଚେନାବ ସେତୁ ଉଚ୍ଚତାରେ ଏହାକୁ ଅତିକ୍ରମ କରିଛି, ଯାହା ଏହାକୁ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସଫଳତା ନୁହେଁ ବରଂ ଏକ ଉଦୀୟମାନ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଥାଏ। ସେହିପରି, ପ୍ରଧାନମନ୍ତ୍ରୀ ଅଞ୍ଜି ସେତୁକୁ ଏକ ଇଞ୍ଜିନିୟରିଂ କ୍ଷେତ୍ରର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ବୋଲି ବର୍ଣ୍ଣନା କରିଥିଲେ, ଯାହା ଭାରତର ପ୍ରଥମ କେବୁଲ - ସମର୍ଥିତ ରେଳ ସେତୁ। ସର୍ବୋପରି, ସେ ଗୁରୁତ୍ୱାରୋପ କରିଥିଲେ ଯେ, ପବିତ୍ର ଉଦ୍ଦେଶ୍ୟ ଏବଂ ନିରନ୍ତର ସମର୍ପଣ ହେଉଛି ଭାରତର ପରିବର୍ତ୍ତନ ପଛରେ ପ୍ରେରଣାଦାୟକ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଜାମ୍ମୁ କାଶ୍ମୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜିତେନ୍ଦ୍ର ସିଂହ, ଭି. ସୋମନ୍ନା, ଉପମୁଖ୍ୟମନ୍ତ୍ରୀ ସୁରେନ୍ଦ୍ର କୁମାର, ଜାମ୍ମୁ କାଶ୍ମୀର ବିଧାନସଭାରେ ବିରୋଧୀ ଦଳ ନେତା ସୁନୀଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ



ନୂଆଦିଲ୍ଲୀ, ୬।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡ଼ାରେ ଆୟୋଜନ ହେବାକୁ ଯାଉଥିବା ଜି-୭ ସମିଟ୍‌ରେ ଯୋଗ ଦେବେ। କାନାଡ଼ା ନବନିର୍ବାଚିତ ପ୍ରଧାନମନ୍ତ୍ରୀ ମାର୍କ ଜେ କାର୍ଣ୍ଣିଙ୍କ ନିମନ୍ତ୍ରଣ ମିଳିବା ପରେ ମୋଦୀ ଏ ନେଇ ଶୁକ୍ରବାର ଘୋଷଣା କରିଛନ୍ତି। ଏ ନେଇ ଦୁଇ ଦେଶର ମୁଖ୍ୟ ଟେଲିଫୋନ୍‌ରେ କଥା ହୋଇଛନ୍ତି। କାର୍ଣ୍ଣିଙ୍କୁ ନିର୍ବାଚନ ବିଜୟରେ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଜି-୭ ସମିଟ୍‌ର ଏହି ୫୧ତମ ସଂସ୍କରଣକୁ ନିମନ୍ତ୍ରଣ କରିଥିବାରୁ ସେ କାର୍ଣ୍ଣିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କଥାବାର୍ତ୍ତାକୁ ନେଇ ମୋଦୀ ଖୁସି ଜାହିର କରିଛନ୍ତି। ଏନେଇ ମୋଦୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କାର୍ଣ୍ଣିଙ୍କ ସହ କଥା ହୋଇ ବେଶ୍ ଖୁସି ଅନୁଭବ କରୁଛି। ଦୁଇ ଦେଶରେ ଗଣତନ୍ତ୍ର ଆହୁରି ଶକ୍ତିଶାଳୀ ହୋଇଛି ଓ ଏହା ଦୁଇଦେଶର ନାଗରିକଙ୍କୁ ଏକାଠି କରିଛି। ଏହାପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ କାର୍ଯ୍ୟକାଳରେ ଖଲିସ୍ଥାନୀଙ୍କ ବିରୋଧ ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଅବନତୀ ହୋଇଥିଲା। କିନ୍ତୁ କାର୍ଣ୍ଣିଙ୍କ ନେତୃତ୍ୱରେ ଦୁଇ ଦେଶ ପୁଣିଥରେ ଏକାଠି ହୋଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକାଠି କାର୍ଯ୍ୟ କରିବେ ବୋଲି ମୋଦୀ ଆଶା ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ଜି-୭ ସମ୍ମିଳନୀକୁ ମୋଦୀଙ୍କ ନିମନ୍ତ୍ରଣ କରାଯାଇ ନଥିବାରୁ ଚର୍ଚ୍ଚା ହେଉଥିଲା। ଏବେ ଏହି ଚର୍ଚ୍ଚାର ଅନ୍ତ ଘଟିବ ବୋଲି ଆଶା କରାଯାଉଛି।

# ବାବା ସିଦ୍ଦିକୀ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଗିରଫ୍



ଜଲନ୍ଧର, ୬।୬(ଏଜେନ୍ସି): ବହୁ ଚର୍ଚ୍ଚିତ ଏନ୍‌ସିପି ନେତା ବାବା ସିଦ୍ଦିକୀ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜିଶାନ ଅଖତାର ଉର୍ଫ ଜସି ପୁରେୱାଲାକୁ କାନାଡା ପୁଲିସ୍ ଗିରଫ୍ କରିଛି। ତେବେ ସେ କିଭଳି ଗିରଫ୍ ହୋଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ୨୦୨୪ ଅକ୍ଟୋବର ୧୨ରେ ପୁଅ ଜିସାନ ସିଦ୍ଦିକିଙ୍କ ଅଫିସ ଆଗରେ ବାବାଙ୍କୁ ଗୁଳିମାରି ହତ୍ୟା କରାଯାଇଥିଲା। ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟି କରି ଚର୍ଚ୍ଚା ସୃଷ୍ଟି କରିଥିଲା। ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଜିଶାନ ଅଖତାର ଜଲନ୍ଧରରେ ରହୁଛି ବୋଲି ତଦନ୍ତରୁ ଜଣାପଡ଼ିଥିଲା। ହତ୍ୟାକାଣ୍ଡ ପରେ ସେ ବିଦେଶ ଚାଲିଯାଇଥିଲା। ତାକୁ ଭଗାଇବାରେ ପାକିସ୍ତାନୀ ଡନ୍ ଶାହଜାଦ ଭଟ୍ଟୀ ସହାୟତା କରିଥିଲା। କିନ୍ତୁ କିଛିଦିନ ତଳେ ବିଷ୍ଣୋଇ ଗ୍ୟାଙ୍ଗ୍ ଜିସାନକୁ ମାରିବାକୁ ଧମକ ଦେଇ ମାମଲାରେ ଦ୍ୱନ୍ଦ୍ୱ ବଢ଼ାଇଥିଲା।

# ଟ୍ରମ୍ପ-ମସ୍କ ମୁହାଁମୁହିଁ



■ ରାଷ୍ଟ୍ରପତି ପଦରୁ ଟ୍ରମ୍ପଙ୍କୁ ହଟାଯାଉ: ମସ୍କ

■ ମସ୍କ ପାଗଳ ହୋଇଯାଇଛନ୍ତି: ଟ୍ରମ୍ପ

ୱାସିଂଟନ, ୬।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବାରେ ପ୍ରମୁଖ ଗ୍ରହଣ କରିଥିଲେ ଶିଳ୍ପପତି ଏଲନ ମସ୍କ। ନିର୍ବାଚନରେ ବିଜୟୀ ହେବାପରେ ଟ୍ରମ୍ପ ଓ ମସ୍କ ମଧ୍ୟରେ ସଂପର୍କ ଏତେ ନିବିଡ଼ ହୋଇଯାଇଥିଲା ଯେ ଦୁହେଁ ପରସ୍ପରକୁ ପ୍ରଶଂସାରେ ପୋତି ପକାଉଥିଲେ। କିନ୍ତୁ ଏବେ ହଠାତ ଟ୍ରମ୍ପ ଓ ମସ୍କ ଶତ୍ରୁ ପାଲଟିଯାଇଛନ୍ତି। ଦୁହେଁ ପରସ୍ପର ବିରୋଧରେ ବିଷୋଦଗାର କରିବା ।।ରେ ଲାଗି ପଡ଼ିଛନ୍ତି। ଟ୍ରମ୍ପ ତାଙ୍କ ପାଇଁ ନିର୍ବାଚନ ଜିତିଛନ୍ତି, କିନ୍ତୁ କୃତଜ୍ଞ ହେଉ ନାହାନ୍ତି। ମସ୍କଙ୍କ ଏଭଳି ମନ୍ତବ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଟ୍ରମ୍ପ କହିଛନ୍ତି ଯେ ମସ୍କ ପାଗଳ ହୋଇଯାଇଛନ୍ତି।

ଟ୍ରମ୍ପ ସରକାରରୁ ଓହରିଯିବା ପରେ ହିଁ ଏଲନ ମସ୍କ ଖୋଲାଖୋଲି ଭାବେ ତାଙ୍କର ବିରୋଧ ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଛି। ଗତକାଲି ଟ୍ରମ୍ପ ଓ ମସ୍କଙ୍କ ମଧ୍ୟ ।।ରେ ଯୁକ୍ତିତର୍କ ହୋଇଥିଲା। କଥା ଏତେବାଟ ବଢ଼ିଯାଇଥିଲା ଯେ, ମସ୍କ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ପଦରୁ ହଟାଇବାକୁ ଦାବି କରିଥିଲେ। କହିଥିଲେ ।।ଯେ 'ମୋ ସାହଯ୍ୟ ବିନା ଟ୍ରମ୍ପ କଦାପି ନିର୍ବାଚନ ଜିତିପାରି ନଥାନ୍ତେ। ଟ୍ରମ୍ପ ଏବେ ବେଇ କରିଛନ୍ତି।' ଟ୍ରମ୍ପଙ୍କ ଉଚ୍ଚାଭିଳାଷୀ 'ବିଗ୍ ବିୟୁଟିଫୁଲ ବିଲ୍' ଅର୍ଥାତ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ଅଯଥା ଖର୍ଚ୍ଚ କରିବାର ଏକ ପ୍ରକ୍ରିୟା ବୋଲି ମସ୍କ କହିଛନ୍ତି। ତେଣୁ ଟ୍ରମ୍ପଙ୍କୁ ଯଥାଶୀଘ୍ର ରାଷ୍ଟ୍ରପତି ପଦରୁ ହଟାଇବାର ଆବଶ୍ୟକତା ରହିଛି। ତାଙ୍କ ସ୍ଥାନରେ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ କରିବାର ଉଚିତ୍ ବୋଲି ସେ କହିଛନ୍ତି।। ମସ୍କ ଆହୁରି ସୂଚନା ଦେଇଛନ୍ତି ଯେ ସେ ଖୁବଶୀଘ୍ର ଏକ ରାଜନୈତିକ ଦଳ ଗଠନ କରିବେ।

ମସ୍କଙ୍କ ସମାଲୋଚନାର ଜବାବ ଦେଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ସେ କହିଛନ୍ତି ।।ଯେ ଯେଉଁ ବିଲ୍ କଥା ମସ୍କ କହୁଛନ୍ତି ସେହି ବିଲକୁ ସେ ପ୍ରଥମେ ପ୍ରଶଂସା କରିଥିଲେ। ପ୍ରଶାସନରୁ ହଟିବା ପରେ ନିଜର ମତ ପରିବର୍ତ୍ତନ କରିଛନ୍ତି। ମସ୍କ ପାଗଳ ହୋଇଯାଇଛନ୍ତି ବୋଲି ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ଏଭଳି ବ୍ୟକ୍ତିଙ୍କ ସହିତ ସେ କଥା ହେବାକୁ ଚାହାନ୍ତି ନାହିଁ। ମସ୍କଙ୍କ କମ୍ପାନୀଗୁଡିକ ଉପରୁ ସରକାରଙ୍କ ଅନୁଦାନ ଓ ଅନ୍ୟାନ୍ୟ କଣ୍ଟ୍ରାକ୍ଟ ପ୍ରତ୍ୟାହାର କରିବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ବିତର୍କିତ ବିଲ୍ ସପକ୍ଷରେ ଯୁକ୍ତି ରଖି ଟ୍ରମ୍ପ କହିଛନ୍ତି ଯେ ଏହି ବିଲ୍ ହେଉଛି ସବୁଠାରୁ ଉଚ୍ଚକୋଟୀର। ଏହାଦ୍ୱାରା ସରକାରଙ୍କ ଅର୍ଥ ବଞ୍ଚିପାରିବ।

# ଥରୁରଙ୍କୁ ସାମ୍ବାଦିକ ପୁଅ ଇଶାନଙ୍କ ପ୍ରଶ୍ନ

## ପହଲଗାମ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ କୌଣସି ଦେଶ ପ୍ରମାଣ ମାଗିଛନ୍ତି କି?



ୱାସିଂଟନ, ୬।୬(ଏଜେନ୍ସି): ଆମେରିକା ଗସ୍ତରେ ଯାଇଥିବା ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଥିବା କଂଗ୍ରେସ ସାଂସଦ ତଥା ବରିଷ୍ଠ ନେତା ଶଶି ଥରୁରଙ୍କୁ ୱାଶିଂଟନ ପୋଷ୍ଟ ପାଇଁ କାର୍ଯ୍ୟ କରୁଥିବା ତାଙ୍କ ସାମ୍ବାଦିକ ପୁଅ ଇଶାନ ଥରୁର ପ୍ରଶ୍ନ ପଚାରି ଚର୍ଚ୍ଚାକୁ ଆସିଛନ୍ତି। ପହଲଗାମ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ କୌଣସି ଦେଶ ପ୍ରମାଣ ମାଗିଛନ୍ତି କି, ବୋଲି ସେ ଶଶିକୁ ପ୍ରଶ୍ନ ପଚାରିଥିଲେ। ପାକିସ୍ତାନ ଏହି ଆତଙ୍କବାଦୀ ଆକ୍ରମଣରେ ସାମିଲ ନାହିଁ ବୋଲି କହୁଥିବା ବେଳେ ଶଶି ମଧ୍ୟ ସୁନ୍ଦର ଭାବେ ଏହାର ଜବାବ ରଖିଥିଲେ। ଯଦି ପାକିସ୍ତାନ ବିପକ୍ଷରେ ଠୋସ ପ୍ରମାଣ ନଥାନ୍ତା, ତେବେ ଭାରତ ଜବାବ ଦେଇ ନଥାନ୍ତା ବୋଲି ସେ କହିଥିଲେ। ଏଥିରେ କୌଣସି ସନ୍ଦେହର ଅବକାଶ ନଥିଲା। ତେଣୁ ଭାରତ ମଧ୍ୟ କାହାକୁ ପ୍ରମାଣ ମାଗି ନଥିଲା। ଏହି ଆତଙ୍କବାଦୀ କାର୍ଯ୍ୟକଳାପରେ ଭାରତ ପାଖରେ ପର୍ଯ୍ୟାପ୍ତ ପରିମାଣର ପ୍ରମାଣ ରହିଛି ଓ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏହି ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ ସେ ୩ଟି କାରଣ ଦେଇଥିଲେ। ପ୍ରଥମଟି ହେଲା ପାକିସ୍ତାନ ମିଛ କହିବା ଲମ୍ବା ଇତିହାସ ରହିଛି। ସେ ଏହି କ୍ରମରେ ଓସାମା ବିନ ଲାଡେନର ଉଦାହରଣ ଦେଇଥିଲେ। ପୁଣି ପାକିସ୍ତାନର ଦି ରେଜମେଣ୍ଟ ଫ୍ରଣ୍ଟ (ଟିଆରଏଫ୍) ନାମକ ଆତଙ୍କବାଦୀ ସଂଗଠନ ପହଲଗାମ ଆକ୍ରମଣର ୪୫ ମିନିଟ୍ ମଧ୍ୟରେ ନିଜକୁ ଦାୟୀ କରିଥିଲା। ତୃତୀୟଟି ହେଲା ପାକିସ୍ତାନରେ ଆତଙ୍କବାଦୀଙ୍କ ଶବ ଶୋଭାଯାତ୍ରା ପୂରା ଆଡମ୍ବରରେ ଆୟୋଜନ କରାଯାଇଥିଲା। ପୂର୍ବରୁ ମଧ୍ୟ ଥରୁର ଭାରତ ପାଇଁ ନିଜ ପାର୍ଟି କଂଗ୍ରେସ ବିରୋଧରେ ଯିବାକୁ ପଛାଇ ନାହାନ୍ତି। ଦେଶ ପାଇଁ କାର୍ଯ୍ୟ କରିବା ପାର୍ଟିକୁ ବିରୋଧ କରିବା ନୁହଁ ବୋଲି ସେ କହିଥିଲେ।

■ ବିହାର ସମେତ ୮ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା

# ୧୮ଟି ରାଜ୍ୟରେ ପହଞ୍ଚିଲା ମୌସୁମୀ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦେଶରେ ବିହାର ସମେତ ୮ଟି ରାଜ୍ୟରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସତର୍କ ସୂଚନା ଦିଆଯାଇଛି। ସେହିପରି ୧୭ଟି ରାଜ୍ୟରେ ଘୂର୍ଣ୍ଣିବାତ୍ୟା ସହ ବର୍ଷା ହେବ। ତେବେ ପଶ୍ଚିମ ରାଜସ୍ଥାନ, ତାମିଲନାଡୁ ଓ ପୁଡୁଚେରୀରେ ଗ୍ରୀଷ୍ମ ଅନୁଭୂତ ହେବ ବୋଲି କୁହାଯାଇଛି। ରାଜସ୍ଥାନର ୮ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ମଧ୍ୟପ୍ରଦେଶରେ ମଧ୍ୟ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଅନ୍ୟପଟେ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡିକରେ କ୍ରମାଗତ ବର୍ଷା ହେବା ଫଳରେ ବନ୍ୟା ଓ ଭୂସ୍ଖଳନ ହୋଇଛି। ଆସାମର ୨୧ଟି ଜିଲ୍ଲାରେ ପାଖାପାଖି ୭ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଏଥିରେ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇ ୨୧ରେ ପହଞ୍ଚିଛି। ଭୂସ୍ଖଳନରେ ପ୍ରଭାବିତ ଉତ୍ତର ସିକିମ୍‌ରେ ୬୩ଜଣ ଲୋକଙ୍କୁ ହେଲିକପ୍ଟର ମାଧ୍ୟମରେ ଉଦ୍ଧାର କରାଯାଇଛି। ୬୪ ଜଣ ଲୋକ ଏବେ ବି ଫସି ରହିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ଧୋଲାଧାର ପର୍ବତ ଶୃଙ୍ଖଳାରେ ହିମପାତ ଯୋଗୁଁ ତାପମାତ୍ରାରେ ଅବନତୀ ହୋଇଛି। ଧର୍ମଶାଳାରେ ତାପମାତ୍ରା ୧୬ ଡିଗ୍ରୀରେ ପହଞ୍ଚିଛି। ଇତମଧ୍ୟରେ ମୌସୁମୀ ମହାରାଷ୍ଟ୍ର ଓ ଛତିଶଗଡ଼ ସୀମ ନିକଟରେ ପହଞ୍ଚିଛି। ମୌସୁମୀ ଏପର୍ଯ୍ୟନ୍ତ ଦେଶର ୧୮ଟି ରାଜ୍ୟରେ ପହଞ୍ଚିଛି। ଜୁନ୍ ୧୦ ବେଳକୁ ଏହା ମଧ୍ୟପ୍ରଦେଶରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି।

# କରୋନାରେ ୫୫ ଜଣଙ୍କ ମୃତ୍ୟୁ

## ୨୪ ଘଣ୍ଟାରେ ନୂଆ ୫୦୦ ମାମଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦେଶରେ କରୋନା ଅର୍ଥାତ କୋଭିଡ୍-୧୯ ମାମଲାରେ ଯଥେଷ୍ଟ ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୨୦ ଦିନ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୫୮ ଗୁଣା ବୃଦ୍ଧି ପାଇଛି। ଗତ ମେ ୧୬ରେ ଦେଶରେ କୋଭିଡ୍‌ର ୯୩ଟି ଆକ୍ଟିଭ କେସ୍ ଥିଲା। ଏବେ ଏହି ସଂଖ୍ୟା ୫୩୬୪ରେ ପହଞ୍ଚିଛି। ଏବେ କରୋନା ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବ୍ୟାପିଛି। ଗତ ୨୪ ଘଣ୍ଟା ମଧ୍ୟରେ ନୂଆ ୫୦୦ଟି ମାମଲା ଦେଖିବାକୁ ମିଳିଛି। କେରଳରେ ସର୍ବାଧିକ ୧୬୭୯ ମାମଲା, ଗୁଜରାଟ୍‌ରେ ୬୧୫, ପଶ୍ଚିମବଙ୍ଗରେ ୫୯୬, ଦିଲ୍ଲୀରେ ୫୯୨ ଓ ମହାରାଷ୍ଟ୍ରରେ ୫୪୮ଟି ଆକ୍ଟିଭ କେସ୍ ଦେଖିବାକୁ ମିଳିଛି। କରୋନାର ଏହି ନୂଆ ଭ୍ୟାରିଏଣ୍ଟରେ ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ ୫୫ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରୁ ୫୩ ଜଣଙ୍କର ମୃତ୍ୟୁ ୧୫ ଦିନ ମଧ୍ୟରେ ହୋଇଛି। ଗୁରୁବାର ଦିଲ୍ଲୀରେ କୋଭିଡ୍‌ରେ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଏକ ୫ ମାସର ଶିଶୁ ରହିଛି। ସେହିପରି କେରଳରେ ୨, କର୍ଣ୍ଣାଟକ ଓ ପଞ୍ଜାବରେ ଜଣେ ଲେଖାଏଁ, ମହାରାଷ୍ଟ୍ରରେ ସର୍ବାଧିକ ୧୭ଜଣ ଜୀବନ ହରାଇଛନ୍ତି।

# ପ୍ରଥମଥର ପାଇଁ ଅମରନାଥ ଯାତ୍ରା ଅବଧି କମିଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ବିଶ୍ୱ ପ୍ରସିଦ୍ଧ ଅମରନାଥ ଯାତ୍ରାର ସମୟ ଅବଧିକୁ ଏଥର ୩୮ ଦିନକୁ କମାଇ ଦିଆଯାଇଛି। ଗତ ୨୦୨୪ ବର୍ଷରେ ଏହା ୫୨ ଦିନଧରି ଚାଲିଥିଲା। ଏଥର ଏହି ଯାତ୍ର ଜୁଲାଇ ୩ରୁ ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହେବ ବୋଲି କୁହାଯାଇଛି। ପ୍ରଥମଥର ପାଇଁ ଇତିହାସରେ ଏହି ଯାତ୍ରାର ଅବଧିକୁ କମାଯାଇଛି। ନରାପତ୍ତା ତଥା ସୁରକ୍ଷା, ଭକ୍ତଙ୍କ ଭିଡକୁ ନିୟନ୍ତ୍ରଣ କରିବା ଓ ଲଜିଷ୍ଟିକ୍ ଏଫିସିଏନ୍ସିକୁ ଦୃଷ୍ଟିରେ ରଖି ଯାତ୍ରାର ସମୟ ଅବଧିକୁ କମାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଯାତ୍ରା ପାଇଁ ସବୁଥର ଭଳି ଏଥର କଡ଼ା ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

## ବିହନ ଯୋଗାଣରେ ଅନିୟମିତତା

# ସମବାୟରେ ମିଳୁନି, ବଜାରରେ ହାଉଯାଉ

ଭୁବନେଶ୍ୱର, ୬।୬(ସମିସ): ଓଡ଼ିଶା ଚାଷୀମାନେ ସ୍ୱର୍ଣ୍ଣ, ଶକ୍ତି, ଏମ୍‌କ୍ୟୁ ୧୨୧୦, ଏମ୍‌କ୍ୟୁ ୧୨୨୬ ଆଦି ବିହନକୁ ବେଶ ପସନ୍ଦ କରୁଛନ୍ତି। ତିନି ବର୍ଷ ତଳେ ଏହି ବିହନ ନୂଆ କରି ବାଣ୍ଟିଥିଲା ବିହନ ନିଗମ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର ହେଉଥିବା ବେଳେ ଏହି ବିହନ ମାତ୍ର ୨୦ କେଜି ବ୍ୟବହାର ହେଉଛି। ଏହି ବିହନରୁ ହେକ୍ଟର ପିଛା ୪ରୁ ୫ଟନ୍ ଧାନ ଉତ୍ପାଦନ ହେଉଛି। ତେଣୁ ସ୍ୱାଭାବିକ ଭାବେ ଚାଷୀ ଏହି ବିହନକୁ ବେଶ ପସନ୍ଦ କରୁଛନ୍ତି। ହେଲେ ସମବାୟରେ ବିହନ ଉପଲବ୍ଧତା ଖୁବ୍ କମ ରହୁଛି। ମାତ୍ର ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ଏହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଭାବେ ମିଳୁନଥିବା ବେଳେ ଖୋଲା ବଜାରକୁ ଏହି ବିହନ କେଉଁଠୁ ଆସୁଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁସାରେ, ଖରିଫ୍‌ରେ ରାଜ୍ୟରେ ୧୧ଲକ୍ଷ କ୍ୱିଣ୍ଟାଲ୍ ବିହନର ଆବଶ୍ୟକତା ରହିଛି। ଏଥିରୁ ଅର୍ଦ୍ଧାଧିକ ବିହନ ନିଗମ ଯୋଗାଇଥାଏ। ବଳକା ଚାଷୀ ସଂରକ୍ଷିତ କରି ରଖିଥିବା ବିହନ ଓ ହାଇବ୍ରିଡ୍ ବିହନରୁ ଭରଣା ହୋଇଥାଏ। ମାତ୍ର ପୂର୍ବବର୍ଷ ହାଇବ୍ରିଡ୍ ବିହନରୁ ଭଲ ଧାନ ହୋଇନଥିବାରୁ ଚାଷୀ ସେହି ବିହନକୁ ନାପସନ୍ଦ କରୁଛନ୍ତି। ସରକାରୀ ବିହନର ଭଲ ଚାହିଦା ଥିବାବେଳେ ଯୋଗାଣରେ ଅନିୟମିତତା ଚାଷୀ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ସରକାରୀ ବିହନକୁ ଅପେକ୍ଷା କରିବେ, ନା ବାହାରୁ କିଣି ବୁଣିବେ ତାକୁ ନେଇ ଏବେ ଚାଷୀ



ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅପରପକ୍ଷେ ସମବାୟ ସଂସ୍ଥା ପକ୍ଷରୁ ବିହନ ନିଗମକୁ ଚାଷୀଙ୍କ ଆବଶ୍ୟକତା ଅନୁସାରେ ଚିଠି କରାଯାଇଥିଲା। ହେଲେ ସେହି ଅନୁସାରେ ବିହନ ମିଳିନଥିବାରୁ ଏବେ ବିହନ ବଣ୍ଟନ ବେଳେ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ଗୋଟିଏପଟେ ଚାଷୀ ଏହି ବିହନ ପାଇଁ ବେଶ ଆଗ୍ରହ ପ୍ରକାଶ କରୁଥିବା ବେଳେ ସରକାର ଏହାକୁ କମ୍ ମାତ୍ରାରେ ଯୋଗାଉଛନ୍ତି। ଫଳରେ ଏମ୍‌ଏସ୍‌ପି ସହାୟତା ମିଳିବା ପରେ ଅଧିକ ଜମି ଚାଷ କରିବାକୁ ଚାହିଁ ବସିଥିବା ଚାଷୀ ବିହନ ପାଇଁ ଚିନ୍ତାରେ ପଡ଼ିଛି।

ବଜାରରେ ମିଳୁଥିବା ବିହନ ଉପରେ ମଧ୍ୟ ଚାଷୀ ନିର୍ଭର କରିପାରୁନି। କାରଣ ଅଧିକାଂଶ ସମୟରେ ଚାଷୀ ବଜାରରୁ ଆଣିଥିବା ବିହନ

**■ ସରକାରୀ ଦର ୨୫, ଦୋକାନରେ ୧୫୦**
**■ ବିହନ ପାଇଁ ଚିନ୍ତାରେ ଚାଷୀକୁଳ**

ନକଲି ବୋଲି ଜଣାପଡୁଛି। ବିଲରେ ବୁଣିବା ପରେ ଗଜା ଧରୁନଥିବାରୁ ସମସ୍ୟା ବଢ଼ିଯାଉଛି। ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସିରେ ଯାଞ୍ଚ କରାଯାଉଛି। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅଧିକ ଲାଭ ପାଇବା ଆଶାରେ ବାହାର ରାଜ୍ୟରୁ ନକଲି ବିହନ ଆଣି ବିକ୍ରି କରୁଥିବା ଅଭିଯୋଗ ହେଉଛି। କୋଲକାତା, କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟର କମ୍ପାନି ଏଜେଣ୍ଟମାନେ ପଞ୍ଚାୟତରେ ବୈଠକ କରି ଉଚ୍ଚ ଉତ୍ପାଦନ ସହିତ ଆକର୍ଷଣୀୟ ଅଫରର ଲୋଭ ଚାଷୀଙ୍କୁ ଦେଖାଉଛନ୍ତି। ଅନେକ ସମୟରେ ଚାଷୀ ଏହାଦ୍ୱାରା ପ୍ରଭାବିତ ହୋଇପଡୁଛନ୍ତି।

ଚାଷୀ ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ଯେଉଁ ସରକାରୀ ବିହନ ସରକାରୀ ଭାବେ ୨୦ରୁ ୨୫ଟଙ୍କାରେ ବିକ୍ରି ହୁଏ, ଖୋଲାବଜାରରେ ତାହା ୧୫୦ ଟଙ୍କାରେ ବିକ୍ରି ହେଉଛି। ନିଗମ ପାଖରେ ସେହି ବିହନ ରହୁନଥିବା ବେଳେ ଦୋକାନୀମାନଙ୍କ ପାଖରେ କେଉଁଠୁ ଆସୁଛି। ସେହି ବିହନ ପ୍ରାମାଣିକ ହୋଇଥିବା ବେଳେ ବାହାର ରାଜ୍ୟରୁ ବି ତାକୁ ଆଣିବା ସମ୍ଭବ ନୁହେଁ। ତେଣୁ ବିହନ ନିଗମ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ଚାଷୀ ବର୍ଷକର ଆୟ ପାଇଁ ବିହନ ଉପରେ ନିର୍ଭର କରିଥାଏ। ହେଲେ ସରକାର ଆରମ୍ଭରୁ ବିହନର ଦାମ୍ ବଢ଼ାଇଲେ। ଏବେ ପୁଣି ଦେବାରେ ଅନିୟମିତତା କରୁଛନ୍ତୁ। ତେଣୁ ଚାଷୀ ସଂପୂର୍ଣ୍ଣ ହତାଶ ହୋଇଯାଉଛି। ଏହାର ସ୍ଥାୟୀ ସମାଧାନ କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

**■ ୧୦ ପର୍ଯ୍ୟନ୍ତ ପ୍ରବଳ ଗୁଳୁଗୁଳି**

# ରଜରେ ମେଘୁଆ ପାଗ

ଭୁବନେଶ୍ୱର,୬।୬(ସମିସ): ଶନିବାରଠାରୁ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିବ। ତାପମାତ୍ରା ବୃଦ୍ଧି ଯୋଗୁଁ ଗରମ ଗୁଳୁଗୁଳି ବୃଦ୍ଧି ପାଇବ। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରା ତାତିର ପ୍ରଭାବ ଅଧିକ ରହିବାକୁ ଥିବା ବେଳେ ଉପକୂଳରେ ଗୁଳୁଗୁଳି କଲବଲ କରିବ। ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ଅନ୍ୟପଟେ ସକାଳୁ ଅପରାହ୍ଣ ୩ ଟା ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାକୁ ଥିବା ବେଳେ ୩ଟା ପରେ କିଛି କିଛି ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବ। ପ୍ରଚଣ୍ଡ ତାତି ଗୁଳୁଗିଳି ପରେ ସାମୁଦ୍ରିକ ବାୟୁର ପ୍ରବାହ ବଢ଼ିଲେ ଏଭଳି ସ୍ଥିତି ସୃଷ୍ଟି ହୋଇ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାରଠାରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ବୃଦ୍ଧି ପାଇବ। ତେଣୁ ରାଜ୍ୟରେ ତାତି ଓ ଗୁଳୁଗୁଳି ବୃଦ୍ଧି ପାଇବ। ମୌସୁମୀ ଏବେ ବିରତି ନେଇଛି। ଫଳରେ ବର୍ଷାରେ ରୋକ୍ ଲାଗିଛି। ବଙ୍ଗୋପସାଗରରେ କୌଣସି ଲଘୁଚାପ ବା ଘୂର୍ଣ୍ଣିବଳୟ ନ ହେବା ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେଣୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଗରମ ଗୁଳୁଗୁଳିରୁ ମୁକ୍ତି ମିଳିବାର ସମ୍ଭାବନା କମ୍ ରହିଛି। ମାତ୍ର ୧୦ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଏହା ରାଜ୍ୟରେ ବର୍ଷା କରାଇବା ନେଇ ସମ୍ଭାବନା ରହିଛି। ଏହି ସ୍ଥିତି ଉପୁଜିଲେ ରଜରେ ରାଜ୍ୟରେ ବର୍ଷା ସାଙ୍ଗକୁ ପାଗ ମେଘୁଆ ରହିବା ନେଇ ଅନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି ହୋଇଛି। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ନେଇ ସତର୍କ ସୂଚନା ଜାରି ହୋଇଛି। ଶୁକ୍ରବାର ସମ୍ବଲପୁରରେ ୩୯.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ଅପରାହ୍ଣରେ ପ୍ରବଳ ବର୍ଷା ହୋଇଛି। ଏଠାରେ ୭୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଜଗତସିଂହପୁର ୩୯, ଖୋର୍ଦ୍ଧା ୧୫, ଅନୁଗୁଳରେ ୧୨ ମିମି ବର୍ଷା ରେକର୍ଡ ହୋଇଛି।



ଶ୍ରୀକ୍ଷେତ୍ରରେ ଚାଲିଛି ରଥ ନିର୍ମାଣ: ଉଠିଲା ଗୟଳ ଓ ଗରଗରା (ଫଟୋ:ଅନିଲ)

# ଚାଷୀଙ୍କୁ ଠକିଦେଲେ ସରକାର

## ୪ ମାସ ହେଲା ବାକି ପଡ଼ିଛି ସାଢ଼େ ୪ କୋଟିର ଧାନବିକା ଟଙ୍କା

ଭୁବନେଶ୍ୱର,୬।୬(ସମିସ): ବିଜେପି ସରକାର ଧାନକିଣା ଦୁର୍ନୀତିରେ ବୁଡ଼ି ରହିଛି। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବେ ବୋଲି କହି ସରକାର ଚାଷୀଙ୍କୁ ଠକି ଦେଇଛନ୍ତି। ରାଇଘର ବ୍ଲକର ୩୪୪ଜଣ ଚାଷୀଙ୍କର ୧୪୨୫୨.୫୨ କୁଇଣ୍ଟାଲ ଧାନ ମଣ୍ଡିରୁ କିଣି ତା'ର ଦେୟ ବାବଦକୁ ୪ କୋଟି ୪୧ ଲକ୍ଷ ୮୨ ହଜାର ୬୮୬ ଟଙ୍କା ୪ ମାସ ହେବ ସରକାର ଚାଷୀଙ୍କୁ ଦେଉନାହାନ୍ତି ବୋଲି ପୂର୍ବତନ ସାଂସଦ ତଥା ବିଜେଡି ବରିଷ୍ଠ ନେତା ପ୍ରଦୀପ ମାଝୀ କହିଛନ୍ତି। ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଚାଷୀ ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଅହୋରାତ୍ର ଧାରଣା ଦିଆଯାଇଛି। ଏହି ଧାରଣା ୭ ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲ୍ଲା ଚାଷୀମାନଙ୍କର ଧାନକିଣାରେ ଦୁର୍ନୀତି ଏବଂ ଚାଷୀଙ୍କ ଠାରୁ ଧାନ କିଣି ସରକାର ଏପର୍ଯ୍ୟନ୍ତ ଟଙ୍କା ପଇଠ ନ କରିବା ପ୍ରସଙ୍ଗରେ ଏହି ଧାରଣା ଦିଆଯାଇଛି। ଏଥିରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି ଯେ ମଣ୍ଡିରୁ ଧାନ ଉଠିବାର ୪୮ ଘଣ୍ଟା ମଧ୍ୟ ଟଙ୍କା ଦେବାର ନିୟମ ରହିଛି। କିନ୍ତୁ ସରକାର କଣ ପାଇଁ ରାଇଘର ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି। ମୋହନ ଚରଣ ମାଝୀ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ଆଦିବାସୀ ଚାଷୀଙ୍କୁ ହଇରାଣ ହରକତ କରିବା ସହ ଶୋଷଣ କରୁଛନ୍ତି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି।



**ଗାନ୍ଧୀମାର୍ଗରେ ନବରଙ୍ଗପୁର ଜିଲ୍ଲାର ଶତାଧିକ ଚାଷୀଙ୍କ ଅହୋରାତ୍ର ଧାରଣା**

ଏହି ଧାରଣାରେ ମୁଖ୍ୟତଃ ଧାନ ଟଙ୍କା ପ୍ରଦାନ ସମେତ ୪ଟି ଦାବି ଉପସ୍ଥାପନ କରାଯାଇଛି। ଅନ୍ୟ ତିନିଗୋଟି ପ୍ରସଙ୍ଗ ମଧ୍ୟରେ ନବରଙ୍ଗପୁର ଜିଲ୍ଲାରୁ ୨୬ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିବା ଦର୍ଶାଯାଇଥିବା ବେଳେ ଏଠାରେ ୨୬ ଲକ୍ଷ କୁଇଣ୍ଟାଲ ଧାନ ରଖିବା ପାଇଁ ଗୋଦାମର ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି। ତେଣୁ ଜାଲ କାଗଜପତ୍ର ଜରିଆରେ ପଞ୍ଜିକୃତ କରାଯାଇଛି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଏଥିରେ ପ୍ରାୟ ୭ ଲକ୍ଷ କୁଇଣ୍ଟାଲ ଧାନ ଜାଲ୍ କାଗଜପତ୍ର ଜରିଆରେ ମିଥ୍ୟା ହିସାବ ଦେଖାଯାଇଛି। ମିଲର-ଲ୍ୟାମ୍ପ୍ସ-ସରକାରଙ୍କ ମଧୁଚନ୍ଦ୍ରିକାରେ ଏପରି ହୋଇଛି ଏବଂ ଚାଷୀଙ୍କୁ ଠକିବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି। ତୃତୀୟରେ ଧାନକିଣା ବ୍ୟବସ୍ଥାରେ ଜିଲ୍ଲାର ସରକାରୀ ପଦାଧିକାରୀ ଯଥା ସିଏସ୍‌ଓ, ଏସ୍‌ସିଏସ୍‌ଓ, ମାର୍କେଟ ଇନିସ୍‌ପେକ୍ଟର ଏବଂ ଧାନ ଅମଳ କମିଟିର ଅଧ୍ୟକ୍ଷ ନିଜେ ଜିଲ୍ଲାପାଳ ଥାଆନ୍ତି। ତେଣୁ ଏହି ସମସ୍ତ ଦୁର୍ନୀତି ଏହି କମିଟି ଦ୍ୱାରା ହୋଇଛି। ଏଥିପାଇଁ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି।

ଚାଷୀଙ୍କ ଧାନବିକ୍ରି ଟଙ୍କା ତୁରନ୍ତ ସୁଧ ସହ ଫେରାଇବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହାସହିତ କୋଅପରେଟିଭ ସଂସ୍ଥା ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ନୁହେଁ। ତେଣୁ ଏଥିରେ ହେଉଥିବା ଦୁର୍ନୀତିକୁ ସହଜରେ ଜାଣିବାର ସୁଯୋଗ ନାହିଁ। ସୁତରାଂ ତୁରନ୍ତ ଏହାକୁ ସୂଚନା ଅଧିକାର ଆଇନରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଚାଷୀ ମହାସଂଘ ଦାବି କରିଛି। ଏହି ଧାରଣାରେ ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନନ୍ଦ, ପୂର୍ବତନ ସାଂସଦ ଝିନ୍ନ ହିକ୍କା, ପୂର୍ବତନ ବିଧାୟକ ରଘୁରାମ ପୋଡ଼ାଲ, ପ୍ରୀତମ ପାଢ଼ୀ, ପ୍ରଭୁ ଜାନି, କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝଙ୍କାର ଓ ଜିଲ୍ଲା ପରିଷଦ ସଦସ୍ୟ ଯତୀନ୍ଦ୍ର ଗଣ୍ଡ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଚାଷୀମାନଙ୍କୁ ହେଉଥିବା ଶୋଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନବରଙ୍ଗପୁରର ରାଇଘର ବ୍ଲକର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଏହି ଧାରଣାରେ ଅଂଶଗ୍ରହଣ କରିଛନ୍ତି।

# ଲୋନ୍ ଆପ୍ ଜରିଆରେ ୪୯.୨କୋଟି ଠକେଇ

ଭୁବନେଶ୍ୱର, ୬।୬ (ସମିସ): ଡିଜିଟାଲ ଲୋନ୍ ଆପ୍ ଜରିଆରେ ସାରା ଦେଶରୁ ପାଖାପାଖି ୫୦ କୋଟି ଟଙ୍କା ଠକି ଗିରଫ ଦୁଇ ଚୀନ୍ ନାଗରିକଙ୍କ ବିରୋଧରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୩ଶହ

**■ ୨ ଚୀନ୍ ଠକଙ୍କ ବିରୋଧରେ ଚାର୍ଜସିଟ୍**
**■ ଓଡ଼ିଶାରୁ ଠକି ନେଇଛନ୍ତି କୋଟିଏ ଟଙ୍କା**

ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଜିଆ ୟୁ ମାଲାନ୍ ଏବଂ ୱିୟୁ ୟାନାଲ। ଇଡି ଏମାନଙ୍କୁ ତାମିଲନାଡୁରୁ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟ ଓଡ଼ିଶା ସମେତ ପୂରା ଦେଶରେ କିପରି ରାକେଟ୍ ଚଳାଉଥିଲେ, ଏହା ପଛରେ ଆଉ କେଉଁମାନଙ୍କର ହାତ ରହିଛି, ସେମାନଙ୍କ ଠକେଇ କରିବାର କୌଶଳ ଆଦି ସବୁ କିଛି ଇଡି ତା'ର ଚାର୍ଜସିଟ୍‌ରେ ଉଲ୍ଲେଖ କରିଥିବା ଜଣାଯାଇଛି।

ଟୁରିଷ୍ଟ ଭିସାରେ ଆସିଥିବା ଚୀନ୍‌ର ଏହି ନାଗରିକଦ୍ୱୟ ଲୋନ୍ ଆପ୍ ଜରିଆରେ ଲୋକଙ୍କୁ ଠକିବା ଆରମ୍ଭ କରିଥିଲେ। ଆପ୍ ଜରିଆରେ ସେମାନେ ଲୋକଙ୍କୁ ୫ରୁ ୧୦ ହଜାର ଟଙ୍କାର ଲୋନ୍ ଅତି ସହଜରେ ଦେଇ ଦେଉଥିଲେ। କିନ୍ତୁ ଉକ୍ତ ଆପ୍ ଜରିଆରେ ସେମାନେ ଋଣକର୍ତ୍ତାଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ନେଇ ଯାଉଥିଲେ। ପରେ ତାହାକୁ ଆଧାର କରି ଲୋକଙ୍କୁ ମନଇଚ୍ଛା ଟଙ୍କା ମାଗୁଥିଲେ। ଯେଉଁମାନେ ଟଙ୍କା ଦେଉନଥିଲେ, ସେମାନଙ୍କୁ ବିଭିନ୍ନ ଜରିଆରେ ବ୍ଲାକମେଲ୍ କରୁଥିଲେ। ଲୋନ୍ ନେଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ, ସାଙ୍ଗ ଏବଂ ପରିବାରଲୋକଙ୍କୁ ସେମାନଙ୍କ ଅଶ୍ଳୀଳ ଏଡିଟିଂ ଫଟୋ ପଠାଇବାକୁ କହି ଧମକାଉଥିଲେ। ସେମାନଙ୍କ ଏଭଳି ବ୍ଲାକ୍‌ମେଲିଂ ପାଇଁ ଅନେକ ଲୋକ ଜୀବନ ମଧ୍ୟ ହାରିଛନ୍ତି। ଧୀରେଧୀରେ ସେମାନଙ୍କ ନେଟ୍‌ୱାର୍କ ପୂରା ଦେଶକୁ ଲମ୍ବି ଯାଇଥିଲା। ଏପରି କରି ସେମାନେ ଓଡ଼ିଶାରୁ ମଧ୍ୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ଇଡି ତଦନ୍ତରୁ ଜଣାପଡ଼ିଛି।

ଖାଲି ସେତିକି ନୁହେଁ, ଅଭିଯୁକ୍ତଦ୍ୱୟ ଠକେଇ ଟଙ୍କାକୁ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ଚାଇନାକୁ ପଠାଉଥିଲେ।

# କଳାହାଣ୍ଡି ଡେପୁଟି କଲେକ୍ଟର ନିଲମ୍ବିତ

ଭବାନୀପାଟଣା, ୬।୬(ସମିସ): କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଗ୍ରିଭାନ୍ସ ସେଲ୍‌ରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଶୁକ୍ରବାର ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ନିଲମ୍ବିତ କରିଛି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସୁପାରିଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୦ରୁ ୨୦୨୨ ମସିହା ମଧ୍ୟରେ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବା ସମୟରେ ତାଙ୍କ ବିରୋଧରେ ଜମିଜମା ସମ୍ପର୍କିତ କିଛି ମାମଲା ରହିଥିଲା। ଜମି କିସମରେ ତଞ୍ଚକତା କରିବା ଭଳି ଗୁରୁତର ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି।



# ପୁଣି ଜଣେ ନାବାଳିକା ୬ ମାସର ଅନ୍ତଃସତ୍ତ୍ୱା

କପ୍ତିପଦା, ୬।୬ (ସମିସ): ରାଜ୍ୟରେ ନାରୀବିରୋଧୀ ହିଂସା, ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ କେଉଁଠୁ ନା କେଉଁଠୁ ଦୁଷ୍କର୍ମ, ହତ୍ୟା, ଅପହରଣ ଭଳି ଖବର ଆସୁଛି। ସରକାର ଏହାକୁ ଅଟକାଇବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ମୟୂରଭଞ୍ଜ ଜିଲ୍ଲାରୁ ପୁଣି ଏକ ନାବାଳିକା ଉତ୍ପୀଡ଼ନ ଖବର ଆସିଛି। ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା ୬ ମାସର ଅନ୍ତଃସତ୍ତ୍ୱା ହୋଇଛି। କପ୍ତିପଦା ଥାନା ଅଞ୍ଚଳରେ ଏହି ଆପରାଧିକ ଘଟଣା ଘଟିଛି। ପ୍ରଲୋଭନ ଦେଖାଇ ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ୍ ମୋରଡ଼ା ଥାନା ଅଞ୍ଚଳର ବସନ୍ତ ନାଇକକୁ ଗିରଫ କରି କୋର୍ଟଚାଲାଣ କରିଛି।

ପୁଲିସ୍ ସୂଚନାନୁଯାୟୀ, ପୀଡ଼ିତାର ସଂପର୍କୀୟ ଭାଇ ବସନ୍ତ। ୬ ମାସ ତଳେ ନାବାଳିକାଜଣଙ୍କ ବସନ୍ତ ଘରକୁ ଆସିଥିବା ବେଳେ ବସନ୍ତ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ହେବା ପରେ ଘଟଣା ପଦାକୁ ଆସିଥିଲା। ଏନେଇ ନାବାଳିକାର ପରିବାରଲୋକ ଥାନାରେ ଅଭିଯୋଗ କରିବାରୁ କପ୍ତିପଦା ପୁଲିସ୍ ଏକ ମାମଲା ରୁଜୁ କରି ବସନ୍ତକୁ ଗିରଫ କରିଥିଲା।

# ମାସକ ମଧ୍ୟରେ କୋଟିଆ ପାଇଁ ରୋଡ୍‌ମ୍ୟାପ୍

**■ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ; କୌଣସି ସାଲିସ୍ କରାଯିବ ନାହିଁ**
**■ ଅଦାଲତରେ କୋଟିଆ ମାମଲାକୁ ପୁନଃଜୀବିତ କରାଯିବ: ରାଜସ୍ୱ ମନ୍ତ୍ରୀ**

ଭୁବନେଶ୍ୱର,୬।୬(ସମିସ): କୋଟିଆବାସୀଙ୍କ ହୃଦୟ ଜୟ କରିବା ପାଇଁ ଯାହା ଯାହା ବିକାଶମୂଳକ କାର୍ଯ୍ୟ ଆବଶ୍ୟକ, ତାହା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯିବ। ସେମାନଙ୍କ ସାମାଜିକ, ସାଂସ୍କୃତିକ ଉନ୍ନତି ସହ ଯୁବସମାଜର ସମସ୍ୟାର ସମାଧାନ କରାଯିବ। ଏନେଇ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ନିଜ ନିଜ ବିଭାଗର ରୋଡ୍‌ମାପ ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ଏକ ମାସ ମଧ୍ୟରେ ପ୍ରସ୍ତୁତ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

କୋଟିଆ ପ୍ରସଙ୍ଗକୁ ନେଇ ଶୁକ୍ରବାର ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଟିଆକୁ ନେଇ ଗଠିତ କମିଟିର ଏହି ପ୍ରଥମ ବୈଠକରେ କୋଟିଆର ବିକାଶ ନେଇ ମାଷ୍ଟରପ୍ଲାନ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି। ରାସ୍ତାଘାଟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ସ୍ୱତନ୍ତ୍ର ମାର୍କେଟ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଚାଷଜମିରୁ ମାର୍କେଟ ଯାଏଁ କିପରି ଶସ୍ୟ ଆସିବ ଏବଂ ଏହା କିପରି ବିକ୍ରି ହୋଇ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳିପାରିବ ସେନେଇ ରୋଡମ୍ୟାପ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ କୋଟିଆ ହେଉଛି ଓଡ଼ିଶାର ଏକ ଅବିଚ୍ଛେଦ ଅଙ୍ଗ। ଏହାକୁ ନେଇ କୌଣସି ସାଲିସ କରାଯିବ ନାହିଁ। ଆଜିର ବୈଠକରେ ପ୍ରାଥମିକ ଆଲୋଚନା ସମ୍ପନ୍ନ ହୋଇଛି। କେଉଁ କେଉଁ ପଦକ୍ଷେପ ଅତୀତରେ ନିଆଯାଇଛି ଏବଂ ଅତୀତରେ ବିଧାନସଭା ଗୃହ କମିଟି ଯେଉଁ ସୁପାରିସ କରିଥିଲେ, ସେନେଇ କେଉଁ ପଦକ୍ଷେପ ନିଆଯାଇଛି, ତାହାର ରିପୋର୍ଟ ମଗାଯାଇଛି। ଆସନ୍ତା ବୈଠକରେ ଏହି ରିପୋର୍ଟଗୁଡ଼ିକ ଉପସ୍ଥାପିତ ହେବ। ପୂର୍ବରୁ ସୁପ୍ରିମକୋର୍ଟରେ କୋଟିଆ ପ୍ରସଙ୍ଗରେ ଓଡ଼ିଶା ମାମଲା ହାରିଥିବା ବେଳେ ଏହି ମାମଲାକୁ ପୁନଃଜୀବିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସହ କମିଟିର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କୋଟିଆ ପାଇଁ ଗଠିତ କମିଟିରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, କୋରାପୁଟ ଜିଲ୍ଲାପାଳ ଓ ଏସପିଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ରହିଛନ୍ତି।

**ସୀମା ବିବାଦକୁ ନେଇ ବିଜେଡିର କଟାକ୍ଷ**

# ବର୍ଷକ ପରେ ସରକାରଙ୍କୁ ମନେପଡ଼ିଲା 'କୋଟିଆ'

ଭୁବନେଶ୍ୱର,୬।୬(ସମିସ): କୋଟିଆ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବକ୍ତବ୍ୟକୁ ନେଇ ପ୍ରବଳ ବର୍ଷିଛି ବିଜେଡି। କ୍ଷମତାକୁ ଆସିବାର ପ୍ରାୟ ଏକ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଚୁପ୍ ରହି ଆସିଥିବା ବେଳେ ଆଜି ମନେ ପକେଇଛନ୍ତି । କୋଟିଆରେ ଭିତ୍ତିଭୂମି ବିକାଶ ହେବ ବୋଲି ମନ୍ତ୍ରୀ ବକ୍ତବ୍ୟ ଦେଇଛନ୍ତି; ମାତ୍ର ସୀମା ବିବାଦର ସମାଧାନ ଉପରେ ନିରବ ରହିଛନ୍ତି। କୋଟିଆ ସୀମା ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ଗତ ଏକ ବର୍ଷ କେବଳ ମଧୁଚନ୍ଦ୍ରିକାରେ ବିତିଛି। କୋଟିଆ, ପୋଲାଭରମ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗତ ଏକ ବର୍ଷ ମଧ୍ୟରେ ସରକାର ମୁହଁ ଖୋଲିନାହାନ୍ତି । ଏକ ବର୍ଷ ପୂର୍ତ୍ତିକୁ ନେଇ ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ଆୟୋଜନ କରାଯାଉଥିବା ବେଳେ କେବଳ ଉପରଠାଉରିଆ ଭାବେ ଆଜି କୋଟିଆ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଛି। ଶ୍ରୀ ମାଝୀ କହିଥିଲେ ଯେ ରାଜସ୍ୱ ମନ୍ତ୍ରୀ କୋଟିଆର ଭିତ୍ତିଭୂମି ବିକାଶ କରାଯିବ ବୋଲି ଦେଇଥିବା ମନ୍ତବ୍ୟ କେବଳ ଧର୍ମକୁ ଆଖିଠାର । କାରଣ କୋଟିଆରେ ସୀମା ବିବାଦ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ସେ ଦିଗରେ ମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । କୋଟିଆର ଭିତ୍ତିଭୂମି ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ଏକକାଳୀନ ୧୬୪ କୋଟି ଟଙ୍କା ପ୍ରଦାନ କରିଥିଲେ । ସେଠାରେ ସମଗ୍ର ଗ୍ରାମାଞ୍ଚଳର ରାସ୍ତା, ସମସ୍ତ ଗ୍ରାମକୁ ପାନୀୟ ଜଳ, ବିଜୁଳି



ସଂଯୋଗ ଓ ସାମାଜିକ ସୁରକ୍ଷା ଯୋଜନା ସଫଳତାର ସହିତ ଲାଗୁ କରାଯାଇଥିଲା। କୁନ୍ଦୁଲି ଓ କୋଟିଆ ଅଞ୍ଚଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା, ଯାହା ଫଳରେ ଆଜି ସେହି ଅଞ୍ଚଳରୁ ସମଗ୍ର ରାଜ୍ୟକୁ ପନିପରିବା ଆସୁଛି ।

ଶ୍ରୀ ମାଝୀ କହିଥିଲେ ଯେ କୋଟିଆ ସୀମା ବିବାଦ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ଓ କେନ୍ଦ୍ର ଗୃହ ମନ୍ତ୍ରାଳୟ ସହିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଆଜି ରାଜ୍ୟରେ ଓ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ଆନ୍ଧ୍ରପ୍ରଦେଶରେ ମଧ୍ୟ ବିଜେପିର ସହଯୋଗୀ ଦଳର ସରକାର ଅଛି। କିନ୍ତୁ ରାଜ୍ୟ ସରକାର ଏହି ସମସ୍ୟା ସମାଧାନ ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି। ବର୍ତ୍ତମାନ ଟ୍ରିପଲ ଇଞ୍ଜିନ ସରକାର ଥିଲାବେଳେ ରାଜ୍ୟ ସରକାର କାହିଁକି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଥିଲେ । ଡ. ଲେନିନ ମହାନ୍ତି କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ

**■ ବିବାଦ ସମାଧାନ ପାଇଁ ଟ୍ରିପଲ ଇଞ୍ଜିନର ଆନ୍ତରିକତା ନାହିଁ**
**■ ନବୀନ ସରକାର କରିଥିଲେ କୋଟିଆରେ ଭିତ୍ତିଭୂମିର ବିକାଶ**

ଅନ୍ତଃରାଜ୍ୟ କାଉନସିଲ ବୈଠକରେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ମୁହଁ ଖୋଲିନଥିଲେ। ଯାହା କୋଟିଆ ସୀମା ବିବାଦ ସମାଧାନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଜିର ବୈଠକରେ ସୀମା ବିବାଦ ନେଇ ରାଜ୍ୟ ସରକାର ନିରବ ରହିବା ଯୋଗୁଁ ଆଜିର ବୈଠକ ଏକ ଭେକିକିରେ ପରିଣତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟରେ ପୂର୍ବ ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଓଡ଼ିଶାର ଦାବି ଗ୍ରହଣୀୟ ହୋଇପାରିଲା ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ।

# ସାମାନ୍ୟ ବଚସାକୁ କେନ୍ଦ୍ରକରି ହତ୍ୟା

## ଶୋଇଥିବା ବେଳେ ଘରୁ ଟାଣିନେଇ ପିଟିପିଟି ମାରିଦେଲେ ଦୁଇଭାଇ

ପାଲଲହଡ଼ା, ୬।୬(ସମିସ)

ସାମାନ୍ୟ ବଚସାକୁ କେନ୍ଦ୍ରକରି ପାଲଲହଡ଼ା ଥାନା ବନ୍ଧାଭୂଇଁ ପଞ୍ଚାୟତ ଭୀମକାଣ୍ଡ ଗାଁରେ ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ଶୋଇଥିବା ବେଳେ ଘରୁ ଟାଣିନେଇ ଠେଙ୍ଗା ଓ କାଠଫାଳିଆରେ ପିଟି ପିଟି ଅତି ନିର୍ମମ ଭାବେ ଦୁଇଭାଇ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଭୀମକାଣ୍ଡ ଗାଁର ନକୁଳ ପ୍ରଧାନ (୫୭)। ଗାଁର ଜିତୁ ପ୍ରଧାନ ଓ କାହ୍ନୁ ପ୍ରଧାନ ତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ରଜ ପର୍ବ ପାଇଁ ଭୀମକାଣ୍ଡ ଗାଁରେ ଚାଲିଥିଲା ପ୍ରସ୍ତୁତି। ଗୁରୁବାର ଦ୍ୱିପ୍ରହର ସମୟରେ ଗାଁ ରଜଖଳାରେ କିଛି ଗ୍ରାମବାସୀ ଦୋଳି ପ୍ରସ୍ତୁତି କାମରେ ଲାଗିଥିବା ବେଳେ ଆଉ କେତେଜଣ ଆଗ୍ରହର ସହ ଦେଖୁଥିଲେ। ଏହି ସମୟରେ ସାମାନ୍ୟ କଥାକୁ ନେଇ ନକୁଳଙ୍କ ସହ ଜିତୁଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ନକୁଳ ସ୍ୱାଭାବିକ ଭାବେ ଘରକୁ ଆସି ସନ୍ଧ୍ୟାରେ ସ୍ତ୍ରୀଙ୍କ ସହ ଖାଇପିଇ ଶୋଇଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ଜିତୁ ଓ ତାଙ୍କ ଭାଇ କାହ୍ନୁ ଦ୍ୱିପ୍ରହର ସମୟର ବଚସାକୁ କେନ୍ଦ୍ରକରି ନକୁଳଙ୍କୁ ଘରୁ ଟାଣିନେଇ ଠେଙ୍ଗା ଓ କାଠଫାଳିଆରେରେ ନିସ୍ତୁକ ପିଟିଥିଲେ। ନକୁଳଙ୍କ ସ୍ତ୍ରୀ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବା ବେଳେ ତାଙ୍କୁ ମଧ୍ୟ ଅଭିଯୁକ୍ତ ଦ୍ୱୟ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ନକୁଳଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ଘୋଷାଡ଼ି ଘୋଷାଡ଼ି ଆଣି ତାଙ୍କ ଘର ସାମନା ରାସ୍ତା କଡ଼ରେ ପକାଇ ଦେଇ ଦୁଇଭାଇ ଫେରାର ହୋଇଯାଇଥିଲେ। ଖବର ପାଇ ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ଓ ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଅଭିଯୁକ୍ତ ଦୁଇ ଭାଇଙ୍କ ମଧ୍ୟରୁ ସାନଭାଇ ନାବାଳକ ବୋଲି ଜଣାପଡ଼ିଛି।

# ଆମ୍ବେଦକର ପାଠଶାଳାର ୩ୟ ବାର୍ଷିକ ଉତ୍ସବ

ତାଳଚେରସଦର, ୬।୬(ସମିସ): ଆମ୍ବେଦକର ପାଠଶାଳାର ୩ୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ତିନିବର୍ଷ ପୂର୍ବେ ଆମ୍ବେଦକର ବାବା ଯୁବକ ସଂଘ ସଭାପତି ବିକଳ ଚରଣ ନାଏକ ଏବଂ ରଣଜିତ୍ ନାଏକଙ୍କ ସହଯୋଗରେ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ପାଇଁ ଏହି ପଠଶାଳା ଆରମ୍ଭ ହୋଇଥିଲା। ଶୁକ୍ରବାର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ବିଜେଡି ଉପସଭାପତି ଦିଲୀପ ପ୍ରଧାନ ଯୋଗଦେଇ ଶିକ୍ଷାର ବିକାଶ ନିମନ୍ତେ ଅନୁଷ୍ଠାନର ଏହି ପ୍ରୟାସକୁ



ପ୍ରଶଂସା କରିଥିଲେ। ଏଥିସହ ପିଲାମାନଙ୍କୁ ବହି, ଖାତା, କଲମ ଓ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡଅଁରା ପଞ୍ଚାୟତ ସରପଞ୍ଚ ନନ୍ଦକିଶୋର ବେହେରା, ତାଳଚେର ଦଳିତ ମହାସଂଘ ସଭାପତି ମନୋଜ ନାଏକ, ସହସମ୍ପାଦକ ସୁବାସ ଚନ୍ଦ୍ର ଗଡ଼ନାୟକ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପାଠଶାଳାର ଅଧକ୍ଷ ବିକଳ ଚରଣ ନାଏକ ବାର୍ଷିକ ବିବରଣୀ ପାଠ କରିବା ସହ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆମ୍ବେଦକର ବାବା ଯୁବକ ସଂଘର ସମସ୍ତ ସଦସ୍ୟ ଏବଂ ଅଭିଭାବକ ଯୋଗଦେଇଥିଲେ।

# ଫେରାର ଗଞ୍ଜେଇ ବ୍ୟବସାୟୀ ଗିରଫ

କିଶୋରନଗର, ୬।୬(ସମିସ): କିଶୋରନଗର ଥାନା ପୁଲିସ ଶୁକ୍ରବାର ସଞ୍ଜାମୁରା ଗ୍ରାମରେ ଚଢ଼ଉ କରି ଫେରାର ଥିବା



ଗଞ୍ଜେଇ ବ୍ୟବସାୟୀ ଲିକୁନ ରାଉଳଙ୍କୁ ଗିରଫ କରିଛି। ଲିକୁନ ଗଞ୍ଜେଇ ବ୍ୟବସାୟ କରୁଥିବା ନେଇ ତାଙ୍କ ନାମରେ ୨୦୨୨ରେ ମାମଲା ଥିବା ବେଳେ ସେ ଦୀର୍ଘ ୩ ବର୍ଷ ହେବ ଫେରାର ଥିଲେ। ସେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଏସଟିଏଫର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ଗଞ୍ଜେଇ ଜବତ କରିଥିଲା। ହେଲେ ଲିକୁନ ଚକମା ଦେଇ ଫେରାର ହୋଇଯାଇଥିଲେ। ସେ ଘରେ ଥିବା ଥାନା ଆଇଆଇସି ବିଭୂତି ପ୍ରଧାନ ଖବର ପାଇ ଏକ ଟିମ ଦ୍ୱାରା ଚଢ଼ଉ କରି ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଥିବା ଅନୁଗୋଳ ଏସପି ସୂଚନା ଦେଇଛନ୍ତି।

# ଘରୁ ନାଗସାପ ଉଦ୍ଧାର

ବଇଣ୍ଡା, ୬।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଆନନ୍ଦମୁଣ୍ଡା ଗ୍ରାମର ସଞ୍ଜୀବ ସାହୁଙ୍କ ରୋଷେଇ ଘରୁ ଶୁକ୍ରବାର ଏକ ନାଗସାପ ଉଦ୍ଧାର କରାଯାଇଛି। ଏ ନେଇ ସଞ୍ଜୀବ ସାପ ଉଦ୍ଧାରକାରୀଙ୍କୁ ସୂଚନା ଦେଇଥିଲେ। ସାପ ଉଦ୍ଧାରକାରୀ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

# ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା



ଅନୁଗୋଳ, ୬।୬(ସମିସ): ଅନୁଗୋଳ ସନ୍ତରଣାଗାରରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଏହି ପ୍ରତିଯୋଗିତାକୁ ଉଦଘାଟନ କରି ଛାତ୍ରଛାତ୍ରୀମାନେ ସନ୍ତରଣ ଶିଖିବା ନିହାତି ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଓ ସନ୍ତରଣ ବିଭାଗ ପରିଚାଳକ ପ୍ରମୁଖ ଯୋଗଦେଇଥିଲେ। ସର୍ବକନିଷ୍ଠ, କନିଷ୍ଠ ଆଦି ବିଭିନ୍ନ ବର୍ଗରେ ଫ୍ରି ଷ୍ଟାଇଲ ଓ ବଟରଫ୍ଲାଏ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ଲିଙ୍ଗରାଜ କୋଇଲା ଖଣି

# ୮ ଦଫା ଦାବି ନେଇ କର୍ମଚାରୀଙ୍କ ଧାରଣା



ତାଳଚେରସଦର, ୬।୬(ସମିସ): ୮ ଦଫା ଦାବି ନେଇ ତାଳଚେର ଲିଙ୍ଗରାଜ କୋଇଲା ଖଣି ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏଚ୍‌ଏମ୍‌ଏସ୍ ଶ୍ରମିକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଲିଙ୍ଗରାଜ କୋଇଲା ଖଣି କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହୋଇଆସୁଛି। କର୍ମଚାରୀମାନଙ୍କୁ ଉପଯୁକ୍ତ କ୍ୱାର୍ଟର୍ସ ପ୍ରଦାନ କରାଯାଉ ନାହିଁ। ଯେଉଁ କର୍ମଚାରୀଙ୍କୁ କ୍ୱାର୍ଟର୍ସ ମିଳିଛି ତାହାର କୌଣସି ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଏଥିସହ ସମସ୍ତ କଲୋନୀରେ ସିସିଟିଭି ଲଗାଇବା ଓ ଏମସିଏଲ୍ ହସ୍ପିଟାଲରେ କର୍ମଚାରୀଙ୍କୁ ସମସ୍ତ ପ୍ରକାର ଔଷଧ, ମେଡିକାଲ ସୁବିଧା ଯୋଗାଇଦେବା, ଯେଉଁ କର୍ମଚାରୀ ଅନେକ ଦିନ ଧରି ଗୋଟିଏ ଗ୍ରେଡ୍‌ରେ କାମ କରୁଛନ୍ତି, ସେମାନଙ୍କୁ ପ୍ରୋନ୍ନତି ଦେବା, ଦେଉଳ କଲୋନୀ ଓ ଲିଙ୍ଗରାଜ କଲୋନୀଗୁଡ଼ିକରେ ଜବରଦଖଲରେ ଥିବା କ୍ୱାର୍ଟର୍ସ ଓ ଜମିଗୁଡ଼ିକ ମାଫିଆମାନଙ୍କ କବ୍ଜାରେ ଥିବାରୁ ଚୋରି ରାହାଜାନି ଘଟୁଛି, ଫଳରେ କଲୋନୀବାସୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି, ଏଣୁ ଏହାକୁ ତୁରନ୍ତ ଉଚ୍ଛେଦ କରିବାକୁ ଶ୍ରମିକମାନେ ଦାବି କରିଥିଲେ। ସମସ୍ତ ଦାବି ଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଖଣିବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଧାରଣାରେ ଏଚ୍‌ଏସ୍‌ଏସ୍ର ଶ୍ରମିକ ସଙ୍ଗଠନ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ବାରିକ, କର୍ମଚାରୀ ଝରଣାମୟୀ ପ୍ରଧାନ, ଦୁଃଖୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# କଣ୍ଟେଇକୋଳିଆରେ ଚଷା ସମାଜ ବୈଠକ

ବଇଣ୍ଡା, ୬।୬(ସମିସ): କୃଷି ବିନା ଦେଶର ଉନ୍ନତି ଅସମ୍ଭବ। ହେଲେ ସରକାର କୃଷିର ବିକାଶ ଦିଗରେ ଅବହେଳା କରୁଛନ୍ତି। ଆବଶ୍ୟକ ଜଳସେଚନ ପ୍ରକଳ୍ପ ନିର୍ମାଣ କରୁନାହାନ୍ତି। ଫଳରେ ଚାଷୀ ବର୍ଷତମାମ ଚାଷ କରିପାରୁନାହାନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ କଣ୍ଟେଇକୋଳିଆ ଗ୍ରାମରେ ଅନୁଷ୍ଠିତ ନିଖିଳ ଉତ୍କଳ ଚଷା ଖୋଳପଦା ପ୍ରଗଣାର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ପ୍ରକାଶ କରିଛନ୍ତି। ଭାଗୀରଥି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହେଶ୍ୱର



ଦେହୁରୀ, ଦୀନବନ୍ଧୁ ସାହୁ, ଈଶ୍ୱର କୁମାର ସାହୁ, ବେଣୁଧର ଦେହୁରୀ, ପ୍ରଦୀପ ବିଶ୍ୱାଳ, କୈଳାସ ଚନ୍ଦ୍ର ପ୍ରଧାନଙ୍କ ସମେତ ଚଷା ସମାଜର ସଦସ୍ୟମାନେ ଯୋଗଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ପରେ ବୈଠକ ଆରମ୍ଭ ହୋଇଥିଲା। ୨୧ଟି ପୁଞ୍ଜର ସଦସ୍ୟ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆୟବ୍ୟୟ ହିସାବ କରାଯିବା ପରେ ସମାଜର ନୀତିନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା।

## ■ ପରକୀୟା ପ୍ରୀତି ସନ୍ଦେହ

# ଯୁବକଙ୍କୁ ରଶିରେ ବାନ୍ଧି ନିସ୍ତୁକ ମାଡ଼

ପାଲଲହଡ଼ା, ୬।୬(ସମିସ): ପରକୀୟା ପ୍ରୀତି ସନ୍ଦେହକୁ ନେଇ ଜଣେ ଯୁବକଙ୍କୁ ତାଙ୍କ ପଡ଼ୋଶୀ ରଶିରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଗୁରୁବାର ରାତିରେ ପାଲଲହଡ଼ା ଉପଖଣ୍ଡ ଖମାର ଥାନା ରଜଡଙ୍ଗ ଗ୍ରାମର ଜଣେ ଯୁବକ ଇଞ୍ଜିଡ଼ି ପଞ୍ଚାୟତର ଜଣେ ମହିଳାଙ୍କ ଘରେ ପଶିଥିବା ବେଳେ ଗାଁର ଖଗେଶ୍ୱର ବେହେରା, ତାଙ୍କ ଭାଇ ଝସକେତନ ଓ ଗାଁର ଅନ୍ୟଜଣେ ଯୁବକ ସୁନୀଲ ଦେହୁରୀ ତାଙ୍କୁ ଏକ ରଶିରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ଉଭୟ ପକ୍ଷରୁ ଖମାର ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଦୁଇଟି ମାମଲା ରୁଜୁ କରି ୪ ଜଣଙ୍କୁ ଥାନାକୁ ଆଣି ଧାରା ୪୧ରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

# ପୁଲିସ ନାଁ କହି ଚାନ୍ଦା ଆଦାୟ

## ■ ଏସ୍‌ପିଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

ବଇଣ୍ଡା, ୬।୬(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ପାଇକସାହି, ଟାପଡୋଲ, ଖମାର ଅଞ୍ଚଳରୁ କିଛିଦିନ ହେବ ଜଣେ ଯୁବକ ନିଜକୁ ପୁଲିସ ପରିଚୟ ଦେଇ ଚୋରା ବ୍ୟବସାୟୀଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ପାଇକସାହି ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଏସପିଙ୍କୁ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଟାପଡୋଲ ଫାଣ୍ଡି ଅଞ୍ଚଳରେ କିଛିମାସ ହେବ ଅବାଧ ଚୋରା ବ୍ୟବସାୟ ଚାଲିଛି। ବିଶେଷକରି ଏହି ବାଟଦେଇ ପ୍ରତ୍ୟେକ ଦିନ ଗୋଚାଲାଣ ହେଉଥିବା ସହ ଅବାଧ ଚୋରାମଦ କାରବାର ହେଉଛି। ଏହି ବେଆଇନ କାରବାର ଉପରେ ଲଗାମ ଲଗାଇବାରେ ପୁଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତେବେ ଜଣେ ଯୁବକ ପୁଲିସ ନାଁ କହି ଉକ୍ତ ଚୋରାମଦ ବ୍ୟବସାୟୀ, ଗୋଚାଲାଣକାରୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ଏଥିରେ କିଛି ପୁଲିସ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଥିବା ଅଭିଯୋଗ କରିଚନ୍ତି। ଏପରିକି ଚୋରା ବ୍ୟବସାୟୀମାନେ ସମ୍ପୃକ୍ତ ଯୁବକଙ୍କୁ ଚାନ୍ଦା ଦେଇ ନିରାପଦରେ ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ଅଞ୍ଚଳରେ ଆଇନଶୃଙ୍ଖଳା ଭୁଶୁଡ଼ିପଡ଼ିଛି। ଏ ସମ୍ପର୍କରେ ଠାକୁରଗଡ଼ ଥାନାକୁ ଅବଗତ କରାଇଯାଇଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଏସପି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆ କୁହନ୍ତି ଘଟଣାର ତଦନ୍ତ କରାଯିବ। ଯଦି ଏଥିରେ ପୁଲିସ କର୍ମଚାରୀ ସମ୍ପୃକ୍ତ ଥିବେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଲୋକଙ୍କ କାମ କରୁନାହାନ୍ତି ଏଡିଇଓ

# ବଦଳି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସରପଞ୍ଚ

ବଇଣ୍ଡା, ୬।୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଆମ୍ବପାଳ ଓ ବାମୁର ପଞ୍ଚାୟତରେ କାର୍ଯ୍ୟରତ ଏଡିଇଓ ନଚିକେତା ପ୍ରଧାନକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ନଚିକେତା ଦୁଇ ପଞ୍ଚାୟତ ଦାୟିତ୍ୱରେ ଥିବା ବେଳେ କୌଣସି ପଞ୍ଚାୟତକୁ ଆସୁ ନ ଥିବା ଉଭୟ ସରପଞ୍ଚ ଅଭିଯୋଗ କରିଛନ୍ତି। ସେ ଆମ୍ବପାଳ ପଞ୍ଚାୟତକୁ ଆସୁ ନ ଥିବା ନେଇ ସରପଞ୍ଚ ସୁଲୋଚନା ବୀର ଗୁରୁବାର କିଶୋରନଗର ବିଡିଓଙ୍କୁ ଅଭିଯୋଗ କରିଥିବା ବେଳେ ବାମୁର ପଞ୍ଚାୟତକୁ ମଧ୍ୟ ଆସୁ ନ ଥିବା ଶୁକ୍ରବାର ପୁଣି ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଏ ନେଇ ସଞ୍ଜୀବ ମୁଖ୍ୟମନ୍ତ୍ରୀଙ୍କୁ ମେଲ ଜରିଆରେ ଅଭିଯୋଗ କରିଛନ୍ତି। ବିଭିନ୍ନ ଆଳ ଦେଖାଇ ତାଙ୍କ ପଞ୍ଚାୟତକୁ ଏଡିଇଓ ନଚିକେତା ପ୍ରଧାନ ଆସୁ ନ ଥିବା ଅଭିଯୋଗରେ ଦର୍ଶାଇବା ସହ ତୁରନ୍ତ ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସେ ନିବେଦନ କରିଛନ୍ତି।

ଅଭିଯୋଗପତ୍ରରେ ସଞ୍ଜୀବ ଉଲ୍ଲେଖ କରିଛନ୍ତି ଯେ ନଚିକେତା ପ୍ରଧାନ ଆମ୍ବପାଳ ଓ ବାମୁର ପଞ୍ଚାୟତର ଦାୟିତ୍ୱ ନେଇଥିବା ବେଳେ ଉଭୟ ପଞ୍ଚାୟତକୁ କାର୍ଯ୍ୟ କରିବା ପାଇଁ ଆସୁନାହାନ୍ତି। ତାଙ୍କ ଅନୁପସ୍ଥିତି ଯୋଗୁଁ ପଞ୍ଚାୟତର କୌଣସି କାର୍ଯ୍ୟ ଠିକ ଭାବେ ହୋଇପାରୁନାହିଁ। ବ୍ଲକର ଜଣେ ଅଧିକାରୀ ତାଙ୍କୁ ଘଣ୍ଟ ଘୋଡ଼ାଉଥିବାରୁ ସେ କାମ କରୁ ନ ଥିବା ବାମୁର ସରପଞ୍ଚ ଅଭିଯୋଗ କରିଛନ୍ତି। ଫଳରେ ବାମୁର ପଞ୍ଚାୟତରେ ଲୋକେ ସଠିକ ସମୟରେ ସେବା ପାଇପାରୁ ନାହାନ୍ତି। ମନରେଗା କାମ ହୋଇପାରୁ ନ ଥିବା ବେଳେ ଜବକାର୍ଡ ପାଇଁ ଆସି ଶ୍ରମିକମାନେ ଫେରୁଛନ୍ତି। ବିଶେଷ କରି ଭତ୍ତା ହିତାଧିକାରୀଙ୍କୁ ମଧ୍ୟ ଠିକ ସମୟରେ ଭତ୍ତା ମିଳୁ ନ ଥିବାରୁ ସେମାନେ ହଇରାଣ ହେଉଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଏଥିସହ ପଞ୍ଚାୟତକୁ ଆସୁଥିବା ସରକାରୀ ଯୋଜନା ସଠିକ ଭାବେ କାର୍ଯକାରୀ ହୋଇପାରୁନାହିଁ। ଏ ନେଇ ସେ ପୂର୍ବରୁ ବିଡିଓ ଓ ଜିଲ୍ଲପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ଏକଛତ୍ରବାଦ ଚଳାଇ ଏଡିଇଓଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

## ପିଏଚ୍.ଡି ଡିଗ୍ରୀ



କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସେସ (K I S S) ମାନିତ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ମନୋରଞ୍ଜନ ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗରେ ସମ୍ମାନ ସୂଚକ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି ।ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର, ଡ. ପ୍ରସନ୍ନ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "A Study on Nutritional Status and Associated Risk Factors among the Juang Tribe of Keonjhar District of Odisha" ସମ୍ପର୍କ ରେ ଗବେଷଣା କରିଛନ୍ତି ଏବଂ ଉକ୍ତ ସନ୍ଦର୍ଭଟି ଆନ୍ଧ୍ର ବିଶ୍ୱବିଦ୍ୟାଳୟର ହ୍ୟୁମାନ ଜେନେଟିକ୍ସ ବିଭାଗର ପ୍ରଫେସର ଜି. ସୁଧାକର ଏବଂ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତାର ପୂର୍ବତନ ପ୍ରଫେସର ପ୍ରେମାନନ୍ଦ ଭାରତୀଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚପ୍ରଶଂସିତ ହୋଇଅଛି । ଡ. ମନୋରଞ୍ଜନ ମହାପାତ୍ର ନୟାଗଡ଼ ଜିଲ୍ଲା କାଳିକାପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗମେଇଁ ଗ୍ରାମ ନିବାସୀ ଶ୍ରୀମତୀ ଦମୟନ୍ତୀ ମହାପାତ୍ର ଏବଂ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଅଟନ୍ତି ।ସେ ତାଙ୍କର ଏହି ସଫଳତାର ଶ୍ରେୟ ପ୍ରଭୁ ଜଗନ୍ନାଥ, ପିତାମାତା, ପିଏଚଡି ମାର୍ଗଦର୍ଶକ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସହକର୍ମୀ, ଛାତ୍ର ଛାତ୍ରୀଙ୍କ ପ୍ରେରଣା ତଥା ପତ୍ନୀ, ଝିଅ, ବନ୍ଧୁ ଓ ପରିବାରବର୍ଗଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ନନ୍ଦୀତା ଜେନା
ଆବିର୍ଭାବ: ୧୦.୦୪.୧୯୮୭
ତିରୋଧାନ: ୨୮.୦୫.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ: ପ୍ରବୀର ଜେନା,
ପୁତ୍ର: ବିଶ୍ୱରାଜ, ଅବିନାଶ, ପ୍ରମୋଦ,
କନ୍ୟା: ସ୍ମାରକା, ଶ୍ରାବଣୀ

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ବଅଁରପାଳ, ୬।୬(ସମିସ): ଅନୁଗୋଳ ଜିଲ୍ଲାରେ ସହରରୁ ଗାଁ ପର୍ଯ୍ୟନ୍ତ ଗଳିକନ୍ଦି ସବୁଠି ବିଭିନ୍ନ ନିଶାଦ୍ରବ୍ୟ ବିକ୍ରି ହେଉଛି। ଲୋକେ ଏଥିରୁ ମୁକୁଳିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସଚେତନତା କାର୍ଯ୍ୟକ୍ରମ ହେଉଛି। ମେ ୩୧ ବିଶ୍ୱ ତମାଖୁ ବର୍ଜନ ଦିବସଠାରୁ ଆରମ୍ଭ ହୋଇ ଆନ୍ତର୍ଜାତିକ ନିଶା ସେବନ ଓ ବେଆଇନ କାରବାର ନିରୋଧ ଦିବସ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସଚେତନ କାର୍ଯ୍ୟକ୍ରମ ଚାଲିବ। ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଅବଗତ କରିବା ସହ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ସଚେତନତା ନିହାତି ଜରୁରୀ ବୋଲି ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଲୋଚନ ଦାସ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀ ଏବଂ ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ, ତେଣୁ ସେମାନଙ୍କୁ ନିଶା କବଳରୁ ଦୂରେଇ ରଖିବାରେ ମା'ର ଗୁରୁ ଦାୟିତ୍ୱ ରହିଛି ବୋଲି ସିଡିପିଓ ଲିଲି ଦାସ କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ, ଅବକାରୀ ବିଭାଗ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସମାଜସେବୀ ଯୋଗଦେଇଥିଲେ।

# ଭାଷଣବାଜିରେ ସୀମିତ ପରିବେଶ ଦିବସ ପାଳନ

ତାଳଚେରସଦର, ୬।୬(ସମିସ)

ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଇଛି। ଏପରିକି ପରିବେଶ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ବିଜ୍ଞାପନ ମାଧ୍ୟମରେ ସଚେତନ କରାଯାଇଛି। ତେବେ ଜନସାଧାରଣ ସମେତ ସରକାରୀ ସ୍ତରରେ ଏହାକୁ କେତେଦୂର କାର୍ଯ୍ୟକାରୀ କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେବଳ ବିଜ୍ଞାପନ ଓ ଭାଷଣବାଜିରେ ବିଶ୍ୱ ପରିବେଶ ଦିବସ ପାଳନ ସୀମିତ ରହିଥିବା କୁହାଯାଇପାରେ।

ରାଜପଥ, ଖଣି, ଶିଳ୍ପ ପାଇଁ ଲକ୍ଷ ଲକ୍ଷ ଗଛ କାଟି ଦିଆଯାଉଛି। ସେହି ଅନୁପାତରେ ଚାରାରୋପଣ କରାଯାଉ ନାହିଁ। ପରିବେଶ ପ୍ରଦୂଷଣର ଏହା ଏକ ପ୍ରମୁଖ କାରଣ ହୋଇଥିବା ବେଳେ ବହୁଳ ମାତ୍ରାରେ ପଲିଥିନ, ପ୍ଲାଷ୍ଟିକ ବ୍ୟବହାର, ଆଶାତୀତ ଭାବେ ଯାନବାହାନ ସଂଖ୍ୟା ବୃଦ୍ଧି, ଖଣି ଓ ଶିଳ୍ପାନୁଷ୍ଠାନ ବୃଦ୍ଧି, ହୁହୁ ହୋଇ ବହୁତଳ ଅଟ୍ଟାଳିକା ମାନ ଗଢ଼ି ଉଠିବା କଂକ୍ରିଟ ରାସ୍ତା ନିର୍ମାଣ, ମାତ୍ରାଧିକ ଧୂଳି, ଧୂଆଁ ଓ ଶବ୍ଦ ପ୍ରଦୂଷଣ ଆଦି ଜଳବାୟୁ ପରିବର୍ତ୍ତନ କରିବା ସହ ପରିବେଶକୁ ମଧ୍ୟ ବିଗାଡ଼ି ଦେଉଛି। ପରିବେଶ ଦିବସ ପାଳନ ପାଇଁ ସରକାର ପ୍ରଚାର ପ୍ରସାର ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଏହା କେବଳ ପ୍ରଶାସିନକ ସ୍ତରରେ କାଗଜପତ୍ରରେ ସୀମିତ ରହିଯାଉଥିବା ପରିବେଶବିତ୍ ପ୍ରକାଶ କରୁଛନ୍ତି। ପୂର୍ବରୁ ଯେଉଁ ପରିମାଣାରେ ଜଙ୍ଗଲ, ନଦୀନାଳ, ଝରଣା, ପାଣିମାହାରଗୁଡ଼ିକ ରହିଥିଲା, ତାହା ଆଜି ଧ୍ୱଂସ ହେବାରେ ଲାଗିଛି। ଏହାର ସିଧାସଳଖ ପ୍ରଭାବ ପରିବେଶ ଉପରେ ପଡ଼ୁଛି। ଏହାକୁ ନେଇ ପ୍ରାକ୍ତନ ପାଲଲହଡ଼ା ବିଧାୟକ ବିବୁଧେନ୍ଦୁ ପ୍ରତାପ ଦାସ କ୍ଷୋଭ ପ୍ରକାଶ କରିବା ସହ ବାୟୁ ପ୍ରଦୂଷଣର ପ୍ରତିକାର ନିମନ୍ତେ ଓଡ଼ିଶା ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। କୋଇଲା ଖଣି, ଏନଟିପିସି ଏବଂ ନାଲକୋ ପାଇଁ ଅନୁଗୋଳ ଓ ତାଳଚେର ଦେଶର ଅତି ପ୍ରଦୂଷିତ ଅଞ୍ଚଳରେ ଭାବେ ପରିଚିତ ହୋଇଥିବା ବେଳେ ଏହି ଦୁଇ ଅଞ୍ଚଳର ୮୦ ପ୍ରତିଶତ ଲୋକ ଛାତି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୫ରୁ ୪୮ ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ଏହାର ପ୍ରତିକାର ନିମନ୍ତେ ଅନୁଗୋଳ ଓ ତାଳଚେର ଅଞ୍ଚଳର ସମସ୍ତ ଗ୍ରାମରେ ବିପୁଳ ମାତ୍ରାରେ ଚାରାରୋପଣ ସହ ପ୍ରତି ଗ୍ରାମରେ ବଡ଼ ବଡ଼ ପୋଖରୀ ଖନନ କରିବାକୁ ସେ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ୟାକୁ ମାନବ ଅଧିକାର କମିଶନ ହୃଦବୋଧ କରି ପ୍ରତିକାର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସେହିଭଳି ପ୍ରାକ୍ତନ ବିଧାୟକ ମହେଶ ସାହୁ ବ୍ରାହ୍ମଣୀ ନଦୀ ସୁରକ୍ଷା ଓ ପ୍ରଦୂଷଣକୁ ନେଇ ନଦୀକୂଳରେ ପ୍ରଚୁର ଚାରାରୋପଣ ଏବଂ ପଥର ପ୍ୟାଚିଂ ପାଇଁ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ଦିଗରେ ବି କୌଣସି କାର୍ଯ୍ୟ ହୋଇନାହିଁ। ତେଣୁ କେବଳ କାଗଜକଲମ ଓ ଫଟୋଉଠାରେ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମ ସୀମିତ ରହିଯାଇଛି।

# ବିଶ୍ୱ ପରିବେଶ ଦିବସ ଓ ଚାରାରୋପଣ କାର୍ଯ୍ୟକ୍ରମ


ଜେଆଇପିଏଲ


ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର


ଆଠମଲ୍ଲିକ ତାଲୁକ ଆଇନ ସେବା କମିଟି

ଡେରଙ୍ଗ/କଣିହାଁ,୬ ।୬(ସମିସ)

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗସ୍ଥିତ ଜେଆଇପିଏଲ ବିଦ୍ୟୁତ ପ୍ରକଳ୍ପ ତରଫରୁ ଗୁରୁବାର ୫୨ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ଇଏଚଏସ ଆଡିସନାଲ ଭାଇସ ପ୍ରେସିଡେଣ୍ଟ ଡ. କିଶୋର କୁମାର ରାଉତ ପରିଚାଳନା କରିଥିଲେ। ସୁରକ୍ଷା ସିନିୟର୍ ମ୍ୟାନେଜର ରଞ୍ଜିତ କୁମାର ମହାନ୍ତି ବିଶ୍ୱ ପରିବେଶ ଦିବସ ପାଳନର ଶପଥପାଠ କରାଇଥିଲେ। ଜେଆଇପିଏଲ କାରଖାନା ମୁଖ୍ୟ ସନ୍ଦୀପ ଗୋସ୍ୱାମୀ, ଲିଆସନ ଭିପି ସୁରେଶ କୁମାର ବଂଶଲ, କୋଲ ସିନିଅର ଭିପି ମୁକେଶ କୁମାର ଜୈନ, କୋଲ ପ୍ରେସିଡେଣ୍ଟ ରାହୁଲ ଡୁମ୍ବାରେ ଏବଂ ଫ୍ୟାକ୍ଟ୍ରି ମ୍ୟାନେଜର ସୁନୀଲ କୁମାର ଦେଭାଡ଼ି ମଞ୍ଚାସୀନ ଥିଲେ। ଅରୁଣ କୁମାର ବେହେରା, କେ କିଶାନ, କେଏନ ରତନ, ପବିତ୍ର ମୋହନ ଜେନା, ପ୍ରଦୀପ କୁମାର ମହାନ୍ତ ସହଯୋଗ କରିଥିଲେ। ଏହି ଅବସରରେ ପରିବେଶ ସମ୍ବନ୍ଧୀୟ ଚିତ୍ରାଙ୍କନ, ସ୍ଲୋଗାନ ଏବଂ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

■ **ଆଠମଲ୍ଲିକ:** ଆଠମଲ୍ଲିକ ତାଲୁକ ଆଇନ ସେବା କମିଟି ଓ ସ୍ଥାନୀୟ ବନବିଭାଗ ମିଳିତ ଆନୁକୂଲ୍ୟରେ ଗୁରୁବାର ଅପରାହ୍ନରେ ଆଠମଲ୍ଲିକ ସିଭିଲ କୋର୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପରିବେଶକୁ ସୁସ୍ଥ ରଖିବା ପାଇଁ ପର୍ଯ୍ୟାପ୍ତ ଚାରାରୋପଣ କରିବା ଓ ପ୍ଲାଷ୍ଟିକ ବ୍ୟବହାରରୁ ନିବୃତ୍ତ ରହିବାକୁ ଲୋକଙ୍କୁ ସଚେତନତା କରାଇବାକୁ ପଡ଼ିବ ବୋଲି ସୁତାର କହିଥିଲେ। କୋର୍ଟ ଓ ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଅର୍ଜୁନ, ବଉଳ, ପିଜୁଳି, ପଣସ, କରମଙ୍ଗା, ବେଲ, ଦେବଦାରୁ ଆଦି ଚାରାରୋପଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର, ଏସଡିଜେଏମ ସିଙ୍କୁନ ରାୟ, ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ, ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, କ୍ରିମିନାଲ ବାର ସଭାପତି ଅଞ୍ଜନ କୁମାର ପ୍ରଧାନ, ସ୍ଥାନୀୟ ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ସାହୁଙ୍କ ସମେତ ସିଭିଲ କୋର୍ଟ କର୍ମଚାରୀ ଓ ବନବିଭାଗ କର୍ମଚାରୀ ଚାରାରୋପଣ କରିଥିଲେ।

■ **ତାଳଚେର:** ବିଶ୍ୱ ପରିବେଶ ଦିବସ ଅବସରରେ ସମାଜସେବୀ ପ୍ରକୃତିବନ୍ଧୁ କ୍ଷୀରୋଦ ସାହୁଙ୍କ ଦ୍ୱାରା ଚାରାରୋପଣ କରାଯାଇଛି। ତାଳଚେର ଏକ ଖଣିଖାଦାନ ତଥା ଶିଳ୍ପ ସମୃଦ୍ଧ ଅଞ୍ଚଳ ହେଇଥିବାରୁ ଏହାକୁ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ବର, ଆଶ୍ୱତ୍ଥ, ଲିମ୍ବ, ଆମ୍ବ, ପଣସ, ଜାମୁ, କୁସୁମ, କରଞ୍ଜ, ଗମ୍ଭାରୀ, ଶାଗୁଆନ, ଅଁଳା, କଦମ୍ବ, ପିଜୁଳି, ଲଙ୍କାଆମ୍ବ, ଶିରିଶା, ଶିଶୁ ଆଦି ଚାରାରୋପଣ କରି ସେ ଉଦାହରଣ ସୃଷ୍ଟି କରିଛନ୍ତି। ସାହୁ ତାଳଚେର ଅଞ୍ଚଳର ବିଭିନ୍ନ ଖୋଲା ସ୍ଥାନ, କ୍ଲବ, ମନ୍ଦିର, ସ୍କୁଲ ଓ କଲେଜ ପରିସର, ନଦୀକୂଳ, ଆଶ୍ରମ, ମେଡିକାଲ ପରିସର, ଆଦିବାସୀ ବସ୍ତିଗୁଡ଼ିକରେ ଗଛ ଲଗାଇଛନ୍ତି। ସେ ୧୯୯୪ ଜୁଲାଇ ୨୯ରୁ ନିରନ୍ତର ଭାବେ ଗଛ ଲଗାଇ ଆସୁଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ୨୦୧୭ରେ ରାଜ୍ୟ ସରକାରଙ୍କଠାରୁ ପ୍ରକୃତିବନ୍ଧୁ ପୁରସ୍କାର ପାଇଛନ୍ତି। ୨୦୨୪ ସେପ୍ଟେମ୍ବର ୨୦ରେ କେନ୍ଦୁଝରରେ ରାଜ୍ୟସ୍ତରୀୟ ସାମାଜିକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସହ ବାର୍ତ୍ତାଳାପ ବେଳେ ୧୨ ହଜାରରୁ ଅଧିକ ଚାରା ଲାଗାଇ ଥିବାରୁ ପ୍ରଶଂସା କରିଥିଲେ।

■ କିଶୋରନଗର: ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ସ୍ଥାନୀୟ ବାସୁଦେବପୁରସ୍ଥିତ ଅର୍ଜୁନ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ସମ୍ମାନିତ ଅତିଥି ଭାବେ ଅର୍ଜୁନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱାରିକାନାଥ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ଦେବୋରାଜ ନାୟକ, ଗୋପବନ୍ଧୁ ସେବା ସଂଗଠନ ସଭାପତି ସଲିନ ମେଣ୍ଡୁଲି, ସନ୍ତୋଷ ମେହେର ଯୋଗଦେଇ ପରିବେଶ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସୀତାକାନ୍ତ ପ୍ରସାଦ ହୋତା, ଅଜିତ ସାହୁ, ରାଜେନ୍ଦ୍ର ଦାସ, ଦିଲୀପ କୁମାର ନାୟକ, ଦୀପକ କୁମାର ପ୍ରଧାନ, ଗୋପବନ୍ଧୁ ସେବା ସଂଗଠନର ଅଭିରାମ ମେହେର, ଆଶିଷ ଛନ୍ଦ, ବିକ୍ରମ କର୍ଣ୍ଣ, ଝରିଆ ପ୍ରଧାନ, ବାସୁଦେବପୁର ପଞ୍ଚାୟତର ପ୍ରାଣୀମିତ୍ର, କୃଷିମିତ୍ର, ସିଆରପି, ଏମବିକେ ପ୍ରମୁଖ ସହଯୋଗ କରିଥିଲେ।

■ **କଣିହାଁ:** ଏନଟିପିସି କଣିହାଁ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ଚଳିତବର୍ଷର ବିଷୟବସ୍ତୁ "ବୈଶ୍ୱିକ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତ କରିବା' ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଏନଟିପିସି କଣିହାଁର ଜିଏମ (ଓ ଆଣ୍ଡ ଏମ) ସତ୍ୟରାମ କ୍ରିଷ୍ଣା ଓ ଅନୁଗୋଳ ଓଏସପିସିବିର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କା ଯୋଗଦେଇ ପରିବେଶ ସଂରକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଏମ (ମେଣ୍ଟେନାନ୍ସ) ଏସଏସ ରାଓ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ ବ୍ୟବହାର ହ୍ରାସ ପାଇଁ ଏହି ଅବସରରେ କପଡ଼ା ବ୍ୟାଗ ବଣ୍ଟନର ଶୁଭାରମ୍ଭ ହୋଇଥିଲା। ଏନଟିପିସି କଣିହାଁ ଟାଉନସିପ ପରିସରରେ ସାମୂହିକ ଫଳ ଓ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶ ସଚେତନତା ନିମନ୍ତେ କର୍ମଚାରୀ, ଗୃହିଣୀ ଓ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

■ **ଅନୁଗୋଳ:** ଭାରତ ବିକାଶ ପରିଷଦ ପକ୍ଷରୁ କରଡ଼ାଗାଡ଼ିଆ ଅନ୍ତର୍ଯ୍ୟାମୀ ଗୁରୁକୁଳ ଏକାଡେମୀରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍କୁଲ ପରିସରରେ ଚାରାରୋପଣ କରାଯିବା ସହ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପରିଷଦର ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ସର ଯୋଗଦେଇ ସମ୍ପ୍ରତି ସବୁଜ କୋଠରି ପ୍ରଭାବ ଯୋଗୁଁ ପରିବେଶ କିଭଳି ନଷ୍ଟ ହେଉଛି ତାହା ବର୍ଣ୍ଣନା କରିଥିଲେ। ବ୍ୟାପକ ଚାରାରୋପଣ ଦ୍ୱାରା ହିଁ ପରିବେଶର ସୁରକ୍ଷା ସମ୍ଭବ ବୋଲି ସେ ପ୍ରକାଶ କରିଥିଲେ। ପରିଷଦର ସମ୍ପାଦକ ବିଜୟ ମୋଦି ଏବଂ ସ୍କୁଲ ପରିଚାଳକ ଅନିରୁଦ୍ଧ ଦାସ ପ୍ରଦୂଷଣର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ହୃଦାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ମନ୍ମଥ ଦାସ, ଭରତ ଗଡ଼ନାୟକ, ପ୍ରମୋଦ ନାୟକ, ସୁରେଶ ଶାହା, ସ୍ମିତା ପଟ୍ଟନାୟକ, ସରୋଜିନୀ ଦେଇ, ଦିଲୀପ ଅଗ୍ରୱାଲ, ଅରୁଣୀ ମିଶ୍ର, ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ


ତାଳଚେର: କ୍ଷୀରୋଦ ସାହୁଙ୍କ ଦ୍ୱାରା ଚାରାରୋପଣ


ଅର୍ଜୁନ ଉଚ୍ଚ ବିଦ୍ୟାଳୟ


ଏନଟିପିସି କଣିହାଁ

■ **ଅନୁଗୋଳ:** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭାଗୀୟ ଅଧିକାରୀ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ରାଜ୍ୟର ବିଭିନ୍ନ ଅନୁଷ୍ଠାନକୁ ପ୍ରକୃତିମିତ୍ର ପୁରସ୍କାରରେ ସମ୍ମାନିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲା ବଡ଼କେରା ପଞ୍ଚାୟତର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜନଜାଗରଣ ମଞ୍ଚକୁ ୨୦୨୪-୨୫ ବର୍ଷ ପାଇଁ ପ୍ରକୃତିମିତ୍ର ପୁରସ୍କାର ସ୍ୱରୂପ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଛି। ମଞ୍ଚର ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏଥିପାଇଁ ମଞ୍ଚ ସଭାପତି ଅଚ୍ୟୁତାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ମୁରଲୀଧର ବେହେରା ରାଜ୍ୟ ସରକାର ତଥା ଅନୁଗୋଳ ସମ୍ପାଦକ ବନମାଳୀ ନାଏକ, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅନୁଗୋଳ ଜିଲ୍ଲା ପରିବେଶ ସମିତିକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

■ **ତାଳଚେରସଦର:** ବିଶ୍ୱ ପରିବେଶ ଦିବସ ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଛନ୍ତି। ବିଧାୟକ ପ୍ରଧାନ ବିଭିନ୍ନ ଖୋଲା ସ୍ଥାନ, କ୍ଲବ, ବିଭିନ୍ନ, ସ୍କୁଲ ଓ କଲେଜ ପରିସର ଆଦି ବିଭିନ୍ନ ସ୍ଥାନରେ ଚାରା ଲଗାଇଛନ୍ତି। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

■ **ଅନୁଗୋଳ:** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଅନୁଗୋଳ ପ୍ଲାଣ୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। 'ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପରାସ୍ତ କରନ୍ତୁ' ଏହି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ଲାଣ୍ଟ ପରିସରରେ ମିନି ମାରାଥନ, ଚାରାରୋପଣ ସମେତ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ଡ. ପ୍ରଫୁଲ୍ଲ କୁମାର ବେହେରା, ଜେଏସପି ସଭାପତି (ଇସ୍ପାତ ଓ ଉପଯୋଗିତା) ଅତୁଲ ଦୁବେ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଅତୁଲ ଦୁବେ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ପରେ ୫ ଶହରୁ ଊର୍ଦ୍ଧ୍ୱ ଚାର ।ରୋପଣ କରାଯାଇଥିଲା। ଏହି ଅବସରରେ ଜେଏସପି ଅଧ୍ୟକ୍ଷ ସାଂସଦ ନବୀନ ଜିନ୍ଦଲ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି; 'ପ୍ଲାଷ୍ଟିକ ପ୍ରଦୂଷଣର ପ୍ରଭାବ ସୁଦୂରପ୍ରସାରୀ। ଏହା ଗୁରୁତର ଭାବେ ଆମ ପରିବେଶକୁ ପ୍ରଭାବିତ କରେ ଏବଂ ଏହାର ଉତ୍ପାଦନ ଓ ବ୍ୟବହାର ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧି କରେ। ତେଣୁ ଏକକ-ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା, ପୁନଃବ୍ୟବହାରଯୋଗ୍ୟ ବିକଳ୍ପଗୁଡ଼ିକୁ ବାଛିବା ସହ ସ୍ଥାୟୀ ବିକଳ୍ପକୁ ଗୁରୁତ୍ୱ ଦେଲେ ଆମେ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବା'।

ରାଜ୍ୟ ପ୍ରଦୂଷଣ ବୋର୍ଡର ବୈଜ୍ଞାନିକ ଡ. ବେହେରା ପରିବେଶ ଦିବସର ପୃଷ୍ଠଭୂମି ଓ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପରିବେଶ ସୁରକ୍ଷା ପାଇଁ ଆଇନଗତ ଆବଶ୍ୟକତା ପାଳନ କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିବା ପାଇଁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏଁ ତିନିଟି ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଜେଏସପି କର୍ମଚାରୀଙ୍କ ଗୃହିଣୀମାନଙ୍କୁ ନେଇ ପରିବେଶ ସଚେତନତା ସମ୍ପର୍କିତ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିନ୍ଦଲ ନଗର ଟାଉନସିପ ବ୍ୟତୀତ ଉତ୍କଳ-ସି ଖଣି ଅଞ୍ଚଳରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳନ କରାଯିବା ସହ ଇଟିପି ପ୍ଲାଣ୍ଟ ଉଦଘାଟନ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାମୁନାଳୀର କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ଏହି ଦିବସ ପାଳନ କରାଯାଇଛି। ଏହି ଅବସରରେ ଜୈବିକ ପଦ୍ଧତିରେ ଚାଷ କରୁଥିବା ୪୦ ଜଣ ଚାଷୀ ସୁସ୍ଥ ପରିବେଶ ପାଇଁ ଶପଥ ଗ୍ରହଣ କରିବା ସହ ଚାରାରୋପଣ କରିଥିଲେ।

■ **ଅନୁଗୋଳ:** ବିଶ୍ୱ ପରିବେଶ ଦିବସ ଅବସରରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଯୁବ ରେଡ୍‌କ୍ରସ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲଙ୍କ ତତ୍ତ୍ୱାବଧାନରେ ପ୍ରଶାସନିକ ମୁଖ୍ୟ ପ୍ରଧାପକ ଡ. ମନୋରଞ୍ଜନ ମିଶ୍ର, ଲକ୍ଷ୍ମୀଧର ବିଶ୍ୱାଳ, ଯୁବ ରେଡ୍‌କ୍ରସ ପ୍ରାଧାପିକା ଡ. ଶାଶ୍ୱତୀ ଶୁଭଦର୍ଶିନୀ ଓ ସେକ୍ସନ ଅଧିକାରୀ ପବିତ୍ର ମୋହନ ବେହେରାଙ୍କ ଉପସ୍ଥିତିରେ ଚାରାରୋପଣ ହୋଇଥିଲା। ପ୍ରାୟ ୫୦ଟି ପେସ୍ତାବାଦାମ ଚାରା ମହାବିଦ୍ୟାଳୟ ପରିସରରେ ଲଗାଯାଇଛି। ଏଥିରେ ପୁରାତନ ଛାତ୍ର ପରିଷଦ ସମ୍ପାଦକ ତଥା ସତ୍ୟ ସାଇ ସେବା ସଂଗଠନ ପ୍ରତିନିଧି ଦେବାଶିଷ ପଟ୍ଟନାୟକ, ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଛାତ୍ର ତ୍ରିଦେବ ପ୍ରସାଦ ନନ୍ଦ, ରାଜେନ୍ଦ୍ର ହାଁସଦା, ହରିଶଙ୍କର ଦାସ, ଦୀପେଶ କୁମାର ସାହୁ ସହଯୋଗ କରିଥିଲେ।


କରଡ଼ାଗାଡ଼ିଆ ଅନ୍ତର୍ଯ୍ୟାମୀ ଗୁରୁକୁଳ


ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର ଉତ୍ସବ


ତାଳଚେରେ ବିଧାୟକ ବ୍ରଜକିଶୋର ପ୍ରଧାନ

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି

## ଗୋଚର, ପାହାଡ଼ କିସମ ଜମିକୁ ରେକର୍ଡଭୁକ୍ତ ନ କରିବାକୁ ଦାବି

ଢେଙ୍କାନାଳ,୬ ।୬(ସମିସ)

ଢେଙ୍କାନାଳ ଜିଲ୍ଲାରେ ସରକାରୀ ଜମି ମଧ୍ୟରେ ଗୋଚର, ପାହାଡ଼ କିସମ ଜମିକୁ ନିଜ ନାଁରେ ରେକର୍ଡଭୁକ୍ତରୁ ଉଚ୍ଛେଦ ଏବଂ ଭବିଷ୍ୟତରେ ଏପରି ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ସରକାରୀ ଜମି ଜବରଦଖଲ କରିବାରେ ରେକର୍ଡ ସୃଷ୍ଟି କରିଛି। ଗରିବ ଲୋକଙ୍କ ଜମିକୁ ଉଚ୍ଛେଦ କରାଯାଉଥିବା ବେଳେ ଧନୀ ଏବଂ ପ୍ରଭାଵଶାଳୀଙ୍କ ଜମିକୁ ହାତ ଯାଉ ନ ଥିବା ଜଣାପଡ଼ିଛି।

ଜିଲ୍ଲାର ଅନେକ ପାହାଡ଼, ଗୋଚର, ଶ୍ମଶାନ କିସମ ସରକାରୀ ଜମିକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଦୀର୍ଘଦିନରୁ ଜବରଦଖଲ କରି ରଖିଛନ୍ତି। ପରେ ସରକାରୀ କର୍ମଚାରୀମାନଙ୍କୁ ହାତ କରି ନିଜ ନାମରେ ରେକର୍ଡ କରୁଛନ୍ତି ବୋଲି ଆପ ତରଫରୁ ଅଭିଯୋଗ ହୋଇଛି। ଏପରି ଜମିଗୁଡ଼ିକ ଉଚ୍ଛେଦ କରାଯାଇ ରାଜ୍ୟ ସରକାରଙ୍କ ଖାତାକୁ ଅଣାଯିବା ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଯତନନଗର ମୌଜା ଖାତା ନଂ-୫୦/୩୭୪, ପ୍ଲଟ ନମ୍ବର ୨୭୪/୫୧୧ରେ ୧୧ ଏକର ୬୦ ଡିସିମିଲ ଓ ୨୭୬/୫୧୨ରେ ୭ ଏକର ୪୦ ଡିସିମିଲ, ମୋଟ ୧୯ ଏକର ଜମି ୨୦୧୭ରେ କେସ ନଂ-୩୪୪୨/୧୭ ଦ୍ୱାରା କେତେକ ମୁଷ୍ଟିମେୟ ବ୍ୟକ୍ତି ନିଜ ନାମରେ ରେକର୍ଡଭୁକ୍ତ କରିଛନ୍ତି। ଏହି ଜମିର ବଜାର ଦର ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏହା ଅନଲାଇନ ପୋର୍ଟାଲ ଭୂଲେଖରେ ଦର୍ଶାଉଥିବା ବେଳେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଜିଲ୍ଲାରେ ଅନେକ ଭୂମିହୀନ ଲୋକ ଭଡ଼ା ଘରେ ରହୁଥିବା ବେଳେ, ଢେଙ୍କାନାଳ ସହରରେ ସରକାରୀ ଅନୁଷ୍ଠାନ, ଯାନବାହାନ ପାର୍କିଂ, ସାଧାରଣ ଲୋକ ଓ ବରିଷ୍ଠ ନାଗରିକଙ୍କ ପାଇଁ ପାର୍କଟିଏ କରିବାକୁ ସରକାରୀ ଜମି ନାହିଁ। କିନ୍ତୁ ଜଣେ ଜଣେ ବ୍ୟକ୍ତି ଏତେ ପରିମାଣର ପାହାଡ଼, ଗୋଚର ଜମି ନିଜ ନାମରେ ରେକର୍ଡ କରିବା ଦୁର୍ଭାଗ୍ୟଜନକ ବୋଲି ଆପ୍ ପକ୍ଷରୁ କୁହାଯାଇଛି। ସେହିପରି ବିଭିନ୍ନ ବେସରକାରୀ ଉଦ୍ୟୋଗ, ରାସ୍ତାଘାଟ ପାଇଁ ମଧ୍ୟ ଏପରି ଜମି ଦିଆଯାଉଛି। ଗରିବ ଭୂମିହୀନ ଲୋକଟିଏ ଜାଗା ଅଧଗୁଣ୍ଠ ପାଉ ନ ଥିବା ବେଳେ ଜଣେ ବ୍ୟକ୍ତି ବା ଉଦ୍ୟୋଗପତିଙ୍କୁ ଏପରି ଏକର ଏକର ଜମି ଦିଆଯିବା ଅନୁଚିତ ବୋଲି ଯୁକ୍ତି କରାଯାଇଛି। ଜିଲ୍ଲାର ଅନେକ ଜଳାଶୟକୁ ପୋତାଯାଇ କିସମ ପରିବର୍ତ୍ତନ କରାଯାଇ ବିକ୍ରି କରାଯାଉଛି। ଏହା ବନ୍ଦ କରାଯିବା ସହ ଗତ ୧୦ ବର୍ଷ ଭିତରେ ଉପରୋକ୍ତ କିସମ ପାହାଡ଼ ପର୍ବତ ଓ ଗୋଚର ଜମିଗୁଡ଼ିକୁ ଯେଉଁ ବ୍ୟକ୍ତିମାନେ ନିଜ ନାମରେ ରେକର୍ଡଭୁକ୍ତ କରିଛନ୍ତି, ତାହା ଦାଖଲଖାରଜ କରାଯାଇ ଓଡ଼ିଶା ସରକାରଙ୍କ ନାମରେ କରିବାକୁ ଦାବି କରାଯାଇଛି। ଏହା କରା ନ ଗଲେ ଆମ୍ ଆଦମୀ ପାର୍ଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ଓ ସଦର ନିର୍ବାଚନ ମଣ୍ଡଳୀ ସଭାପତି ରତିରଞ୍ଜନ ଜେନା ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ମିଡିଆ ପ୍ରଭାରୀ ସୁମନ୍ତ ଗୋଛାୟତ, ସଦର ବ୍ଲକ ସଭାପତି ରାଜକୁମାର ପ୍ରଧାନ, ପ୍ରସନ୍ନ ବରାଳ, ଓଡ଼ାପଡ଼ା ବ୍ଲକର ପୀତାମ୍ବର ଦାସ, ଅନିଲ ନାଥ, ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ପୌରାଞ୍ଚଳ ଅନ୍ତର୍ଗତ ଅନ୍ଧ-ମୂକ-ବଧିର ବିଦ୍ୟଳୟ ନିକଟରେ ଜବରଦଖଲ ହୋଇଥିବା ବେଳେ ସହରସ୍ଥିତ ପର୍ବତିଆ ସାହିରେ ମଧ୍ୟ ସମାନ ଭାବେ ସରକାରୀ ଜମି ଜବରଦଖଲ କରାଯାଇଛି। ରେଙ୍ଗାଳି କେନାଲ ସହ ଅନ୍ୟ ସ୍ଥାନରେ ମଧ୍ୟ ଜବରଦଖଲ ହୋଇଥିବା ବେଳେ ତୁରନ୍ତ ଏହାକୁ ଜବରଦଖଲମୁକ୍ତ କରିବାକୁ ଦାବି ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

## ବିଦ୍ୱେଷ ଓ ବିଦ୍ରୋହ

ପରିବର୍ତ୍ତିତ ପରିସ୍ଥିତିରେ ରଣକୌଶଳ ବଦଳିଛି। ଗୁଳି, ଗୋଳା, ତୋପ ଓ ଟ୍ୟାଙ୍କ ମାଧ୍ୟମରେ ସୀମାରେ ଦୁଇପକ୍ଷର ପଦାତିକ ବାହିନୀ ମୁହାଁମୁହିଁ ହୋଇ ଲଢ଼ିବା ସମୟ ଆଉ ନାହିଁ। ବାୟୁସେନାର ଅପୋକ୍ଷକୃତ ଗୁରୁତ୍ୱ ବଢ଼ିଛି। ନୂଆପିଢ଼ିର ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର ଓ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା ପ୍ରୟୋଗ କରି ଶତ୍ରୁପକ୍ଷର ଗୁରୁତ୍ୱପୂର୍ଣ୍ଣ ସାମରିକ ଢାଞ୍ଚାକୁ ଧ୍ୱସ୍ତବିଧ୍ୱସ୍ତ କରିବା ହେଉଛି ଏବର ନୂଆ ରଣକୌଶଳ। ୧୯୪୮ ରୁ ୧୯୯୯ ପର୍ଯ୍ୟନ୍ତ ଭାରତ ସହ ପାକିସ୍ତାନ ଚାରିଟି ଯୁଦ୍ଧ ଲଢ଼ିଥିଲେ ମଧ୍ୟ ୧୯୭୧ ଓ ୧୯୯୯ ଥିଲା ନିର୍ଣ୍ଣାୟକ ରଣକ୍ଷେତ୍ର। ୧୯୭୧ରେ ପାକିସ୍ତାନ ତାହାର ପୂର୍ବାଞ୍ଚଳକୁ ସବୁଦିନ ପାଇଁ ହରାଇଥିଲା, ଯାହା ଏବେ ବାଂଲାଦେଶର ମାନ୍ୟତା ଲାଭ କରିଛି। ସେହିଭଳି ୧୯୯୯ କାରଗିଲ ଯୁଦ୍ଧରେ ମଧ୍ୟ ପାକିସ୍ତାନ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା। ପାକ୍ ପଦାତିକ ବାହିନୀର କ୍ରମାଗତ ଏହି ବିଫଳତାକୁ ଦର୍ଶାଇ ବାୟୁସେନା ନିଜର ଶକ୍ତି ଓ ସାମର୍ଥ୍ୟ ଏଥର ପ୍ରଦର୍ଶନ କରିଛି। ଏକଥା ଖୋଲା ଖୋଲି ଏୟାର ଭାଇସ୍ ମାର୍ଶାଲ ଆଉରଙ୍ଗଜେବ ମହମ୍ମଦ ପାକ୍ ସେନାବାହିନୀ ମୁଖପାତ୍ରଙ୍କ ଉପସ୍ଥିତିରେ ଦର୍ଶାଇଛନ୍ତି। ସେ ପରୋକ୍ଷରେ ଇଙ୍ଗିତ କରିଛନ୍ତି ଯେ ଦେଶର ସାମରିକ ବ୍ୟବସ୍ଥାରେ ପଦାତିକ ବାହିନୀର ପ୍ରାଧାନ୍ୟ ଓ ପତିଆରା କ୍ଷୁଣ୍ଣ ହୋଇଛି। ଏ ସବୁସତ୍ତ୍ୱେ ସାମରିକ ମୁଖ୍ୟ ଅମୀତ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ସମ୍ମାନ ସରକାର ପ୍ରଦାନ କରିଛନ୍ତି। ଆୟୁବ୍ ଖାଁଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ପଦାତିକ ବାହିନୀ ମୁଖ୍ୟ ଯିଏ କି ଏହି ସମ୍ମାନ ପାଇଛନ୍ତି।

ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ଯେ ଗୋଟିଏ ବ୍ୟବସ୍ଥାର ଦୁଇ ବାହିନୀ ମଧ୍ୟରେ ମୁଣ୍ଡ ଟେକିଥିବା ଏହି ବିଦ୍ୱେଷ ଆଗକୁ ବିଦ୍ରୋହର ରୂପ ନେବନି ତ? କାରଣ ପାକିସ୍ତାନର ସେନାବାହିନୀର ମୁଖ୍ୟ ଦାୟିତ୍ୱ ସ୍ଥଳ ସେନାବାହିନୀ ହାତରେ ହିଁ ରହିଆସିଛି। ସେହି ମୁଖ୍ୟମାନେ ଦେଶରେ ୩୩ ବର୍ଷ ଧରି ପ୍ରତ୍ୟକ୍ଷ ଭୂମିକାରେ ଥିଲେ। ଅବଶିଷ୍ଟ ୪୮ ବର୍ଷ ସେମାନଙ୍କ ଇଙ୍ଗିତରେ ବେସାମରିକ ନେତୃତ୍ୱ ଦେଶରେ ଶାସନ କରିଆସିଛି। ତେଣୁ ସାମରିକ ବାହିନୀର ମୁଖ୍ୟ ପଦବୀ ପାଇଁ ବାୟୁସେନା ମୁଖ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଦାବିଦାର ହେବା ଅସ୍ୱାଭାବିକ ନୁହେଁ। ଏୟାର ଭାଇସ ମାର୍ଶାଲ୍ ଆଉରଙ୍ଗଜେବ୍ ଅହମ୍ମଦ ଦାବି କରିଛନ୍ତି ଯେ ମେ ୬ ତାରିଖ ପ୍ରାରମ୍ଭିକ ପର୍ଯ୍ୟାୟ ଆକ୍ରମଣ ବେଳେ ପାକିସ୍ତାନ ଭାରତର ୬ଟି ଯୁଦ୍ଧ ବିମାନକୁ ଧ୍ୱଂସ କରି ୬-୦ ରେ ବିଜୟୀ ହୋଇଛି। ଅବଶ୍ୟ ପାକିସ୍ତାନ ଏହା ସପକ୍ଷରେ ଆନ୍ତର୍ଜାତିକ ସମୁଦାୟକୁ ପ୍ରାମାଣିତ ତଥ୍ୟ ଉପସ୍ଥାପନ କରିବାରେ ବିଫଳ ହୋଇଛି। ତେବେ ପାକିସ୍ତାନବାସୀ ଏହାକୁ ଗ୍ରହଣ କରି ବିଜୟୋଲ୍ଲାସରେ ମଦମତ୍ତ। ତେଣୁ ତ ବାୟୁସେନା ଚ୍ୟାଲେଞ୍ଜ କରିବାକୁ ସୁଯୋଗ ପାଇଛି। ଅଥଚ ପରବର୍ତ୍ତୀ ତିନିଦିନର ବିପର୍ଯ୍ୟୟ ସମ୍ପର୍କରେ ଆଉରଙ୍ଗଜେବ ନିରବ। ତାଙ୍କର ଏହି ବକ୍ତବ୍ୟକୁ ଭାରତର ସିଡିଏସ୍ ଅନୀଲ ଚୌହ୍ୱାନ ବ୍ଲୁମ୍‌ବର୍ଗକୁ ଦେଇଥିବା ସାକ୍ଷାତକାରରେ ଯାହା ଉଲ୍ଲେଖ କରିଛନ୍ତି, ତାହାର ତୁଳନାତ୍ମକ ବିଚାର କଲେ ମନେହୁଏ ମେ ୬ ତାରିଖରେ ଆମେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛୁ। ଆମ ଯୁଦ୍ଧ ବିମାନକୁ ପ୍ରତିପକ୍ଷ ଖସାଇ ଦେଇଛି। ତେଣିକି ଏହି ସଂଖ୍ୟା ଯାହା ହେଉନା କାହିଁକି। ମେ ୬ ତାରିଖରେ ତ୍ରୁଟିକୁ ସୁଧାରି ଭାରତ ପ୍ରତିପକ୍ଷ ଉପରେ ଯେଉଁ କ୍ରମାଗତ ପ୍ରହାର କରିଛି ତାହା ଉଲ୍ଲେଖନୀୟ।

ପାକିସ୍ତାନର ଦାବି ଓ ଅସ୍ୱୀକାରୋକ୍ତିରୁ ସ୍ପଷ୍ଟ ହୋଇଛି ଯେ ଚାରିଦିନର ଯୁଦ୍ଧ ମଧ୍ୟରୁ ପ୍ରଥମ ଦିନକୁ ବାଦଦେଲେ ଅବଶିଷ୍ଟ ୩ ଦିନ ନିରଙ୍କୁଶ ପ୍ରହାର କରି ଆମେ ପ୍ରତିପକ୍ଷକୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରିଛୁ। ଏସବୁ ସତ୍ତ୍ୱେ ପ୍ରଥମ ଦିନର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆତଙ୍କବାଦୀଙ୍କ ଆଡାରେ ଆମେ ଲକ୍ଷ୍ୟ ଭେଦ କରିଛୁ। କ୍ଷତି ବଡ଼ କଥା ନୁହେଁ। ନିର୍ଦ୍ଧାରିତ ଟାର୍ଗେଟକୁ ଧ୍ୱଂସ କରିବା ଅନ୍ୟତମ ସଫଳତା ଦାବି କରାଯାଇପାରେ।

ଅନୀଲ ଚୌହାନଙ୍କ ସ୍ୱୀକାରୋକ୍ତି ପରେ ଗୁମର ଖୋଲିବା ଆରମ୍ଭ କରିଛି। ଚୀନ ଉପଗ୍ରହ ମାଧ୍ୟମରେ ଭାରତର ସ୍ଥିତି ସମ୍ପର୍କରେ ଦେଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ ପାକିସ୍ତାନ ବାୟୁସେନା ଅଧିକାରୀଙ୍କ ପୃଷ୍ଠପଟରେ ଚୀନ୍ ବିଶେଷଜ୍ଞ ଯୁଦ୍ଧ ସଂଚାଳନ କରୁଥିବାର ସ୍ପଷ୍ଟ ହୋଇଛି। ତେଣୁ ପରିବର୍ତ୍ତିତ ରଣକୌଶଳରେ ଭାରତୀୟ ବାୟୁସେନା ଯେଉଁ ପ୍ରହାର ଆରମ୍ଭ କଲା ସେଥିରେ ପାକିସ୍ତାନର ୬ଟି ଜେଟ୍, ଦୁଇଟି ଆୱକସ୍, ଗୋଟିଏ ପରିବହନ ବିମାନ ଓ ୩୦ କ୍ଷେପଣାସ୍ତ୍ର ଧ୍ୱସ୍ତବିଧ୍ୱସ୍ତ ହୋଇଛି। କେବଳ ସେତିକି ନୁହେଁ ପାକିସ୍ତାନ ବିଭିନ୍ନ ସ୍ଥାନରେ ଥିବା ବାୟୁସେନା କେନ୍ଦ୍ର ଉପରେ ନିର୍ଣ୍ଣାୟକ ଆକ୍ରମଣ କରିଛି। ଏକ୍ଷେତ୍ରରେ ପାଲଟା ଆକ୍ରମଣ ପାଇଁ ଶକ୍ତି ଓ ସାମର୍ଥ୍ୟ ହରାଇ ବୁଝାମଣା ସକାଶେ ତୃତୀୟ ପକ୍ଷର ସହାୟତା ଲୋଡ଼ିଛି। ଉଭୟ ପକ୍ଷର ଦାବି ଓ ପ୍ରତିବାଦରୁ ଯାହା ସ୍ପଷ୍ଟ ହେଉଛି ତାହା ହେଲା ମେ ୬ ତାରିଖରେ ପାକିସ୍ତାନର ୯ଟି ଆତଙ୍କବାଦୀ କେନ୍ଦ୍ରର ଧ୍ୱଂସ ପ୍ରୟାସ ବେଳେ ଭାରତକୁ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଥିଲା। ଜେନେରାଲ୍ ଚୌହ୍ୱାନ ଯାହା କହିଛନ୍ତି ତାହାର ମଧ୍ୟ ଯଥାର୍ଥତା ରହିଛି। ପ୍ରାରମ୍ଭିକ ବିପର୍ଯ୍ୟୟ ଯୁଦ୍ଧର ଶେଷ କଥା ନୁହେଁ। ସଂଶୋଧିତ ରଣନୀତିରେ ଯେଉଁ ନିର୍ଣ୍ଣାୟକ ଆକ୍ରମଣ ହେଲା ତାହାର ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଓ ପରିଣତି ପାକ୍ ବାୟୁସେନାରେ ଶୋଚନୀୟ ବିପର୍ଯ୍ୟୟ ଘଟାଇଛି। ଏହାକୁ କେନ୍ଦ୍ର କରି ବ୍ୟାପକ ତର୍ଜମା ହୋଇଥିବାରୁ ଆନ୍ତର୍ଜାତିକ ସମୁଦାୟ, ବିଶେଷ କରି ଚୀନ ବୁଝିପାରିଛି ପରିସ୍ଥିତିର ଗୁରୁତ୍ୱ। ବରଂ ଏହାକୁ ଚୀନ୍ ବିରୋଧରେ ପରୋକ୍ଷ ଆକ୍ରମଣ କୁହାଯାଇପାରେ।

ଅପରେସନ ସିନ୍ଦୂର ଶେଷ ହୋଇନାହିଁ। ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ସକାଶେ ଯେକୌଣସି ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଅନ୍ୟପକ୍ଷରେ ପାକିସ୍ତାନ ମଧ୍ୟ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ପ୍ରସ୍ତୁତି ଆରମ୍ଭ କରିଛି। ଚୀନଠାରୁ ସ୍ୱତନ୍ତ୍ର କ୍ଷମତା ସମ୍ପନ୍ନ ୫ମ ପିଢ଼ିର ୪୦ଟି ଜେ-୩୫ ଯୁଦ୍ଧ ବିମାନ ସଂଗ୍ରହ କରୁଛି ପାକିସ୍ତାନ। ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ସୁରକ୍ଷା ବ୍ୟବସ୍ଥା ସହ ଅନ୍ୟାନ୍ୟ ସରଞ୍ଜାମ ଯୋଗାଣର ପ୍ରତିଶ୍ରୁତି ପାଇ ପାକିସ୍ତାନ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ସିଧୁ କହିଛନ୍ତି ଯେ ଆଗକୁ ଅସଲ ଯୁଦ୍ଧରେ ସେ ନେତୃତ୍ୱ ନେବେ। ପରିବର୍ତ୍ତିତ ସମୟର ଆବଶ୍ୟକତା ଦୃଷ୍ଟିରୁ ପଦାତିକ ବାହିନୀ ଗୁରୁତ୍ୱ ହରାଇଛି। ପରୋକ୍ଷରେ ସେ ଜେନେରାଲ ମୁନୀରଙ୍କ ପ୍ରଭୁତ୍ୱ ଓ ପ୍ରଭାବୀ ଭୂମିକା ଗୁରୁତ୍ୱ ହରାଇଥିବା ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୁସରଫ୍. ମେ ୨୦ ତାରିଖରେ ସିଧୁଙ୍କ କାର୍ଯ୍ୟକାଳ ମିଆଦ ବୃଦ୍ଧି କରି ଆଭ୍ୟନ୍ତରୀଣ ବିଦ୍ରୋହ ଓ ବିଦ୍ୱେଷ ପ୍ରଶମନ କରିଛନ୍ତି। ତେବେ ଏହା ଶେଷ କଥା ନୁହେଁ। ସାମରିକ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଏହି ଫାଟରୁ ରାଜନୈତିକ ନେତୃତ୍ୱ ଫାଇଦା ହାସଲ କରିବା ମଧ୍ୟ ସମ୍ଭାବନା ଅଛି।

## ଭୂମି ବ୍ୟାଙ୍କ ବନାମ ଭୂମି ସଂସ୍କାର

ପ୍ରତାପ ଚନ୍ଦ୍ର ସାମଲ

ଭାରତ ସମେତ ଅନ୍ୟ ଦେଶରେ କୃଷକ ସଂଘମାନେ ବିଭିନ୍ନ ଆନ୍ଦୋଳନର ପନ୍ଥା ଧରି ଦାବି ବାଢ଼ିବାରେ ବ୍ୟସ୍ତ। ଏହାଦ୍ୱାରା ଅର୍ଥନୈତିକ ବିକାଶରେ ଦେଶ ପଛରେ ପଡ଼ିଯାଏ। କିନ୍ତୁ ଜାପାନ ଓ ଦକ୍ଷିଣ କୋରିଆର କୃଷିସେବା ସମିତିମାନଙ୍କ ପରି ତାଇୱାନ୍‌ର ୨୦୦ କୃଷକ ସଂଘ ବିଭିନ୍ନ କୃଷିରଣ ଗ୍ରହଣ କରି ଯଥେଷ୍ଟ ଉତ୍ପାଦନ ବଢ଼ାଇପାରିଛନ୍ତି। ଫଳରେ ୧୯୬୩ରୁ ୧୯୭୯ ମସିହା ମଧ୍ୟରେ ତାଇୱାନ୍ ଅଧିବାସୀମାନଙ୍କ ହାରାହାରି ବ୍ୟକ୍ତିଗତ ଆୟ ୭ ଗୁଣା ବଢ଼ିଛି। ଅର୍ଥାତ୍ ଜାପାନ ପଛକୁ ତାଇୱାନ୍ ଆର୍ଥିକ ପଦ୍ଧତିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ତାଇୱାନ୍ ଦ୍ୱୀପ ଚୀନ୍‌ର ମୂଳ ଭୂଖଣ୍ଡ ଠାରୁ ୧୬୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ। ୧୯୫୩ ମସିହାରେ ସେଠାରେ ଆଶୁ ଭୂ-ସଂସ୍କାର ପ୍ରବର୍ତ୍ତନ ଆରମ୍ଭ ହୋଇ ୧୯୬୨ ମସିହା ସୁଦ୍ଧା ଚାଷୀମାନଙ୍କ ଭିତରେ ଜମିବଣ୍ଟନ ତଥା ରୟତ ସତ୍ତ୍ୱ ପ୍ରଦାନ କରାଗଲା। ଉକ୍ତ ଭୂ-ସଂସ୍କାର ନୀତିକୁ ସଫଳ ରୂପାୟନ ଦେବାରେ ତାଇୱାନ୍‌ର ଭୂମି ବ୍ୟାଙ୍କ ଓ ତା'ର ୨୯ଟି ଶାଖା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସରକାରଙ୍କ ବିନା ଅର୍ଥ ବିନିଯୋଗରେ ଭୂମି ବଣ୍ଟନ କାର୍ଯ୍ୟ ଅଳ୍ପ ସମୟରେ ସୁରୁଖୁରୁରେ ସମାପିତ ହୋଇଥିଲା। ଉକ୍ତ ବ୍ୟାଙ୍କ ଜମିଦାରମାନଙ୍କୁ କ୍ଷତିପୂରଣ ବାବଦରେ ଭୂମିରଣ ପତ୍ର ପ୍ରଦାନ କରି ସେମାନଙ୍କ ଜମି କ୍ରୟ କରିଥିଲେ। ଜମିଦାରଙ୍କ କ୍ଷତିପୂରଣ ପୈଠ କରିବା ପାଇଁ ଚାଷୀମାନଙ୍କଠାରୁ ଶସ୍ୟ ଅମଳ ପରେ କିସ୍ତିରେ ସେଠାକାର ଫସଲ ଧାନ କିମ୍ବା କନ୍ଦମୂଳ ଆଦାୟ ହୋଇ ତାହା ଖାଦ୍ୟ ନିଗମକୁ ବିକ୍ରୟ କରି ମୂଲ୍ୟବାବଦ ଅର୍ଥ ବ୍ୟାଙ୍କରେ ଜମାହୁଏ। ବ୍ୟାଙ୍କ ଉକ୍ତ ଜମାରୁ ଭୂମିରଣ ପତ୍ର ଭଙ୍ଗାଇ ଜମିଦାରମାନଙ୍କୁ ତାଇୱାନ୍ ଡଲାର ଦିଏ। ଉକ୍ତ ବ୍ୟାଙ୍କ ସରକାରୀ କୃଷି ଫାର୍ମ ନିଜ ଦାୟିତ୍ୱରେ କିମ୍ବା ଚାଷୀମାନଙ୍କ ସାହାଯ୍ୟରେ ଆତ୍ମନିର୍ଭରଶୀଳ ପନ୍ଥାରେ ସୁଚାରୁ ରୂପେ ପରିଚାଳନା କରି ୧୪୬୪୭ ହେକ୍ଟର ଜମିକୁ ଉନ୍ନତ କରିପାରିଛି। ବ୍ୟାଙ୍କର ପୁଞ୍ଜି ବିନିଯୋଗରେ ସହର ଜମି ତଥା ଶିଳ୍ପନଗରୀ ଜମିଗୁଡ଼ିକର ଉନ୍ନତି ହୋଇପାରିଛି। ବ୍ୟାଙ୍କର ସମୁଦାୟ ରଣର ଶତକଡ଼ା ୫୦.୬୧ଭାଗ କୃଷକ ସଂଘମାନଙ୍କ ଜରିଆରେ କୃଷି ଉତ୍ପାଦନ, ଫସଲ ବିକାକିଣା, ମତ୍ସ୍ୟଚାଷ, ଜଳସେଚନରେ ବିନିଯୋଗ ଇତ୍ୟାଦି କରାଯାଇଛି। ଶତକଡ଼ା ୩୭.୨୦ଭାଗ ଅର୍ଥ ଗୃହ ନିର୍ମାଣରେ ବିନିଯୋଗ କରାଯାଇଛି। ୧୧.୦୮ ଭାଗ ଅର୍ଥ ଜମି କିଣା, ଜମି ସମୀକରଣ, ଗ୍ରାମ, ସହର ତଥା ଶିଳ୍ପନଗରୀ ଜମିର ଉନ୍ନତିରେ ବିନିଯୋଗ କରାଯାଇଛି।

ଭୂ-ସଂସ୍କାର ବ୍ୟବସ୍ଥା ତଦାରଖ କରିବା ପାଇଁ ତାଇୱାନ୍ ସରକାର ଗୋଟିଏ ରୟତ କମିଟି ନିଯୁକ୍ତ କରିଛନ୍ତି। ଉକ୍ତ କମିଟିରେ ୫ ଜଣ ରୟତ, ୨ ଜଣ ଭୂମି ମାଲିକ, ୨ ଜଣ ଜମିଦାର ଓ ୨ ଜଣ ସରକାରୀ କର୍ମଚାରୀ ଅଛନ୍ତି। କମିଟି ଜମିଦାର ଓ ରୟତମାନଙ୍କ ଭିତରେ ଉପୁଜୁଥିବା ବିବାଦକୁ ଆପୋସ ବୁଝାମଣାରେ ତୁଟାଇଥା'ନ୍ତି। ଉକ୍ତ କମିଟି ବାର୍ଷିକ ଉତ୍ପାଦିତ ଫସଲର ବଜାର ଦର ନିରୂପଣ ତଥା ପ୍ରାକୃତିକ ବିପର୍ଯ୍ୟୟରେ ଚାଷୀର ଫସଲ ନଷ୍ଟ ପାଇଁ ରାଜସ୍ୱ ଛାଡ଼ କରିବାକୁ ସୁପାରିସ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛି। ଭୂ-ସଂସ୍କାର ପ୍ରଥମ ପଦକ୍ଷେପ ସ୍ୱରୂପ ଯେଉଁ ଚାଷୀମାନେ ସରକାରୀ ଜମି ଚାଷ କରୁଥିଲେ ସେମାନେ ପଟ୍ଟା ପାଇଲେ। ଜମିଦାରମାନଙ୍କୁ ରୟତମାନେ ଉତ୍ପାଦିତ ଫସଲର ଶତକଡ଼ା ୫୦ ଭାଗରୁ ୭୦ ଭାଗ ପରିବର୍ତ୍ତେ ଶତକଡ଼ା ୩୭.୫ ଭାଗ ଫସଲ ରାଜସ୍ୱ ଆକାରରେ ଦେଲେ।

ସେହିପରି ଲଙ୍ଗଳ ଯାହାର ଜମି ତା'ର ନୀତି ଅନୁଯାୟୀ ଭୂମି ବ୍ୟାଙ୍କ ଜମିଦାରଙ୍କ ଅଧୀନରେ ଥିବା ରୟତମାନଙ୍କ ଜମିକିଣି ପୁଣି ସେହିମାନଙ୍କୁ ବିକ୍ରି କରି କ୍ଷତିପୂରଣ ବାବଦରେ ଶତକଡ଼ା ୭୦ ଭାଗ ଭୂମି ରଣପତ୍ର ପ୍ରଦାନ କରି ଅବଶିଷ୍ଟ ୩୦ ଭାଗ ୪ଟି ସରକାରୀ ଶିଳ୍ପୋଦ୍ୟୋଗରେ ଅଂଶ ଭାବେ ବିନିଯୋଗ କରିବାରୁ ଜମିଦାରମାନେ ଥଇଥାନ ହୋଇ ବିଶେଷ ଲାଭବାନ୍ ହୋଇପାରିଛନ୍ତି। ଜମିଦାରମାନେ ଜମିର ବାର୍ଷିକ ଉତ୍ପାଦିତ ଫସଲର ବଜାର ଦରରେ ୨୧/୨ ଗୁଣ କ୍ଷତିପୂରଣ ପାଇଲେ। ତାଇୱାନ୍‌ରେ ଜଳସେଚିତ ଜମିରେ ବର୍ଷକୁ ଦୁଇଥର ଫସଲ ଅମଳ ହୁଏ ଏବଂ ଅନ୍ୟ ଜମିରେ ପ୍ରଧାନତଃ କନ୍ଦମୂଳ ଚାଷ ହୁଏ। ଏଣୁ ଚାଷୀମାନେ ଜମିଦାରମାନଙ୍କ କ୍ଷତିପୂରଣ ବାବଦରେ ଧାନ କିମ୍ବା କନ୍ଦମୂଳ ଅମଳ ପରେ ବାର୍ଷିକ ୨ଟି କିସ୍ତି ହିସାବରେ ଶତକଡ଼ା ୪ ଟଙ୍କା ସୁଧରେ ୧୦ ବର୍ଷରେ ମୋଟ ୨୦ଟି କିସ୍ତିରେ ଉତ୍ପାଦିତ ଫସଲର ଶତକଡ଼ା ୩୭.୫ ଭାଗ ଖାଦ୍ୟନିଗମ ଜରିଆରେ ଭୂମି ବ୍ୟାଙ୍କରେ ଦାଖଲ ଦେଇଥିଲେ। ମୁଦ୍ରାର ମୂଲ୍ୟରେ ହ୍ରାସବୃଦ୍ଧିକୁ ରୋକିବାକୁ ସରକାର ଜମିଦାରମାନଙ୍କୁ କ୍ଷତିପୂରଣ ଦେବାକୁ ଧାନ ଓ କନ୍ଦମୂଳ ବଦଳରେ ଭୂମିରଣ ପତ୍ର ଦେବାରେ ବ୍ୟବସ୍ଥା କଲେ। ଅବଶ୍ୟ ତାଇୱାନ୍‌ର ଅର୍ଥନୀତି ସୁଦୃଢ଼ ଥିବାରୁ ତାଇୱାନ୍ ଡଲାର ମୂଲ୍ୟର ବିନିମୟ ହାରରେ କ୍ୱଚିତ୍ ପରିବର୍ତ୍ତନ ଘଟେ।

ଉକ୍ତ ରଣପତ୍ର କେବଳ ଜମିଦାରମାନଙ୍କ କ୍ଷତିପୂରଣ ପାଇଁ ଉଦ୍ଦିଷ୍ଟ ଥିବାରୁ ସେମାନେ ବଜାରରେ ତାହାକୁ ଭଙ୍ଗାଇ ପାରୁନଥିଲେ। ଅବଶ୍ୟ ରୟତକୁ ଜମିଦେବା ଆଇନ ଅନୁଯାୟୀ ତାଇୱାନ ଟ୍ରେଜେରୀ ଉକ୍ତ ରଣପତ୍ର ବିନିମୟକୁ ଅଙ୍ଗୀକାରବଦ୍ଧ ଥିବାରୁ ଏହା ରୟତ ଜମି କିଣିବା ଧନରେ ସୁରକ୍ଷିତ ଥିଲେ ମଧ୍ୟ ଜମିଦାରମାନେ ଉକ୍ତ ରଣପତ୍ର ବନ୍ଧକୀ ଦେବକୁ ଅନୁମତି ପାଇଥିଲେ। ଦୈବୀ ଦୁର୍ବିପାକରେ ଫସଲ ନଷ୍ଟ ହେଲେ ଚାଷୀ କିସ୍ତି ଦେବାରେ ଅକ୍ଷମ ହେଉଥିବାରୁ ସରକାର ଗୋଟିଏ 'ଭୂମି ରଣପତ୍ର ମୁକ୍ତି ଅଙ୍ଗୀକାର ପାଣ୍ଠି' ସୃଷ୍ଟି କରି ଚାଷୀମାନଙ୍କ କିସ୍ତି ଭୂମି ବ୍ୟାଙ୍କରେ ଦାଖଲ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଚାଷୀମାନେ କ୍ୱଚିତ୍ କିସ୍ତି ଖିଲାପ କରିବାର ଦେଖାଯାଏ। ଉକ୍ତ ରଣପତ୍ର ଷ୍ଟାମ୍ପକର, ଆୟକର ଓ ଘର ଟିକସରୁ ମୁକ୍ତ ଅଟେ। ୫୦, ୧୦୦, ୫୦୦, ୧୦୦୦, ୫୦୦୦, ୧୦୦୦୦ କି.ଗ୍ରା. ଧାନ ପରିମାଣର ୬ଟି ପ୍ରକାର ରଣପତ୍ର ଏବଂ ୧୦୦, ୫୦୦, ୫୦୦୦, ୧୦୦୦୦, ୩୦୦୦୦ କି.ଗ୍ରା. କନ୍ଦମୂଳ ପରିମାଣର ୫ ପ୍ରକାର ରଣପତ୍ର ଜମିଦାରମାନଙ୍କୁ ଦିଆଯାଉଛି।

୧୯୫୩ ମସିହାରେ ଜମିଦାରମାନେ ଅବଶିଷ୍ଟ ୩୦ ଭଗ କ୍ଷତିପୂରଣ ବାବଦ ଅର୍ଥ ସିମେଣ୍ଟ, କାଗଜ, କୃଷି, ଜଙ୍ଗଲ, ଶିଳ୍ପ ଓ ଖଣିଜ ପ୍ରଭୃତି ଚାରୋଟି ସରକାରୀ ନିଗମକୁ ସର୍ବମୋଟ ୬ କୋଟି ୬୦ ଲକ୍ଷ ତାଇୱାନ୍ ଡଲାର୍ ଅଂଶରେ କିଣିନେଇ ବିଶେଷ ଲାଭବାନ୍ ହୋଇଛନ୍ତି। ଉକ୍ତ ଜମିଦାରମାନଙ୍କ ଜମି ମୂଲ୍ୟ ବାବଦରେ ଚାଷୀମାନେ ଚାଉଳ ଓ କନ୍ଦମୂଳ ଖାଦ୍ୟ ନିଗମ ଜରିଆରେ ଭୂମି ବ୍ୟାଙ୍କରେ ଦାଖଲ ଦେଇଛନ୍ତି। ୧୯୬୨ ରୁ ୧୯୮୪ ମସିହା ଭିତରେ ଛୋଟ ଜମିକୁ ଏକତ୍ରୀକରଣ ମାଧ୍ୟମରେ ୧୨ ହେକ୍ଟର ବିଶିଷ୍ଟ ପ୍ଲଟ୍‌ମାନ କରାଯାଇଛି। କ୍ରମାନ୍ୱୟରେ ଜଳସେଚନର ସୁବିଧା ପାଇଁ ପ୍ରତ୍ୟେକ ପ୍ଲଟ୍‌କୁ ତିନୋଟି ଲେଖାଏଁ ଚଉଖୁଣ୍ଟିଆ ବ୍ଲକରେ ବିଭକ୍ତ କରାଯାଇଛି।

ତାଇୱନ୍ ଓ ଦକ୍ଷିଣ କୋରିଆର ଆର୍ଥିକ ପ୍ରଗତି ସହିତ ଆମ ଦେଶର ଆର୍ଥିକ ଅବସ୍ଥାକୁ ତୁଳନା କଲେ ଦୁଃଖ ଓ ହତାଶ ଭାବ ଜାଗ୍ରତ ହୁଏ। ଏପରିକି ତାଇୱାନ୍ ଗଣତନ୍ତ୍ର ଶାସନ ଜରିଆରେ ଜନ ସହଯୋଗ ପାଇବା ଫଳରେ ବ୍ୟାପକ ଉନ୍ନତି କରି କମ୍ୟୁନିଷ୍ଟ ଶାସନାଧୀନ ଚୀନ୍‌କୁ ବହୁ ପଛରେ ପକାଇଦେଇଛି। ପୃଥିବୀରେ ତାଇୱାନ୍ ଗବେଷଣାଗାରରେ ପ୍ରଥମେ ଅଧିକ ଉତ୍ପାଦନ କ୍ଷମ ଟାଇଚୁଙ୍ଗ୍ ଧାନ ଉଦ୍ଭାବନ ହେବା ଫଳରେ ଧାନ ଉତ୍ପାଦନ ହାର ବଢ଼ିଚାଲିଛି। ମୋଟାମୋଟି ଭାବରେ ତାଇୱାନ୍ ସରକାର ୧୯୫୩ ମସିହାରୁ ଜନସହଯୋଗରେ ଭୂସଂସ୍କାର ନୀତି ତଥା ଅନ୍ୟାନ୍ୟ ଆନୁସଙ୍ଗିକ କୃଷିଭିତ୍ତିକ ଉତ୍ପାଦନ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାଙ୍କ ସହିତ ଜଡ଼ିତ କରାଇ ନିଷ୍ଠା ତଥା ଦୃଢ଼ ଭାବରେ କାର୍ଯ୍ୟକାରୀ କରିବାରୁ ଲୋକମାନଙ୍କର ଏପରି ବ୍ୟାପକ ଆର୍ଥିକ ପ୍ରଗତି ସମ୍ଭବ ହୋଇପାରିଛି।

ଓଡ଼ିଶା ସରକାର ତାଇୱାନ୍ ପରି ଭୂମିବ୍ୟାଙ୍କ ଓ ଭୂମି ସଂସ୍କାର ନୀତିକୁ ଆପଣାଇ ପାରିଲେ ଓଡ଼ିଶାର ଜନସାଧାରଣ ଏହାର ସୁଫଳ ପାଇପାରନ୍ତେ ଏବଂ ଚାଷୀମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିପାରନ୍ତା। ଓଡ଼ିଶା ଭୂମି ସଂସ୍କାରରେ ଆଉ ପାଦେ ଆଗକୁ ଯାଇପାରନ୍ତା।

(ବରିଷ୍ଠ ସମବାୟବିତ୍)
କଟକ, ମୋ: ୯୦୯୦୩୨୫୮୦୨

## ଆୟୁର୍ବେଦ ପଛରେ ପଡ଼ିଯିବାର କାରଣ

ଡ. ନିରଞ୍ଜନ ସାହୁ

ଆୟୁର୍ବେଦ ହେଉଛି ସର୍ବପୁରାତନ ଚିକିତ୍ସା ପଦ୍ଧତି, ଯାହାର ପ୍ରଚଳନ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବରୁ ଭାରତରେ ହୋଇଛି ବୋଲି ପ୍ରମାଣ ମିଳେ। ମାତ୍ର ପ୍ରାୟ ଦୁଇଶହ ବର୍ଷ ଭିତରେ ଗଢ଼ି ଉଠିଥିବା ଆଧୁନିକ ଚିକିତ୍ସା ବିଜ୍ଞାନ ଏହା ଭିତରେ ଏତେ ପ୍ରଭୂତ ଉନ୍ନତି କରିଛି ଯେ ପୃଥିବୀର ପ୍ରାୟ ସବୁଦେଶରେ ତା'ର ରାଜୁତି। ଗୋଦାବରୀଶ ମହାପାତ୍ରଙ୍କର ଏକ କାଳଜୟୀ ଗପର କିଛି ଉଦ୍ଧୃତାଂଶ ଏଠାରେ ପ୍ରଯୁଜ୍ୟ - 'ସମସ୍ତେ କହନ୍ତି ଡାକ୍ତରଖାନା ପାଖରେ ବରଗଛଟି ଅଛି, ମାତ୍ର ଆଦିବାସୀ ଶୁକ୍ରୁଜାନୀ କହେ ବରଗଛ ପାଖରେ ଡାକ୍ତରଖାନାଟି ଅଛ। ତା' ମତରେ ପାଞ୍ଚଶହ ବର୍ଷର ବରଗଛ ଥାଉଁ ଥାଉଁ ସେ ଇତିହାସ ସୃଷ୍ଟି ନକରି ପାଞ୍ଚ ବର୍ଷର ଡାକ୍ତରଖାନା କ'ଣ ସେଇ ଜାଗା ନେଇପାରିବ?' ବାସ୍ତବରେ ତଥାକଥିତ ସଭ୍ୟ ଲୋକଙ୍କ ବିଚାର ହେଲା ଡାକ୍ତରଖାନା ମୁଖ୍ୟ ଆଉ ବରଗଛ ଗୌଣ। ଠିକ୍ ସେଇୟା ଘଟିଛି ଆୟୁର୍ବେଦ କ୍ଷେତ୍ରରେ।

ଆୟୁର୍ବେଦର ଇତିହାସ ସୁଦୀର୍ଘ ତାହା କେହି ମନା କରିପାରିବେ ନାହିଁ। ମାତ୍ର ଦୁଃଖର କଥା ହେଲା ଏଇ ଦୁଇପ୍ରକାର ଚିକିତ୍ସା ବିଜ୍ଞାନର ଲକ୍ଷ୍ୟ ଅଲଗା। ଆୟୁର୍ବେଦ ମଣିଷର ସାଧାରଣ ସ୍ୱାସ୍ଥ୍ୟ କିପରି କିପରି ଠିକ୍ ରହିବ ଏବଂ ସେ କିପରି ରୋଗମୁକ୍ତ ନିରାମୟ ଜୀବନଯାପନ କରିପାରିବ, ତାହା ଲକ୍ଷ୍ୟ ରଖିଥାଏ। ଆଧୁନିକ ଚିକିତ୍ସା ବିଜ୍ଞାନ ଗବେଷଣାଲବ୍ଧ ଜ୍ଞାନ ଲାଭ କରି ତ୍ୱରିତ ଆରାମ ଦେବାର ବ୍ୟବସ୍ଥା କରେ। ଅବଶ୍ୟ ଏହା ସତ ଯେ ଆୟୁର୍ବେଦ ଔଷଧି ପ୍ରୟୋଗରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ରୋଗୀ ଅନୁଭବ କରେନାହିଁ। ମାତ୍ର ଏହା ତ୍ୱରିତ ଆରୋଗ୍ୟ କରିବାର କ୍ଷମତା ରଖେନାହିଁ। ଆୟୁର୍ବେଦରେ ଏକ ସୁସ୍ଥ ଓ ସାମଗ୍ରିକ ଭାବରେ ନିରାମୟ ଜୀବନର ସୂତ୍ର ରହିଛି। ମାତ୍ର ଆଧୁନିକ ପିଢ଼ିର ଲୋକମାନେ କୌଣସି ବାଧାବନ୍ଧନ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏହାର ଫଳଶ୍ରୁତି ହୋଇଛି ଯେ ଆଧୁନିକ ଚିକିତ୍ସା ବିଜ୍ଞାନ ଆଗରେ ଫିକା ପଡ଼ିଯାଇଛି ଆୟୁର୍ବେଦ।

ଆଧୁନିକ ଔଷଧକୁ ହିନ୍ଦୀରେ କୁହାଯାଏ 'ଦବାଇ'। କେହି ଜଣେ ଅନୁସନ୍ଧିତ୍ସୁ କହୁଥିଲେ ଏହା ସେମିତି ଗୋଟିଏ ରୋଗକୁ ଦବେଇ ଦେଇ ଆଉ ଗୋଟିଏ ନୂଆ ରୋଗ ସୃଷ୍ଟି କରିବାକୁ ଉଦ୍ୟତ। ଆଧୁନିକ ଯୁଗର ନିୟାମକ ହେଲା ବିଜ୍ଞାନ। ବିଜ୍ଞାନର ଭିତ୍ତି ହେଲା ପ୍ରମାଣ, ଯାହା ସାର୍ବଜନୀନ। ମାତ୍ର ଆଧୁନିକ ବିଜ୍ଞାନର ଏଇ ତତ୍ତ୍ୱରେ ଆୟୁର୍ବେଦ ସବୁକ୍ଷେତ୍ରରେ ସଫଳ ହୋଇପାରେ ନାହିଁ, ଯାହାଫଳରେ ପୃଥିବୀର ଅତି ଉନ୍ନତ ଦେଶମାନେ ଆୟୁର୍ବେଦକୁ ଗ୍ରହଣ କରିପାରି ନାହାନ୍ତି। ଯଦିଓ କିଛି ଆଧୁନିକ ଦେଶ ଆୟୁର୍ବେଦକୁ କିଛିପ୍ରକାରେ ଗ୍ରହଣ କରିଛନ୍ତି, ତାହା ଔଷଧ ରୂପରେ ନୁହେଁ ବରଂ ଅତିରିକ୍ତ ଖାଦ୍ୟ ଭାବରେ। ଆମେରିକା ପରି ୪୦କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାତ୍ର ଅଢ଼େଇ ଲକ୍ଷ ଲୋକ ଆୟୁର୍ବେଦିକ ଔଷଧ ବ୍ୟବହାର କରନ୍ତି ବୋଲି ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ମାତ୍ର କିଛି ପୁରାତନ ରୋଗ ଏବଂ ଗଣ୍ଠିବ୍ୟଥା ପରି କେତେକ ନିର୍ଦ୍ଦିଷ୍ଟ ରୋଗରେ ଆୟୁର୍ବେଦିକ ଔଷଧ ଖୁବ୍ ଫଳପ୍ରଦ ବୋଲି ବିଚାର କରାଯାଏ।

୧୯୯୦ ଦଶକର କଥା। ସେତେବେଳର ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଆସିଥିଲେ ଆୟୁର୍ବେଦିକ ଡାକ୍ତରଙ୍କର ଏକ ପ୍ରତିନିଧି ଦଳ। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଦାବି କହିବା ପୂର୍ବରୁ ତାଙ୍କୁ ପ୍ରଭାବିତ କରିବା ପାଇଁ କହିଲେ, 'ଆପଣ ସବୁବେଳେ ସ୍ୱାଭିମାନ କଥା କହୁଛନ୍ତି। ଆମେମାନେ ମଧ୍ୟ ଶତପ୍ରତିଶତ ତାହା ପାଳନ କରିବାକୁ ଚାହୁଁ। କିନ୍ତୁ ଆମେ ଏଲୋପାଥିକ ଡାକ୍ତରଙ୍କ ପରି ଦ୍ୱିତୀୟ ଶ୍ରେଣୀ ଗେଜେଟେଡ୍ ପାହ୍ୟା ପାଇନାହୁଁ (ତାହା ଥିଲା ସେତେବେଳର ସ୍ଥିତି)। ତେଣୁ ଆମର ସ୍ୱାଭିମାନ ସ୍ୱାଭାବିକ ଭାବରେ ବ୍ୟାହତ ହେଉଛି। ଏହା ଫଳରେ ଆମେ ଉଚ୍ଚସ୍ତର ସେବା ଦେବା ପାଇଁ ଆବଶ୍ୟକ ପ୍ରେରଣା ପାଇ ପାରୁନାହୁଁ।' ମୁଖ୍ୟମନ୍ତ୍ରୀ କହିଲେ, 'ସେମାନେ ମୋ ଛାତିରେ ଅପରେସନ କରି କ'ଣ ଗୋଟାଏ ମେସିନ୍ ଲଗେଇ ଦେଇଛନ୍ତି, ମୋର ନିଃଶ୍ୱାସ ପ୍ରଶ୍ୱାସ ସେଇଥିଲେ ଚାଲିଛି। ତମେ ସେମିତି କରିପାରିବ?' ଗୋଟାଏ ନିଃଶବ୍ଦତା ଛାଇଗଲା ଚାରିଆଡ଼େ। ମୁଖ୍ୟମନ୍ତ୍ରୀ କହିଲେ, 'ତମେ ଖାଲି ମୋଦକ ତିଆରି କଲେ କ'ଣ ଚଳିବ? ଶଲ୍ୟ ଚିକିତ୍ସାରେ କିଛି କାମ କରି ଦେଖାଅ, ତା'ପରେ ଆସିବ।' ସର୍ଜରୀ କ୍ଷେତ୍ରରେ ପ୍ରଭୂତ ଉନ୍ନତି କରିଛି ଏଲୋପାଥିକ ଚିକିତ୍ସା ବ୍ୟବସ୍ଥା। ଏହା ଫଳରେ ବହୁ ଦୁରାରୋଗ୍ୟ ବ୍ୟାଧିର ଉପଶମ କରାଯାଇପାରୁଛି ଏବଂ ଏହା ଲୋକଙ୍କର ପ୍ରିୟ ହେବା ପଛର ଏକ ବିଶେଷ କାରଣ।

ଆୟୁର୍ବେଦ ପଛରେ ପଡ଼ିଯିବାର ଆଉ ଏକ ପ୍ରମୁଖ କାରଣ ହେଲା ଆୟୁର୍ବେଦିକ ଔଷଧ ପ୍ରସ୍ତୁତିରେ ଗୁଣାତ୍ମକମାନ ଠିକ୍ ରଖିବା ପାଇଁ ସେମିତି କଡ଼ାକଡ଼ି ବ୍ୟବସ୍ଥା ନାହିଁ। ଏହା ଫଳରେ ନ୍ୟୂନମାନର ବହୁ ଔଷଧ ବଜାରକୁ ଆସୁଛି ଏବଂ ଗ୍ରାହକ ବା ରୋଗୀମାନଙ୍କର ବିରାଗ ଭାଜନ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମେଧାବୀ ଛାତ୍ରଛାତ୍ରୀମାନେ ଆଧୁନିକ ଚିକିତ୍ସା ବିଜ୍ଞାନ ସାଥୀରେ। ସେମାନେ ସବୁଦିନ ଗବେଷଣାରେ ଲାଗିଛନ୍ତି। ଉନ୍ନତ ଗବେଷଣା ବିନା କୌଣସି ଜ୍ଞାନ ଉତ୍କର୍ଷ ସ୍ତରରେ ପହଞ୍ଚି ପାରେ ନାହିଁ। ତାହା ହିଁ ହୋଇଛି ଅବଶ୍ୟମ୍ଭାବୀ ପରିସ୍ଥିତି।

ଗୁରୁକୁଳରେ ସବୁଠାରୁ ମେଧାବୀ ଥିଲେ ଚରକ। ବିଦ୍ୟା ଶିକ୍ଷା ଅନ୍ତେ ଗୁରୁ ଶିଷ୍ୟମାନଙ୍କ ପରୀକ୍ଷା ନେବା ପାଇଁ କହିଲେ, ସମସ୍ତେ ଅଲଗା ଅଲଗା ଯିବ ଏବଂ ଅନୁଧ୍ୟାନ ପୂର୍ବକ ଗୋଟିଏ ଗଛର ପତ୍ର ନେଇ ଆସିବ, ଯାହାର କୌଣସି ଔଷଧୀୟ ଗୁଣ ନଥିବ। କିଛି ସମୟ ପରେ କେବଳ ଚରକଙ୍କୁ ଛାଡ଼ି ସମସ୍ତ ଶିଷ୍ୟ ପତ୍ରଟିଏ ଲେଖାଏଁ ଧରି ଆଶ୍ରମକୁ ଫେରିଲେ। ସନ୍ଧ୍ୟା ଆଗତପ୍ରାୟ। ଚରକଙ୍କୁ ଖୋଜିବାକୁ ବଣ ଭିତରକୁ ଯାଇ ଗୁରୁ ଦେଖିଲେ ଚରକ ପରୀକ୍ଷା ନିରୀକ୍ଷାରେ ଲାଗିଛନ୍ତି। ଗୁରୁଙ୍କୁ ଦେଖି ରଚକ କହିଲେ, 'ମହାତ୍ମା ମୁଁ ଆଜି ଦିନର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛି। କାରଣ ଏପର୍ଯ୍ୟନ୍ତ ମୁଁ କୌଣସି ବୃକ୍ଷର ସନ୍ଧାନ ପାଇଲି ନାହିଁ, ଯାହାର ଔଷଧୀୟ ଗୁଣ ନାହିଁ।' ସେଇ ପରୀକ୍ଷାରେ କେବଳ ଚରକ ହିଁ କୃତକାର୍ଯ୍ୟ ହୋଇଥିଲେ। ବହୁ ବର୍ଷପୂର୍ବରୁ ହୋଇଥିବା ସେଇ ପରୀକ୍ଷା ସୂଚେଇଦିଏ ଯେ ସବୁ ବୃକ୍ଷରେ କିଛିନା କିଛି ଔଷଧୀୟ ଗୁଣ ରହିଛି। ଏହାକୁ ଖୋଜି ବାହାର କରି ଉପଯୁକ୍ତ ପ୍ରୟୋଗ କରିବା ଆବଶ୍ୟକ। ଅଧିକ ମେଧାବୀ ଏ ବିଷୟରେ ଆଗ୍ରହୀ ହେଲେ ଏବଂ ସରକାରଙ୍କର ଶୁଭଦୃଷ୍ଟି ରହିଲେ ଏହି ପାରମ୍ପରିକ ଜ୍ଞାନଭିତ୍ତିକ ଚିକିତ୍ସା ପଦ୍ଧତି ଲୋକପ୍ରିୟ ହୋଇପାରିବ।

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

## ତିବ୍ବତରେ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

(ପୂର୍ବପ୍ରକାଶିତ ଉତ୍ତାରୁ...)



### ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତରେ ପଦ୍ମସମ୍ଭବ ପହଞ୍ଚିବା ପରେ ଶାନ୍ତରକ୍ଷିତଙ୍କ ସମୟରୁ ସୃଷ୍ଟି ହୋଇଥିବା ବୌଦ୍ଧଧର୍ମ ପ୍ରତି ଘୋର ବାଧା, ବିରୁଦ୍ଧାଚରଣ ଓ ତତ୍‌ଜନିତ ଆନ୍ଦୋଳନାତ୍ମକ ପରିସ୍ଥିତିକୁ କିପରି ସମ୍ମୁଖୀନ ହେଲେ, କିଭଳି ସେହି ବିରୋଧକୁ ଆୟତ୍ତ କଲେ, ସ୍ଥାନୀୟ 'ବନ୍' ଧର୍ମର ନେତୃମଣ୍ଡଳୀ କିଭଳି ଶାନ୍ତ ହୋଇ ତାଙ୍କୁ ଗ୍ରହଣ କଲେ ଏ ସବୁ ପ୍ରସଙ୍ଗ ବିଚାରଯୋଗ୍ୟ। ତିବ୍ବତରେ ଏସବୁକୁ ଏବଂ ପଦ୍ମସମ୍ଭବଙ୍କୁ ନେଇ ଯାହାସବୁ ତଥ୍ୟ ଉପଲବ୍ଧ, ସେ ସବୁ ଅତ୍ୟନ୍ତ ଅବାସ୍ତବ, ବିଚିତ୍ର, କାଳ୍ପନିକ ଓ ଅବିଶ୍ୱାସ ମନେ ହୁଏ। ତାଙ୍କର ଅସଂଖ୍ୟ ଜୀବନୀବୃତ୍ତାନ୍ତମୂଳକ ପୁସ୍ତକ ଓ ପାଣ୍ଡୁଲିପି ଏବଂ ଜନସାଧାରଣରେ ସେ ବିଷୟରେ ମତାମତ ମଧ୍ୟ ସେହିଭଳି ବୈଚିତ୍ର୍ୟପୂର୍ଣ୍ଣ। ପଦ୍ମସମ୍ଭବଙ୍କ ବ୍ୟକ୍ତିତ୍ୱ ତିବ୍ବତ ଓ ତିବ୍ବତୀୟ ବୌଦ୍ଧଧର୍ମ ବ୍ୟାପୀ ଥିବା ଅଞ୍ଚଳରେ ଏତେ ଉଚ୍ଚସ୍ତରର ଯେ ତାଙ୍କ ସମ୍ପର୍କରେ ଏହିଭଳି ତଥ୍ୟମାନ ସେ ଅଞ୍ଚଳମାନଙ୍କରେ ଭରପୂର ଏବଂ ସେଠାକାର ଅଧିବାସୀମାନେ ସେ ସବୁକୁ ମଧ୍ୟ ଗୁରୁତ୍ୱର ସହ ବିଶ୍ୱାସ କରିଥା'ନ୍ତି। ପଦ୍ମସମ୍ଭବଙ୍କ ସମ୍ପର୍କୀୟ ସମସ୍ତ ଆଲୋଚନା ଓ ତଥ୍ୟରେ ତାଙ୍କର ଅଲୌକିକ ଶକ୍ତି, ତାଙ୍କ ଉପରେ ଦେବତ୍ୱର ଆରୋପ ଆଦି ବହୁଳଭାବେ ଦର୍ଶାଯାଇଛି। ସେ ଜଣେ ଧର୍ମଗୁରୁ ହୋଇଥିବାରୁ ଏଭଳି ହେବା ସ୍ୱାଭାବିକ। ପୃଥିବୀରେ ପ୍ରାୟ ସମସ୍ତ ଧର୍ମଗୁରୁମାନଙ୍କର ସମ୍ପର୍କରେ ଏଭଳି ଧାରଣାମାନ କାଳେ କାଳେ ରହି ଆସିଛି।

ତିବ୍ବତୀୟ ସୂତ୍ରସବୁ ଯେତେ କିମ୍ବଦନ୍ତୀମୂଳକ ହେଲେ ମଧ୍ୟ ସେ ସବୁ ପଦ୍ମସମ୍ଭବଙ୍କ ସମ୍ପର୍କୀୟ ତଥ୍ୟର ଏକମାତ୍ର ସୂତ୍ର ହୋଇଥିବାର ତାହାକୁ ହିଁ ଛାଣି ଚିପୁଡ଼ି ସେଥିରୁ ଯଥାର୍ଥ ତଥ୍ୟ ବାହାର କରିବାକୁ ହୋଇଥାଏ। ସମସ୍ତ ତଥ୍ୟରୁ ଜଣାଯାଏ ଯେ ତିବ୍ବତର ପ୍ରାଚୀନ ତଥା ସେସମୟରେ ପ୍ରଚଳିତ ଥିବା ଧର୍ମମତଗୁଡ଼ିକୁ ସିଧାସଳଖ ଭାବେ ପ୍ରତ୍ୟାଖ୍ୟାନ ନ କରି ପଦ୍ମସମ୍ଭବ ସେସବୁର କିଛିଅଂଶ ଯଥା ରୀତିନୀତି ଓ ଧର୍ମୀୟ ଆଚାରବିଚାର ଆଦିକୁ ବୌଦ୍ଧଧର୍ମ ମଧ୍ୟରେ ଅନ୍ତର୍ଭୁକ୍ତ କରାଇ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ କରାଇପାରିଥିଲେ। ଏହିଭଳି ସେ 'ବନ୍' ଧର୍ମ ଅବଲମ୍ବନ କରୁଥିବା ସମସ୍ତଙ୍କୁ ପ୍ରକାରାନ୍ତରେ ପରାଜିତ କରିପାରିଥିଲେ ମଧ୍ୟ ତାହା ମଧ୍ୟରେ ଥିବା ଉତ୍କୃଷ୍ଟ ନିର୍ଯାସକୁ ଅତ୍ୟନ୍ତ ବୁଦ୍ଧିମତ୍ତାର ସହ ଗ୍ରହଣ କରିପାରିଥିଲେ। ବର୍ତ୍ତମାନ ମଧ୍ୟ ତିବ୍ବତର ପୂର୍ବଭାଗରେ କିଛିସ୍ଥାନରେ ପ୍ରାଚୀନ 'ବନ୍' ଧର୍ମର ସ୍ଥିତି ରହିଛି। ମାତ୍ର 'ବନ୍' ଧର୍ମ ତିବ୍ବତୀୟ ବୌଦ୍ଧଧର୍ମ ସଦୃଶ ହୋଇଯାଇଥିବାରୁ ତଥା ତାହାର ପୂର୍ବସ୍ୱରୂପରେ ପରିବର୍ତ୍ତନ ଘଟିସାରିଥିବାରୁ ତାହାର ଉପସ୍ଥିତି ନଗଣ୍ୟ ହୋଇଯାଇଛି। 'ବନ୍' ଧର୍ମ ମଧ୍ୟ ବୌଦ୍ଧ ଧର୍ମରୁ ଅନେକ କିଛି ଆଚାରବିଚାର ନିଜ ସ୍ୱରୂପ ମଧ୍ୟରେ ଗ୍ରହଣ କରିଛି। ଏପରିକି 'ବନ୍' ମନ୍ଦିରରେ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ମୂର୍ତ୍ତିମାନ ମଧ୍ୟ ଦେଖିବାକୁ ମିଳୁଛି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରଷିକୂଲ୍ୟା ନଦୀ ସୁରକ୍ଷା ସମାବେଶରେ ପରିବେଶବିତ୍ ମେଧା ପାଟେକର

# ପ୍ରକୃତିର ବିପଦ ସଂକେତକୁ ସରକାର ବୁଝନ୍ତୁ



**ଛତ୍ରପୁର, ୬।୬(ସମିସ):** ରଷିକୂଲ୍ୟା ଆମ ଜୀବନରେଖା। କିଛି ବର୍ଷ ହେଲା, ନଦୀ ବାଲି ବ୍ୟାପକ ଚୋରା ଚାଲାଣ ଯୋଗୁଁ ନଦୀର ଜଳଧାରଣ କ୍ଷମତା କମି ଗଲାଣି। ତେଣୁ, ଭୂତଳ ମଧୁର ଜଳ ଶୁଖିଯାଉଛି। ନଦୀରେ ଜଳପ୍ରବାହ କମି କମି ଯାଉଥିବାରୁ ସମୁଦ୍ରର ଲୁଣି ପାଣି ନଦୀ ଭିତରକୁ ଓ ମାଟି ତଳେ ତଳେ ମାଡ଼ି ମାଡ଼ି ଆସୁଛି। ଫଳରେ କୂଅ, ନଳକୂଅ ଏବଂ ବିଭିନ୍ନ ପାଣି ଯୋଗାଣ ପ୍ରକଳ୍ପରେ ଲୁଣିଆ ପାଣି ଆସୁଛି। ସମୁଦ୍ରର ଲୁଣିପାଣି ଏବେ କଂସାରୀଗଣ୍ଡ ପର୍ଯ୍ୟନ୍ତ ଆସିବାରୁ ପିଇବା ପାଣି ଖାରିଆ ହୋଇଗଲାଣି। ଏହି ସ୍ଥିତି ଜାରି ରହିଲେ, ଆଗକୁ ସ୍ଥିତି ଭୟଙ୍କର ହେବ। ଚାଷ କାର୍ଯ୍ୟଠାରୁ ଆରମ୍ଭ କରି ପାନୀୟ ଜଳ ଟୋପାଏ ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ ପଡ଼ିବ। କିନ୍ତୁ ପ୍ରକୃତିର ଏ ବିପଦ ସଂକେତକୁ ବୁଝିବା ପରିବର୍ତ୍ତେ ନଦୀର ଏକମାତ୍ର ପ୍ରକୃତ ଜଳଧାରାକୁ ଅଟକାଇ ପିପଲପଙ୍କାଠାରେ ଜଳଭଣ୍ଡାର ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା, ବର୍ଷା ସରିଗଲା ପରେ ଟୋପାଏ ପାଣି ନଦୀରେ ଆସିବ ନାହିଁ। ନଦୀ ମରିଯିବ। ନଦୀକୂଳ, ବନ୍ଧକୂଳ ଓ ଉଠା ଜଳସେଚନ ପମ୍ପ ଅକାମି ହୋଇଯିବ। ଲୋକେ ପାଣି ପାଇଁ ହାହାକାର ହେବେ। ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ପୋଟଲାମ୍ପୁରଠାରେ ରଷିକୁଲ୍ୟା ନଦୀ ସୁରକ୍ଷା ସମାବେଶରେ ଯୋଗଦେଇଥିବା ବିଶିଷ୍ଟ ପରିବେଶବିତ୍ ମେଧା ପାଟେକର ଏପରି କହିବା ସହ ମାଡ଼ି ଆସୁଥିବା ଏକ ବଡ଼ ବିପଦ ସଂପର୍କରେ ଲୋକଙ୍କୁ ଚେତାଇ ଦେଇଛନ୍ତି। ରଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଷିକୂଲ୍ୟା ନଦୀ ସୁରକ୍ଷା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ମେଧା ପାଟେକର ଯୋଗ ଦେଇ ପରିବେଶ ସୁରକ୍ଷା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ରଷିକୂଲ୍ୟାର ସୁରକ୍ଷା ପାଇଁ ଡ୍ୟାମ୍ ନିର୍ମାଣ ଓ ବାଲି ଚୋରିକୁ ବନ୍ଦ କରିବାକୁ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଏଥିନିମନ୍ତେ ରଷିକୂଲ୍ୟା ସୁରକ୍ଷା କାର୍ଯ୍ୟାନୁଷ୍ଠାନ କମିଟି ତରଫରୁ ସୋରଡ଼ା ପିପଲପଙ୍କାଠାରୁ ନଦୀମୁହାଣ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ସଭାସ୍ଥଳୀ ପର୍ଯ୍ୟନ୍ତ ଏକ ସଚେତନତା ରାଲି ହୋଇଥିଲା। ପରେ ଆୟୋଜିତ ସମାବେଶରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ରଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ରବି ରଥ, ବିଘ୍ନେଶ୍ୱର ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ସାନିଆ ସ୍ୱାଇଁ, ବିଜୟ ସ୍ୱାଇଁ, ରାଜେନ୍ଦ୍ର ନାହାକ, ବିଜୟ ବିଶ୍ୱାଳ, ଭାସ୍କର ସ୍ୱାଇଁ, ରଞ୍ଜନ ସେଠି, ମିନି ମହାପାତ୍ର, ଅନିଲ ସାହୁ, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରମୋଦ ସାହୁ ଓ ପ୍ରବାସୀ ପ୍ରଧାନଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

## ମହିଳାଙ୍କୁ ଲୋଭନୀୟ ଅଫର୍

# ଭିଡିଓ କଲ୍‌ରେ ଷ୍ଟ୍ରେଚ୍‌ମାର୍କ ଦେଖାଇବାକୁ ହଜାରେ ଟଙ୍କା

**ରାଜକନିକା, ୬।୬ (ସମିସ):** ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ଲୋଭନୀୟ ଅଫର୍ ଦେଇ ସମ୍ବେଦନଶୀଳ ସ୍ଥାନରେ କଳାଜାଇ ବା ଷ୍ଟ୍ରେଚ୍‌ମାର୍କ ଦେଖାଇବାକୁ କହି ଜଣେ ମାଷ୍ଟର୍ ବୁକ୍ କିପର୍ (ଏମ୍‌ବିକେ) ହରଡ଼ଘଣାରେ ପଡ଼ିଛନ୍ତି। ଯେଉଁ ମହିଳାଙ୍କ ସମ୍ବେଦନଶୀଳ ସ୍ଥାନରେ ଯେତୋଟି କଳାଜାଇ ଅଥବା ଷ୍ଟ୍ରେଚ୍ ଚିହ୍ନ ଥିବ, ସେହି ମହିଳାଙ୍କୁ ଚିହ୍ନ ପିଛା ୧ ହଜାର ଟଙ୍କା ମିଳିବ। ଲୋଭନୀୟ ଓ ଆକର୍ଷଣୀୟ ଉପହାର ଆକାରରେ ଟଙ୍କା ମିଳିବା ଆଶାରେ ମହିଳାଙ୍କ ଅର୍ଦ୍ଧନଗ୍ନ ଭିଡିଓ ଉତ୍ତୋଳନ ମଧ୍ୟ କରାଯାଇଛି। ଏନେଇ ରାଜକନିକା ଥାନା ଅନ୍ତର୍ଗତ ତ୍ରୈଲୋକ୍ୟପୁର ପଞ୍ଚାୟତ ତେନ୍ତୁଳିକୋଳି ଗ୍ରାମ ମା' ବୁଢ଼ୀ କନକେଇ ସ୍ୱୟଂସହାୟକ ଗୋଷ୍ଠୀର ସଭାପତି କଳ୍ପନା ସାମଲ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ଜଣେ ଏମବିକେଙ୍କୁ ଥାନାରେ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଏମ୍‌ବିକେ କହିଥିଲେ ଯେ ଯେଉଁ ମହିଳାଙ୍କ ସମ୍ବେଦନଶୀଳ ସ୍ଥାନରେ ଯେତୋଟି କାଳିଜାଇ ଅଥବା ଷ୍ଟ୍ରେଚ ଚିହ୍ନ ଥିବ, ସେହି ମହିଳାଙ୍କୁ ଚିହ୍ନ ପିଛା ୧ହଜାର ଟଙ୍କା ମିଳିବ। ଏଥିପାଇଁ ମହିଳାମାନଙ୍କୁ ଏକ ମୋବାଇଲ୍ ନମ୍ବରକୁ ଭିଡିଓ କଲ୍ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଭିଡିଓ କଲରେ ଚିହ୍ନ ପ୍ରଦର୍ଶନ କଲେ, ଟଙ୍କା ମିଳିବ ବୋଲି ଏମ୍‌ବିକେ ଦିଦି କହିଥିବା ଗୋଷ୍ଠୀର ସଭାପତି ଏତଲାରେ ଉଲ୍ଲେଖ କରିଛନ୍ତି। ଟଙ୍କା ଲୋଭରେ ଗୋଷ୍ଠୀର କିଛି ମହିଳା ସମ୍ପୃକ୍ତ ଏମବିକେଙ୍କୁ ଯୋଗାଯୋଗ କରିଥିଲେ।

**ଟଙ୍କା ନମିଳିବାରୁ ଏସ୍‌ଏଚ୍‌ଜି ମହିଳା ଥାନାର ଦ୍ୱାରସ୍ଥ**
**ଏମବିକେଙ୍କୁ ପୁଲିସର ପଚରାଉଚରା**

ଏମ୍‌ବିକେଜଣକ ମହିଳାଙ୍କୁ ଏକ ନିରୋଳା ଘରକୁ ନେଇଥିଲେ। ସେଠାରେ ଏକ ମୋବାଇଲ୍ ନମ୍ବର୍ ଦେଇ ଜଣଜଣ କରି ଭିଡିଓ କଲ୍ କରିବାକୁ କରିଥିଲେ। ଅନ୍ୟପଟେ ଭିଡିଓ କଲ୍ ରିସିଭ କରିଥିବା ବ୍ୟକ୍ତିଜଣକ ଭିଡିଓ ରେକର୍ଡିଂ କରିଥିଲେ। ଭିଡିଓ କଲ୍ ସରିବା ପରେ ମହିଳାମାନେ ଏମବିକେ ଦିଦିଙ୍କୁ ଟଙ୍କା ମାଗିଥିଲେ। ଏହିଠାରୁ ବିବାଦ ଆରମ୍ଭ ହୋଇଥିଲା। ଏମବିକେଜଣକ ଟଙ୍କା ନ ଦେଇ ସାର୍ ଆସିଲେ ଦେବେ ବୋଲି କହିଥିଲେ। ଟଙ୍କା ନ ପାଇବା ଓ ଅର୍ଦ୍ଧନଗ୍ନ ହୋଇ ଚିହ୍ନ ଦେଖାଇଥିବା ମହିଳାମାନେ ଭୟଭୀତ ହୋଇଯାଇଥିଲେ। ଉପାୟଶୂନ୍ୟ ହୋଇ ଶେଷରେ ସେମାନେ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ରାଜକନିକା ପୁଲିସ ୩୩୪/୨୫ରେ ମାମଲା ରୁଜୁ କରି ସମ୍ପୃକ୍ତ ଏମବିକେ ଦିଦିଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଯେଉଁ ବ୍ୟକ୍ତିଙ୍କ ପାଖକୁ ଭିଡିଓ କଲ୍ କରାଯାଇଥିଲା, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏମବିକେ ଦିଦିଙ୍କ ମୋବାଇଲ୍ ଫୋନରୁ ଫୋନ୍ କରାଯାଇ ଅଧିକ ତଦନ୍ତ ଚାଲିଛି। ତେବେ ରାତି ଅଧିକ ହୋଇଯିବା ଓ ଏମବିକେ ଦିଦି ଜଣେ ମହିଳା ହୋଇଥିବାରୁ ତାଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ କହିଛନ୍ତି।

# କର୍ତ୍ତବ୍ୟରେ ଅବହେଳା, ୫ କନେଷ୍ଟବଳ ନିଲମ୍ବିତ

**ବାଲେଶ୍ୱର, ୬।୬ (ସମିସ):** ଗତ ପାଞ୍ଚ ଦିନ ତଳେ ପାଞ୍ଚ ଜଣ ରିଜର୍ଭ କନେଷ୍ଟବଳ ବାଲେଶ୍ୱର ଜିଲ୍ଲାପାଳଙ୍କ ସରକାରୀ ଆବାସିକ କାର୍ଯ୍ୟାଳୟରେ ରାତି ଡ୍ୟୁଟି କରୁଥିବା ବେଳେ କିଛି ଅନିୟମିତତା କରିଥିବା ପ୍ରମାଣ ଓ ଭିଡିଓ ଏସପି ତଥା ରିଜର୍ଭ ପୁଲିସର କମାଣ୍ଡାଣ୍ଟ ପାଖରେ ପହଞ୍ଚିଥିଲା। ପ୍ରମାଣକୁ ଆଧାର କରି ଏସ୍‌ପି ଶୁକ୍ରବାର ସାନ୍ଧ୍ୟରେ ସମ୍ପୃକ୍ତ ପାଞ୍ଚ ଜଣ କନେଷ୍ଟବଳମାନଙ୍କୁ ନିଲମ୍ବନ କରିଛନ୍ତି। ତେବେ ଭିଡ଼ିଓରେ କ'ଣ ଥିଲା ତାହା ସ୍ପଷ୍ଟ ହୋଇପାରି ନଥିଲେ ବି, ଏକ ସମର୍ଥିତ ସୂତ୍ରରୁ ଜଣାଯାଇଛି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡ୍ୟୁଟିରେ ଥିବାବେଳେ ସେମାନେ ସେଠାରେ ଭୋଜି କରି ଖାଇଥିଲେ। ଯାହାର ଭିଡିଓ ସହ ପ୍ରମାଣନେଇ କେହି ବ୍ୟକ୍ତି ଏସ୍‌ପି ଓ କମାଣ୍ଡାଣ୍ଟଙ୍କ ଠାରେ ଅଭିଯୋଗ କରିଥଲେ ବୋଲି ଜଣାଯାଇଛି। ମାତ୍ର ଏସ୍‌ପି ରାଜ ପ୍ରାସାଦ ପ୍ରସାଦ କହିଛନ୍ତି କି, ସେମାନେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବାର ପ୍ରମାଣ ମିଳିବା ପରେ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

# ସୀମାନ୍ତରେ ପୁଣି ଜଣେ ମାଓ ନେତା ନିହତ

**ମାଲକାନଗିରି, ୬।୬(ସମିସ):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ପୁଣି ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଭିତରେ ହୋଇଥିବା ଏହି ଏନ୍‌କାଉଣ୍ଟର୍‌ରେ ତେଲଙ୍ଗାନାର ମୋଷ୍ଟୱାଣ୍ଟେଡ୍ ମାଓନେତା ମାଲିରାପୁ ଆଡ଼ଲୁ ଓରଫ୍ ଭାସ୍କର ନିହତ ହୋଇଛି।



ତା' ନାମରେ ୨୫ ଲକ୍ଷର ପୁରସ୍କାର ରାଶି ରହିଥିଲା। ବସ୍ତର୍ ଆଇଜି ସୁନ୍ଦରରାଜ ପି. ଆଜି ଏହି ସୂଚନା ଦେଇଛନ୍ତି। ୫୩ବର୍ଷୀୟ ଏହି କୁଖ୍ୟାତ ମାଓ ନେତାକୁ ଗିରଫ କରିବା ଲାଗି ତେଲେଙ୍ଗାନା, ଆନ୍ଧ୍ର ଓ ଛତିଶଗଡ଼ ସରକାର ଲକ୍ଷାଧିକ ଟଙ୍କା ମଧ୍ୟ ଘୋଷଣା କରିଥିଲେ।

**ମୁଣ୍ଡ ଉପରେ ଥିଲା ୨୫ ଲକ୍ଷର ଇନାମ**

ଘଞ୍ଚ ଜଙ୍ଗଲ ସହ ପାହାଡ଼ ପରିବେଷ୍ଟିତ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନରେ ବହୁ ସଂଖ୍ୟାରେ ମାଓବାଦୀଙ୍କ ଉପସ୍ଥିତି ଥିବା ଗୁଇନ୍ଦା ସୂଚନା ମିଳିବା ପରେ ଡିଆରଜି ଓ ସିଆରପିଏଫ୍ ପକ୍ଷରୁ ମିଳିତ ଅପରେସନ୍ ଆରମ୍ଭ କରାଯାଇଥିଲା। ଏହି ସମୟରେ ଦୁଇ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓନେତା ଭାସ୍କର୍‌ର ମୃତ୍ୟୁ ହୋଇଥିବା ଜଣାଯାଇଛି। ତା' ନିକଟରୁ ଗୋଟିଏ ଏକେ-୪୭ ବନ୍ଧୁକ ସହ କିଛି ମାଓ ସାମଗ୍ରୀ ଠାବ ହୋଇଛି।

## ଅବଶିଷ୍ଟାଂଶ

### ଦୁଇ ନାବାଳିକାଙ୍କୁ...

ଧମକଚମକ ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ଘଟଣା ଯଦିଓ ୩ତାରିଖ ମଧ୍ୟାହ୍ନର ହେଲେ ୫ତାରିଖ ସନ୍ଧ୍ୟା ବା ଅପରାହ୍ନ ପର୍ଯ୍ୟନ୍ତ ଏହା ପ୍ରଘଟ ହୋଇ ନ ଥିଲା। ସମ୍ପୃକ୍ତ ପରିବାର ଲୋକେ ବିବାହ ଭୋଜିରେ ଏବଂ ୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ତଥା ଗୋପାଳପୁର ନିର୍ବାଚନ ମଣ୍ଡଳୀଗସ୍ତ ଥିବାରୁ ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ମହଲରେ ଚାପ ସୃଷ୍ଟି କରାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଗସ୍ତ କାଳରେ ଖଲିଙ୍ଗିରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ପୁଣି ଯେତେବେଳେ ମୁଖ୍ୟମନ୍ତ୍ରୀ ଲାଞ୍ଜିପଲ୍ଲୀ ମା' ତାରାଦେବୀଙ୍କ ଯାତ୍ରା ଗସ୍ତରେ ଆସିବାର ଠିକ ଦିନକ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ଏଭଳି ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି। ଏହି ଘଟଣାରେ ପୁଲିସ ପକ୍ଷରୁ ତଦନ୍ତକୁ ତ୍ୱରାନ୍ୱିତ କରି ଉଭୟ ନାବାଳିକାଙ୍କର ଡାକ୍ତରୀ ମାଇନା ପାଇଁ ଏମକେସିଜିକୁ ପଠାଯାଇଛି। ପରେ ସେମାନଙ୍କୁ ଶିଶୁ ମଙ୍ଗଳ କମିଟି ଆଗରେ ହାଜର କରାଯାଇଛି। ବ୍ରହ୍ମପୁର ଏସ୍‌ପି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ନିଜେ ଗୋଳନ୍ଥରା ଥାନାରେ ପୀଡ଼ିତାଙ୍କ ପରିବାର ବର୍ଗ ଓ ତଦନ୍ତକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଘଟଣାର ଦୀର୍ଘ ୩ଦିନ ବିତି ଯାଇଥିଲେ ହେଁ ଅଭିଯୁକ୍ତମାନେ ଗିରଫ ହୋଇନଥିବା ବେଳେ ସେମାନେ ଖୁଲମଖୁଲା ବୁଲୁଥିବାରୁ ପୀଡିତାଙ୍କ ପରିବାର ବର୍ଗ ଭୟଭୀତ ଥିବା କହିଛନ୍ତି।

### ଦୁର୍ଘଟଣାରେ ଗଡ଼ିଲା...

କବିସୂର୍ଯ୍ୟନଗର ଥାନା ଅଧୀନ ପଥରା ଗ୍ରାମର ଡି . ରୁଦ୍ରିକା ରେଡ୍ଡୀ (୬)। ଦକ୍ଷିଣପୁର ଗ୍ରାମରୁ ଭୋଜି ଖାଇ ୩ଜଣ ଯାକ ଦିଗପହଣ୍ଡିକୁ ଡ୍ରେସ୍ କିଣିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ତେଲ ଟ୍ୟାଙ୍କର୍ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସେହି ସମୟରେ ଗଜପତି ଜିଲ୍ଲା ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ମୋହନା ଥାନା ଡେଙ୍ଗାମା ଗ୍ରାମର ଭାସ୍କର ବିଷୋୟୀ ମଧ୍ୟ ଟ୍ରକ୍‌କୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ଦିଗପହଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସରେ ସମସ୍ତଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତ୍ରିନାଥ ଓ ତାଙ୍କ ୨ ଭାଣିଜୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଭାସ୍କରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ସେହିପରି, ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ବସ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବୁର୍ଲା ଚିପିଲିମା ଅଞ୍ଚଳର ମନୋଜ ମେହେର(୪୫) ଏବଂ ସୁଶାନ୍ତ ମେହେର(୪୦)। ସୂଚନାନୁଯାୟୀ, କୁଚିଣ୍ଡାରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଜୟମାତାଦୀ ନାମକ ଘରୋଇ ବସ୍ ସହ ବିପରୀତ ଦିଗରୁ ଆସୁଥିବା ବାଇକ୍ ଶିରିଆପାଲିଠାରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଥିଲା।

ଅନ୍ୟ ଏକ ଘଟଣାକ୍ରମେ, ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅସନପାଳ ଗ୍ରାମ ନିକଟସ୍ଥ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ଟାଟା ମ୍ୟାଜିକ୍ ଗଛରେ ପିଟି ହୋଇଯିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଖିଲେଇ ପଞ୍ଚାୟତ ରଙ୍ଗଣା ଗ୍ରାମର ମଥୁରା ଶବର ଓ ତାଙ୍କ ସ୍ତ୍ରୀ ଚାଇନା ଶବର। ସ୍ତ୍ରୀ ଚାଇନାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇ ଏକ ଟାଟା ମ୍ୟାଜିକ୍‌ରେ ମଥୁରା ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଘରକୁ ପହଞ୍ଚିବାକୁ ମାତ୍ର ୨କିମି ବାକି ରହିଥିବା ବେଳେ ଅସନପାଳ ଗ୍ରାମ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ମଥୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଚାଇନାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଚାଇନାଙ୍କ ମୃତ୍ୟୁ ହୋଇଯାଇଥିଲା।

### ୪ ପ୍ରସ୍ତାବକୁ...

୮୨ ହଜାର ଟଙ୍କା ଛାଡ଼ ନିଷ୍ପତ୍ତି ଉପରେ ମଧ ମୋହର ବାଜିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦେଇଥିବା ସୂଚନା ଅନୁଯାୟୀ ବୈଠକରେ ମୋଟ ୫ଟି ପ୍ରସ୍ତାବ ଉପସ୍ଥାପିତ ହୋଇଥିବା ବେଳେ ତନ୍ମଧ୍ୟରୁ ୪ଟିକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧିନରେ ସହରୀ ଭିତ୍ତିଭୂମି ବିକାଶ, ଶ୍ରମ ସମୃଦ୍ଧି ଯଥା ମୁକ୍ତାକାଶ ବ୍ୟାୟାମଶାଳା, ଶିଶୁ କ୍ରୀଡ଼ା ଉଦ୍ୟାନ, ବନୀକରଣ ପ୍ରକଳ୍ପ, ଖେଳ ପଡ଼ିଆ ଏବଂ ସାଂସ୍କୃତିକ କେନ୍ଦ୍ର ପରି ଧାର୍ମିକ ସ୍ଥାନର ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜଳ ସମୃଦ୍ଧି ଏବଂ ପ୍ରାଣୀ ସମୃଦ୍ଧି ଏହି ଯୋଜନାର ଅନ୍ୟ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ୧୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ୫ ବର୍ଷର ଅବଧି ମଧ୍ୟରେ ଏହି ଯୋଜନାରେ ୫୦୦୦୦ରୁ ଅଧିକ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ସୃଷ୍ଟି କରି ସହରାଞ୍ଚଳର ଉନ୍ନତି ଅଣାଯିବ ଏବଂ ୫ ଲକ୍ଷରୁ ଅଧିକ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରାଯିବ। ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ୫୦୦୦ରୁ ଅଧିକ ବନୀକରଣ ଏହି ଯୋଜନା ଅଧିନରେ କରାଯିବ। ସେହିପରି କ୍ୟାବିନେଟ ଅନୁମୋଦନ ପାଇଥିବା ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା ୧୭ଟି ଉପଯୋଜନା, କାର୍ଯ୍ୟକ୍ରମକୁ ନେଇ ଗଠିତ ହୋଇଛି। ଜୈବ ପ୍ରଯୁକ୍ତି ବିଜ୍ଞାନର ସବୁଠାରୁ ଆସାଜନକ କ୍ଷେତ୍ରରେ ଉଚ୍ଚଶିକ୍ଷା, ଗବେଷଣା ଏବଂ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଏହାର ଲକ୍ଷ୍ୟ ଅଟେ। ଜୈବିକ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୈକ୍ଷିକ ଉତ୍କର୍ଷ, ଦକ୍ଷତା ବିକାଶକୁ ବାସ୍ତବ ରୂପ ଦେବା ଏବଂ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜୈବ ପ୍ରଯୁକ୍ତି ଉଦ୍ଭାବନ ଉପଯୋଗ ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ ଅଟେ। ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ଯାଏଁ ଯୋଜନା ଅଧିନରେ ୧୧୧୩.୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତୃତୀୟ ପ୍ରସ୍ତାବ ଭାବେ କ୍ୟାବିନେଟରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ କାର୍ଯ୍ୟର ଆର୍ଥିକ ବିଡକୁ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୫୧ କୋଟି ୭୮ ଲକ୍ଷ ୨୦୪୭୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ୧୮ ମାସ ମଧ୍ୟରେ ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାଦ୍ୱାରା ଗଜପତି ଜିଲ୍ଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ହେବ। ଏହି ପ୍ରକଳ୍ପ ଦ୍ୱାରା ୩୬ ମେଗାୱାଟ ଜଳବିଦ୍ୟୁତ୍ ଉତ୍ପାଦନ ସହ ବ୍ରହ୍ମପୁର ସହରରେ ଲୋକମାନଙ୍କୁ ପାନୀୟ ଜଳ ଏବଂ ଘରୋଇ ବ୍ୟବହାର ପାଇଁ ଜଳ ଉପଲବ୍ଧ କରାଇବ। ଚତୁର୍ଥ ପ୍ରସ୍ତାବ ଭାବେ ଭୁବନେଶ୍ୱର ଚନ୍ଦ୍ରଶେଖପୁର ୟୁନିଟ-୪୧ଠାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସପକ୍ଷରେ ଆବଣ୍ଟିତ ଅତିରିକ୍ତ ସରକାରୀ ଜମି ବାବଦକୁ ୨ କୋଟି ୬୦ ଲକ୍ଷ ୮୨ ହଜାର ଟଙ୍କା ଛାଡ଼ ନିଷ୍ପତ୍ତି ନେଇଛନ୍ତି।


**LOST**

Notice is hereby given to general public that, I Sri. Sambit has lost the original link RSD bearing no-11081408405 dt. 03.10.2014 RSD NO- 11081402728 dt 10.03.2014 and ROR NO-514/1937 AND ROR NO-514/2137 of Mouza-Kesura, which was kept in my hand Bag while he was going to court from his residence at Kotasahi, on 28.05.2025 lost the original sale deed somewhere, around court area and in spite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, mob - 9853311189, of LICHFL at Chandrasekharpur within 15 days from the date of the publication, failing which the document will lose its legal force, and any misuse of the document will be punishable under law.

**AFFIDAVIT**

I, Amita Patra, aged about 50 years, W/o- B.Rajendra Patra, resident of At-gobindapur, Po/ps-Banpur, Dist- Khurda, Pin- 752031, Odisha declare by this affidavit No. 1147, dtd. 06/06/2025, that now onwards I shall be known as **AMITA NAYAK** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Jeypore dated-31/01/2025. I **Biswanath Behera**, S/o- Bhaskar Chandra Behera, resident of At- Laxminarayan Nagar, Teliguda, PO- Umuri, PS-Jeypore Sadar, Dist- Koraput, Odisha declare that I have changed my name from **Biswanath Behera To Biswanath Bhagavad.** Henceforth, I shall be known as **Biswanath Bhagavad** for all future purposes.

**Biswanath Bhagavad**

**AFFIDAVIT**

By virtue of an affidavit sworn before The Executive Magistrate, Padampur, dated-21/05/2025. I, **Cheheralal Majhi**, father of Sambhubati Majhi (minor) declare that, my daughter have changed her name from **Sambhubati Majhi to Somabati Majhi.** Henceforth, she will be known as **Somabati Majhi** in all proceeding, dealing and transaction request to all person at all times to designate and address her such assumed name of **Somabati Majhi** accordingly.

**AFFIDAVIT**

I, **Kalpana Mahapatra**, W/o- Girish Mahapatra, resident of Plot no 223, Near Empires Hotel, Sahid Nagar, Po/Ps- Sahid Nagar, Dist- Khordha, Pin-751007 Odisha declare by this affidavit No. 93 dtd-11/02/2025 that now onwards I shall be known as **Kalpana Rath** for all future purposes.

**AFFIDAVIT**

I, **Puja Bai Agarwalla,** aged about 35 Years, D/o.: Ranjeet Kumar Agarwalla, Resident of At: Laxmi Bazar, P.S.: Town, Dist.: Dhenkanal, Odisha declare by this affidavit No.: 1837 dated 27 Jun 2024 That now onwards I shall be known as **Pooja Agarwal** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Delanga, AF No: 903 dated 07/05/2025, I **RASMITA BEHERA,** D/o Ganeswar Prusty resident of Village At - Bhimda, Po- Bhimda, Ps-Bada Sahi, Dist- Mayurbhanj, Odisha Pin- 757083 declare that I have changed my name from **Rasmita Prusty,** DOB 18.12.1995 to **Rasmita Behera,** DOB 18.06.1999. Henceforth, I shall be known as **RASMITA BEHERA,** DOP 18.06.1999 for all future purposes.

**Sd- RASMITA BEHERA**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit No.6618, Dtd.30.05.2025 sworn before the Executive Magistrate, Balasore I, Minakhi Mishra, W/o.Bijay Kumar Mishra, At. Dadhibamanpur, Po. Kanheibinda, Ps. Simulia, Dist. Balasore, Odisha, declare that my name has been mentioned inadvertently in my LIC policy no. 586251643 as Smt. DRAUPADI MISHRA (DASH). Henceforth, I shall be known as **Minakhi Mishra** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Nayagarh on date- 29/05/2025. I, **Sumanta Mahanta,** resident of At- Champatipur Patanasahi, Po-Champatipur, Ps- Itamati, Dist-Nayagarh, Odisha. I declared by my minor son Name has been changed from **Deepankar Mahanta** (old name) to **Aditya Mahanta** (new name), Henceforth, he shall be known as **ADITYA MAHANTA** for all future purposes.

**Sumanta Mahanta**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 05/06/2025 I, Sri. Prasanta Khada S/O-Ghenu Khada Vill:-Andaraguda, PO- Pantalung PS- Padwa District- Koraput declare that I have changed my name from Prasanta Khara to Prasanta Khada. Henceforth, I shall be known as Prasanta Khada for all purposes.

**Prasanta Khada**

**LOST**

ମୁଁ ସସ୍ମିତା ନନ୍ଦ ସ୍ୱାମୀ-ଲକ୍ଷ୍ମୀନାରାୟଣ ନନ୍ଦ ମୋର ଜମିର ଡକ୍ୟୁମେଣ୍ଟ ଓ ପଟ୍ଟା ହଜିଯାଇଛି। ଖାତା ନଂ - ୧୮/୧୫୭ ଓ ପ୍ଲଟ ନଂ ୨୬/୧୯୬, ୩୬/୧୯୫, ୩୭, ୩୧, ୩୦, ୨୯ ଏବଂ ୬ ଏବଂ ଡକ୍ୟୁମେଣ୍ଟ ନଂ - ୧୧୬୦୧୫୦୧୫୬୩, ୧୬୦୧୫୦୧୫୭୪ କୌଣସି ବ୍ୟକ୍ତିଙ୍କୁ ମିଳିଥାଏ ତାହା ୯୪୩୭୫୨୬୬୩୭ ମୋବାଇଲ ନମ୍ବର ଯୋଗାଯୋଗ କରନ୍ତୁ।

**AFFIDAVIT**

I Sharmila, D/o. D. Sathyanarayanan, R/o. SA-16, CSIR-IMMT, Bhubaneswar-751013 declare that my name may be written as S Sharmila as per affidavit 12AA 808342 dt 8 May2025. My father's name Sathyanaryanan may be written as D Sathyanarayanan as per affidavit 12AA 808342 dt 8 May2025.

**S SHARMILA**

**AFFIDAVIT**

I, Taruna Kumar Pradhana, S/o- Late Raghunatha Pradhan resident of Plot no.- B-103, Shreekhetra Green Wood, Aiginia, Ps.- Bharatpur, Bhubaneswar-751019, Dist.- Khordha, Odisha state that my father's actual & correct name is **Raghunatha Pradhan** but in my service documents, it is wrongly mentioned as **Raghunath Pradhan**. Therefore, it is submitted that both **Raghunatha Pradhan** and **Raghunath Pradhan** is one and the same person who is my deceased father.

**AFFIDAVIT**

By virtue of affidavit before Notary Bolangir, I MRUNALA KUMAR MOHANTY(50) S/O - MAHENDRA PRASAD MOHANTY, SAGARPADA, PO BALANGIR, PS BALANGIR TOWN, Dist BALANGIR, Odisha, PIN - 767001, do hereby declare by this affidavit no. 621, dt.04.06.2025, that now onwards I shall be known as MRUNAL KUMAR MOHANTY for all future purposes.



**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement** B-181

Bid Identification No. SE DKL (R&B). 08/ 2025-26
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 4 Nos Electrical Works & 1 No Civil works |
| 3. | No. of work | : | 05 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | 'MV','HT' License & 'C' & 'D' License |
| 6. | Availability of Bid Documents in the website | : | From 10.00 AM of 10.06.2025 to 5.00 PM of 24.06.2025 |
| 7. | Date of Opening of Bid | : | Dt. 25.06.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Dhenkanal (R&B) Division
OIPR-34016/11/0046/2526



**PANCHAYAT SAMITI OFFICE: TANGARPALI, DIST.- SUNDARGARH** i-143
**TENDER CALL NOTICE 02/2025-26**
**No. 3104 / Date 03.06.2025**

Tender is hereby invited vide Tender Call Notice No. 01 of 2025-26 from eligible contractors for the following work. The details documents will be downloaded from district website www.sundargarh.odisha.gov.in w.e.f. 03.06.2025 to 16.06.2025.

| Sl. No | Name of the Work | No. of Godown/ / AWC Building / GPLF Building | Amount put to Tender in ₹. (Excluding GST) @ per AWC | Cost of Tender paper (Non-refundable ) in ₹. @ per AWC | Bid security/EMD (1%) @ per AWC | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | | 3 | 4 | 5 | 6 | 7 |
| 1 | Const. of G.P.L.F Office Building with Market Complex at Mangaspur GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 2 | Const. of G.P.L.F Office Building with Market Complex at Meghdega GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 3 | Const. of G.P.L.F Office Building with Market Complex at Mahulpali GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 4 | Const. of Model AWC at Amkunpada, Sanpatrapali | 1 | 2253458/- | 6000/- | 22535/- | Six Months | 'C' & 'B' Class |
| 5 | Const. of New Office Building & Godown of 50 MT at Meghdega | 1 | 2282896/- | 6000/- | 22829/- | Six Months | 'C' & 'B' Class |

1. Date and time for download Tender Paper: From Dt. 03.06.2025 to 16.06.2025.
2. Last Date of Receipt of Tender Paper: Dt. 16.06.2025 (5.00 P.M.)
3. Date of Opening of Tender Paper: Dt. 18.06.2025 (11.00 A.M.)

Sd/- Block Development Officer, Tangarpali
OIPR-19342/11/0006/2526

# ସଂସାରଫଳରେ ମୁଗମଣ୍ଡି ଉଦ୍‌ଘାଟିତ



**ପଟ୍ଟାମୁଣ୍ଡାଇ, ୬।୬(ସମିସ):** ରାଜ୍ୟ ସରକାର କୃଷକ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରୁଥିବାରୁ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ଚାଷୀଙ୍କ ସୁବିଧା ପାଇଁ ସଂସାରଫଳ ସମବାୟ ସମିତି ପକ୍ଷରୁ ସଂସାରଫଳଠାରେ ଏକ ମୁଗମଣ୍ଡି ଖୋଲାଯାଇଛି। ଏହି ଉପଲକ୍ଷେ ସଂସାରଫଳ ସମବାୟ ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ପ୍ରଶାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଗମଣ୍ଡି ଉଦଘାଟନ କରିବା ସହ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସଂସାରଫଳ ସମବାୟ ସମିତି ଦ୍ୱାରା ଖୋଲାଯାଇଥିବା ମୁଗମଣ୍ଡିରେ ଉନ୍ନତମାନର ମୁଗ, ବିରି, ସୂର୍ଯ୍ୟମୁଖୀ, ଚିନାବାଦାମ ଆଦି ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ କ୍ରୟ କରାଯାଇ ନାଫେଡ଼କୁ ପ୍ରଦାନ କରାଯାଉଥିବା ସୂଚନା ଦେଇ ଚାଷୀମାନେ ଏହି ମଣ୍ଡି ମାଧମରେ ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଆଦି ବିକ୍ରି କରି ଆର୍ଥିକ ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଉତିକଣ ଚାଷୀ ମୂଲିଆ ସଂଘ ଆବାହକ ଭାସ୍କର ରାଉତରାୟ ମୁଖ୍ୟବକ୍ତା, ସଂସାରଫଳ ସମବାୟ ସମିତି ସଭାପତି ମନ୍ମଥ ବାରିକ, ପୂର୍ବତନ ସରପଞ୍ଚ ଆରତୀ ପ୍ରଧାନ, ଗୋପବନ୍ଧୁ ଦାସ, ପଞ୍ଚାନନ ଦାସ, ବିପିନ ଗାହାଣ, ବନମାଳୀ ଦାସ, ସୁକାନ୍ତ ଘଡ଼ାଇ, ପୂର୍ଣ୍ଣଚନ୍ଦ୍ର ନାୟକ, ଗଦାଧର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷକଙ୍କ ବିଭିନ୍ନ ସମସ୍ୟା ଓ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଶେଷରେ ସମବାୟ ସମିତି ସମ୍ପାଦକ ସୁରେଶ ପାତ୍ର ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ କୃଷକ ଯୋଗ ଦେଇଥିଲେ।

**୫୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣରେ ନିୟୋଜିତ ଶ୍ରମିକଙ୍କ ମୃତ୍ୟୁ**

# ଠିକା କମ୍ପାନୀ କାର୍ଯ୍ୟାଳୟ ଘେରିଲେ ମୃତ ଶ୍ରମିକଙ୍କ ସାଥୀ

ଡେରାବିଶ/ପଞ୍ଚୁପାଣ୍ଡବ, ୬।୬(ସମିସ)



ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାମରେ ନିୟୋଜିତ ଜଣେ ଶ୍ରମିକଙ୍କ ଗତକାଲି ରାତିରେ ମୃତ୍ୟୁ ହୋଇଯାଇଛି। ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଶ୍ରମିକଙ୍କୁ କାମରେ ନିୟୋଜିତ କରିଥିବା ଠିକା କମ୍ପାନୀର ସ୍ଥାନୀୟ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରସ୍ଥ କାର୍ଯ୍ୟାଳୟକୁ ମୃତ ଶ୍ରମିକଙ୍କ ସାଥୀ କ୍ଷତିପୂରଣ ଦାବିରେ ଆଜି ସକାଳୁ ଘେରଉ କରିଥିଲେ। ମୃତ ଶ୍ରମିକ ଜଣକ ହେଉଛନ୍ତି ମହମ୍ମଦ ରାଜିଉଲ୍ଲା ମଲିକ (୨୫)। ତାଙ୍କ ଘର ଝାଡ଼ଖଣ୍ଡର ତୁକ୍ରା ଗ୍ରାମରେ ବୋଲି ଜଣାପଡ଼ିଛି।

ରାଜିଉଲ୍ଲା ୫୩ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ପିଏସ୍‌କେ ଠିକା କମ୍ପାନୀରେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସାଥୀ ଶ୍ରମିକଙ୍କ କହିବା ଅନୁଯାୟୀ ରାଜିଉଲ୍ଲାଙ୍କ ଦେହ ଖରାପ ଥିବା ସତ୍ତ୍ୱେ ଠିକା କମ୍ପାନୀ ତାଙ୍କୁ ଛୁଟି ଦେଉ ନ ଥିଲେ। ଗତକାଲି ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାଜିଉଲ୍ଲାଙ୍କ ମୃତ୍ୟୁ ଖବର ଜାଣିବା ପରେ ତାଙ୍କ ସାଥୀ ଶ୍ରମିକ ଆଜି ସକାଳୁ କାମ ବନ୍ଦ କରି ଠିକା କମ୍ପାନୀର କାର୍ଯ୍ୟାଳୟକୁ ଘେରଉ କରିଥିଲେ। ରାଜିଉଲ୍ଲାଙ୍କ ମୃତ୍ୟୁ ନିମନ୍ତେ ଶ୍ରମିକମାନେ ଠିକା କମ୍ପାନୀକୁ ଦାୟୀ କରି ତୁରନ୍ତ ତାଙ୍କ ପରିବାରକୁ ଠିକା କମ୍ପାନୀ କ୍ଷତିପୁରଣ ରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ଫଳରେ ବଳଭଦ୍ରପୁରସ୍ଥ ଉକ୍ତ ଠିକା କମ୍ପାନୀର କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡେରାବିଶ ପୁଲିସ୍ ପହଞ୍ଚି ଆନ୍ଦୋଳନରତ ଶ୍ରମିକଙ୍କୁ ବୁଝାସୁଝା କରିଥିଲେ। ଖବର ପାଇ ମୃତ ରାଜିଉଲ୍ଲାଙ୍କ ପରିବାର ଲୋକ ଝାଡ଼ଖଣ୍ଡରୁ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ଓହରି ନ ଥିବା ଜଣାଯାଇଛି।

**ଭତ୍ତା ପାଇଁ ହିତାଧିକାରୀ ହଟହଟା**

# ମଞ୍ଜୁଲତାଙ୍କୁ ମିଳିନି ପାଞ୍ଚ ମାସର ଭତ୍ତା ଟଙ୍କା

**ପଞ୍ଚୁପାଣ୍ଡବ, ୬।୬(ସମିସ):** ସରକାର ଭତ୍ତା ହିତାଧିକାରୀଙ୍କ ପାଇଁ କେତେବେଳେ କ'ଣ କହୁଛନ୍ତି, କିଛି ବୁଝି ହେଉନି। ନୂଆ ସରକାର ଆସିବା ପରେ ଭତ୍ତା ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାର ସମସ୍ୟା ଭୋଗିବାକୁ ପଡୁଛି। ୮୦ ବର୍ଷରୁ ଅଧିକ ବୟସ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ପାଇଁ ୩୫୦୦ ଟଙ୍କା ଦେବାକୁ କହି ଏ ପର୍ଯ୍ୟନ୍ତ ପୂରଣ କରିବାରେ ବିଫଳ ହୋଇଛନ୍ତି ସରକାର। ସରକାର ବିଭିନ୍ନ ଆଳଦେଖାଇ ଦିନ ଗଡ଼ାଇ ଚାଲିଛନ୍ତି। ଶୀତ ମାସ ଚାଲିଗଲା, କିନ୍ତୁ ହିତାଧିକାରୀଙ୍କୁ ଶୀତବସ୍ତ୍ର ଦେଲେନି କି ଭତ୍ତା ହିତାଧିକାରୀଙ୍କ ସମସ୍ୟା ଦୂର ହେଉ ନ ଥିବା ଅଭିଯୋଗ ହେଉଛି। ଶତାଧିକ ହିତାଧିକାରୀଙ୍କ ଟଙ୍କା ପାଇଁ ବ୍ୟାଙ୍କରେ ସମୟ ଯାଉଛି। କେତେକ ହିତାଧିକାରୀ ବ୍ୟାଙ୍କକୁ ଯାଇ ନ ପାରି ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ସଦାଶିବ ଦଳେଇଙ୍କ



ଭିନ୍ନକ୍ଷମ ପତ୍ନୀ ମଞ୍ଜୁଲତା ଦଳେଇଙ୍କ କ୍ଷେତ୍ରରେ ଏଭଳି ଘଟିଛି। ମଧୁବାବୁ ପେନସନ ଯୋଜନା ଭତ୍ତା ଟଙ୍କା ପାଇଁ ୫ କିମି ଦୂରରେ ଥିବା ବ୍ୟାଙ୍କକୁ ଯିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ଭିନ୍ନକ୍ଷମ ମଞ୍ଜୁଲତାଙ୍କ ହାତଗୋଡ଼ ଅଚଳ ଥିବାବେଳେ ସେ ବିଛଣାରୁ ଉଠିବାକୁ ସକ୍ଷମ ନୁହଁନ୍ତି। ପୂର୍ବରୁ ପାଖରେ ଭତ୍ତା ଟଙ୍କା ମିଳୁଥିବାବେଳେ ଏବେ ତାଙ୍କୁ ବ୍ୟାଙ୍କକୁ ଯିବାକୁ ପଡ଼ିବ ବୋଲି ଶୁଣିବାକୁ ପାଇଥିଲେ। ସ୍ୱାମୀ ଏ ସମ୍ପର୍କରେ ଭତ୍ତା ବାଣ୍ଟୁଥିବା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ତୁମ ଭତ୍ତା ଟଙ୍କା ବ୍ୟାଙ୍କ୍‌କୁ ଯାଇଛି ବୋଲି ସେ କହିଥିଲେ। ଏବେ ବିଛଣାରେ ପଡ଼ିଥିବା ଭିନ୍ନକ୍ଷମଙ୍କୁ ନେଇ କିପରି ଯିବା ଆସିବା କରିବେ ସ୍ୱାମୀ ଚିନ୍ତାରେ ଅଛନ୍ତି। ଯେବେଠୁ ବ୍ୟାଙ୍କକୁ ଟଙ୍କା ଗଲାଣି, ସେବେଠୁ ପାଞ୍ଚ ମାସ ଧରି ଭତ୍ତା ଟଙ୍କା ଉଠାଣ ହୋଇ ନ ଥିବା ସ୍ୱାମୀ କହିଛନ୍ତି। ଯେବେ ବି ଭିନ୍ନକ୍ଷମ ପତ୍ନୀଙ୍କୁ ବ୍ୟାଙ୍କକୁ ଯିବାର ହୁଏ, ଗାଡ଼ି ଓ ଚାରିଜଣ ଲୋକ ଦରକାର ପଡ଼ିବ ବୋଲି ସ୍ୱାମୀ ସଦାଶିବ କହିଛନ୍ତି। ସରକାରଙ୍କ ଖାମଖିଆଲ ମନୋବୃତ୍ତି ଓ ପ୍ରଶାସନିକ ଅଧିକାରୀଙ୍କ ମନୋଭାବ ଯୋଗୁଁ ବହୁ ଭତ୍ତା ହିତାଧିକାରୀ ବ୍ୟାଙ୍କ୍‌କୁ ଯିବା ଆସିବା କରିବା ପାଇଁ ବହୁ ସମସ୍ୟା ଭୋଗ କରୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ଭିନ୍ନକ୍ଷମ ଓ ବୃଦ୍ଧବୃଦ୍ଧାଙ୍କ ପାଖରେ କେମିତି ଭତ୍ତା ଟଙ୍କା ପହଞ୍ଚିବ, ଏ ନେଇ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ନିର୍ବାଚନର ବର୍ଷ ପୂର୍ତ୍ତି ଅବସରରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଜଗତସିଂହପୁର, ୬।୬(ସମିସ):** ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସଭାମୂଳ ପଞ୍ଚାୟତର କୋଦଳଠାରେ ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଶତାଧିକ ବିଜେପି ସମର୍ଥକ ସରାମ୍ବୋଠାରୁ ବିଧାୟକଙ୍କୁ ବାଇକ୍ ଶୋଭାଯାତ୍ରାରେ କୋଦଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପରେ ବିଧାୟକ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପଞ୍ଚାୟତ



ସମିତିର ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ପୂର୍ବତନ ସଭାମୂଳ ସମିତିସଭ୍ୟ ଜଟାଧାରୀ ରାଉତ, ସାରଙ୍ଗ ପାଇଟାଳ, ପବିତ୍ର ନନ୍ଦ ପ୍ରମୁଖ ଯୋଗଦେଇ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିଧାୟକ ଆଲୋଚନା କରିବା ସହ ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ନନ୍ଦ, ଗୋବର୍ଦ୍ଧନ ସ୍ୱାଇଁ, ଅଶୋକ ଦାସ, ବାପି ବାରିକ, ଚିତ୍ରସେନ ଲେଙ୍କା, ଅଦ୍ୱୈତ ବେହେରା, ଦୀପ୍ତିରଞ୍ଜନ ଜେନା, ନବଘନ ପାଣି, ବାସୁଦେବ ସାହୁ ଓ ବିଜୟ ସେଠୀ ପ୍ରମୁଖ ଦଳୀୟ ନେତା ଓ କର୍ମୀ ଏହି ସଭାରେ ଯୋଗ ଦେଇଥିଲେ।

**ପ୍ରଶାସନର ଅଣଦେଖା**

# ବିପଦସଂକୁଳ ଅବସ୍ଥାରେ ଇରିବୀଣା ପୋଲ

**ଏରସମା, ୬।୬(ସମିସ):** ଏରସମା ବ୍ଲକ ଅଧୀନ ଜପା ପଞ୍ଚାୟତର ଇରିବୀଣା ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ପୋଲ ୫୫ନଂ ଜାତୀୟ ରାଜପଥର ଏରସମା-ଚଟୁଆ ରାସ୍ତାର ତିଗିରିଆ ନିକଟରେ ଅବସ୍ଥିତ। ଉକ୍ତ ପୋଲ ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇ ଅସୁରକ୍ଷିତ ହୋଇପଡ଼ିଛି। ବ୍ୟସ୍ତବହୁଳ ରାଜପଥ ଉପରେ ଉକ୍ତ ଅସୁରକ୍ଷିତ ପୋଲଟି ବିପଦ ସୃଷ୍ଟି କରୁଥିଲେ ମଧ୍ୟ ଏହାର ମରାମତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏରସମା-ଚଟୁଆ ରାସ୍ତା କୁଜଙ୍ଗ, ପାରାଦୀପ ଓ ବାଲିତୁଠ ଅଞ୍ଚଳକୁ ସଂଯୋଗ କରିଛି। ତେବେ ତିଗିରିଆ ନିକଟ ପୋଲଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାର ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।



ସୂଚନା ମୁତାବକ, ଏରସମା-ଚଟୁଆ ରାସ୍ତାରେ ଉକ୍ତ ପୋଲଟି ୧୯୮୬-୮୭ରେ ନିର୍ମାଣ କରାଯାଇଥିଲା। ଏହା ୧୯୯୯ ମହାବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟା ପରବର୍ତ୍ତୀ ସମୟରେ ବିଶ୍ୱ ବ୍ୟାଙ୍କ ଅନୁଦାନରେ ଏରସମା-ଚଟୁଆ ରାସ୍ତାର ପୁନଃନିର୍ମାଣ କରାଗଲା। ମାତ୍ର ଇରିବୀଣା ପୋଲ ପ୍ରତି ନଜର ଦିଆଗଲାନାହିଁ। ସେ ସମୟରେ ଉକ୍ତ ଏରସମା-ଚଟୁଆ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ଦୀର୍ଘଦିନ ଧରି କ୍ଷତିଗ୍ରସ୍ତ ପୋଲର ମରାମତି ପାଇଁ ବିଭିନ୍ନ ମହଲରେ ଦାବି ଉଠିବାରୁ ତାହା ମରାମତି କରାଯାଇଥିଲା। ଇତିମଧ୍ୟରେ ୨୦ ବର୍ଷ ଅତିକ୍ରାନ୍ତ ହେଲାଣି। ପୋଲ ବାଡ଼ାରୁ କଂକ୍ରିଟ ଛାଡ଼ିଗଲାଣି। ଲୁଣା ଜୁଆର ମାଡ଼ରେ ପୋଲର ଖମ୍ବ କ୍ଷତିଗ୍ରସ୍ତ ହେଲାଣି। ଉଭୟ ଗମନାଗମନ ଓ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ଏହି ପୋଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଏହି ତିଗିରିଆ ନଦୀଟି ଜଟାଧାର ମୁହାଣକୁ ସଂଯୋଗ କରୁଥିବାରୁ ଲୁଣା ଜୁଆର ମାଡ଼ରେ ପୋଲଟି କ୍ଷତିଗ୍ରସ୍ତ ହେବା ସ୍ୱାଭାବିକ। ମାତ୍ର ବିଭିନ୍ନ ସମୟରେ ଏହାର ମରାମତି ହେବାର ଆବଶ୍ୟକତା ଜରୁରୀ। ଦୀର୍ଘ ୮ ବର୍ଷ ପୂର୍ବେ ଏହି ପୋଲର ମରାମତି ପାଇଁ ଯୋଜନା ପ୍ରସ୍ତୁତ ହେଉଥିବାବେଳେ ଏହି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଟି ୫୫ନଂ ଜାତୀୟ ରାଜପଥରେ ସାମିଲ ହେଲା। ୫୫ନଂ ଜାତୀୟ ରାଜପଥ ନିର୍ମାଣରେ ଏହି ପୋଲର ପୁନଃ ନିର୍ମାଣ କାର୍ଯ୍ୟ କରାଯିବା କାରଣରୁ ମରାମତି କାର୍ଯ୍ୟ ହୋଇପାରିଲାନାହିଁ। ଦୀର୍ଘବର୍ଷ ଧରି ଜାତୀୟ ରାଜପଥ କର୍ତ୍ତୃପକ୍ଷ କାମ କରୁ ନ ଥିବାରୁ ଇରିବୀଣା ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

# 'ହରା ଭାରତ' ସଂଗଠନକୁ ଦ୍ୱିତୀୟଥର ପ୍ରକୃତି ମିତ୍ର ପୁରସ୍କାର




**ପଟ୍ଟାମୁଣ୍ଡାଇ, ୬।୬(ସମିସ):** କେନ୍ଦ୍ରପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ଅଗ୍ରଣୀ ସାମାଜିକ ସଂଗଠନ ହରା ଭାରତକୁ ଦ୍ୱିତୀୟଥର ପାଇଁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଜଙ୍ଗଲ ପରିବେଶ ଓ ଶ୍ରମମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶକ କେ. ମୁରୁଗେସନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟ ବନ୍ୟ ସଂରକ୍ଷକ ସୁରେଶ ପନ୍ତ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟା ଉମା ନାନ୍ଦରୁ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହରା ଭାରତ ସଂଗଠନକୁ ପୁରସ୍କୃତ କରିଥିଲେ। ହରା ଭାରତ ସମ୍ପାଦକ ପ୍ରିୟବ୍ରତ ସାହୁ ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରା ଭାରତ ସଭାପତି ମନୋଜ ନନ୍ଦ, ସହସମ୍ପାଦକ ରାଜଦୀପ ମଲ୍ଲିକ, ହିମାଂଶୁ ଭୂଷଣ ଜେନା, ଶୁଭ୍ରାଜିତ ମଲ୍ଲିକ, ଜ୍ଞାନରଞ୍ଜନ ତରାଇ, ଶୁଭମ ମଲ୍ଲିକ, ପବିତ୍ର ଜେନା ଓ ବନୀତା ଜେନା, ବର୍ଷାରାଣୀ ବେହୁରା, ଲିପ୍ସାରାଣୀ ବେହୁରା, ମଧୁସ୍ମିତା ତରାଇ, ସୁଶ୍ରୀ ସଙ୍ଗୀତା ତରାଇ, ସୁଚିସ୍ମିତା ଜେନା, ଶୁଭସ୍ମିତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ୨୦୧୮ରେ ହରା ଭାରତ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର ଲାଭ କରିଥିଲା।

# ନ୍ୟୁ ଜଗନ୍ନାଥ କଲୋନୀ ଖେଳ ପଡ଼ିଆର ଉନ୍ନତିକରଣ ଦାବି

**ପାରାଦୀପ, ୬।୬(ସମିସ):** ପାରାଦୀପ ପୌରପରିଷଦ ୩ ନମ୍ବର ୱାର୍ଡସ୍ଥ ନ୍ୟୁ ଜଗନ୍ନାଥ କଲୋନୀ ବାସିନ୍ଦା ଖେଳ ପଡ଼ିଆର ଉନ୍ନତିକରଣ ଦାବି କରିଛନ୍ତି। ୨୦ ବର୍ଷରୁ ଅଧିକ ଦିନ ଧରି ସେମାନେ ଏଠାରେ ଘର କରି ରହୁଥିବାବେଳେ ଇଫ୍‌କୋ କାରଖାନା ନିଜସ୍ୱ ଜାଗାକୁ ପାଚେରି ନିର୍ମାଣ ସହିତ ପୋତିବା କାର୍ଯ୍ୟ ଜାରି ରଖିଛି। ତେଣୁ ଉକ୍ତ କଲୋନୀର ପାଣି ନିଷ୍କାସନରେ ବାଧା ଉପୁଜିଛି। ଏପରିକି କଲୋନୀ ମଝିରେ ଥିବା ଖେଳ ପଡ଼ିଆରେ ବର୍ଷସାରା ପାଣି ଜମି ରହିବା ଦ୍ୱାରା ଉକ୍ତ ସ୍ଥାନଟି ସନ୍ତସନ୍ତିଆ ରହୁଛି ଓ ବର୍ଷାଦିନେ କଲୋନୀ ଲୋକଙ୍କ ପାଇଁ ବିପଦଜନକ ପରିସ୍ଥିତି ସୃଷ୍ଟି କରୁଛି। ପୂର୍ବରୁ ଏଠାରେ ପିଲାମାନେ ଖେଳକୁଦ କରିବା ସହ କଲୋନୀର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯାଉଥିଲା। ବର୍ତ୍ତମାନ ଏହି ଜାଗାଟି କଲୋନୀ ପାଇଁ ସମସ୍ୟାର ଗନ୍ତାଘର ପାଲଟିଛି। ନ୍ୟୁ ଜଗନ୍ନାଥ କଲୋନୀ ଭିଲେଜ କମିଟି ପକ୍ଷରୁ ସଭାପତି ବିଶ୍ୱଭୂଷଣ ରାଉତରାୟ, ସମ୍ପାଦକ ଉତ୍ତମ ସାହୁ, ଦେବ ମଣ୍ଡଳ, ଜୟଦେବ ସାହୁ, ଅଲେଖ ବେହେରା, ପ୍ରଶାନ୍ତ ପରିଡ଼ା ଓ ଅନ୍ୟମାନେ ଏଡିଏମଙ୍କୁ ଭେଟି ଖେଳ ପଡ଼ିଆର ଉନ୍ନତିକରଣ କରାଯିବାକୁ ଦାବିପତ୍ର ଦେଇଛନ୍ତି। ଇଫ୍‌କୋ ପକ୍ଷରୁ ଖେଳ ପଡ଼ିଆକୁ ପୋତାଗଲେ, ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି କମିଟି ସଦସ୍ୟ ଅନୁରୋଧ କରିଛନ୍ତି।

# 'ଶ୍ରଦ୍ଧା'କୁ ପ୍ରକୃତି ମିତ୍ର ପୁରସ୍କାର



**କୁଜଙ୍ଗ, ୬।୬(ସମିସ):** ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଉତ୍ସବରେ ଜଗତସିଂହପୁର ଜିଲ୍ଲାର ନୋଡାଲ ଏନଜିଓ ଶ୍ରଦ୍ଧାକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଉପକୂଳ ଓଡ଼ିଶାରେ ହେନ୍ତାଳ ବଣ ସୃଷ୍ଟି କରିବା, ଉପକୂଳ ଓଡ଼ିଶାରେ ଏକ ସବୁଜ ପ୍ରାଚୀର ସୃଷ୍ଟି କରିବା, ବନ୍ୟା ବାତ୍ୟା, ସୁନାମି ପ୍ରକୋପରୁ ରକ୍ଷା କରିବା ସହ ପରିବେଶ ସୁରକ୍ଷା ଏହି ଶ୍ରଦ୍ଧା ଅନୁଷ୍ଠାନର ଲକ୍ଷ୍ୟ। ଶ୍ରଦ୍ଧା ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରରେ ଅନେକ ସୁନାମର ଅଧିକାରୀ। ବ୍ଲୁ କାର୍ବନ ପ୍ରକଳ୍ପର ଜଟାଧାର ବଞ୍ଚାଅ ଅଭିଯାନ ଶ୍ରଦ୍ଧା ଅନୁଷ୍ଠାନର ଏକ ଯୁଗାନ୍ତକାରୀ ଯୋଜନା। ଏଠାରେ ହେନ୍ତାଳ ବଣ ସୃଷ୍ଟି କରିବା ସହ ସଚେତନତା ଅଭିଯାନ କରି ଏହି ସୁରକ୍ଷା ଏକ ଲୋକ ଆନ୍ଦୋଳନରେ ପରିଣତ କରିଥିବା ଶ୍ରଦ୍ଧା ଓ ଏହାର ସଂସ୍ଥାପକ ପରିବେଶବିତ୍ ଜ୍ୟୋତିରଞ୍ଜନ ବାରିକ ସଂଗଠନ ପକ୍ଷରୁ ରାଜ୍ୟ ପରିବେଶ ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

# ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**କେନ୍ଦ୍ରାପଡ଼ା, ୬।୬(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ଆସୋସିଏସନ ପକ୍ଷରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ କକ୍ଷରେ ଚାଲିଥିବା ଗ୍ରୀଷ୍ମକାଳୀନ ନିଃଶୁଳ୍କ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ୮ ଦିନ ଧରି ଏହି ଶିବିର ଚାଲିଥିଲା। କେନ୍ଦ୍ରାପଡ଼ା ଚେସ ଆସୋସିଏସନ୍‌ର ସଭାପତି କିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସଭାପତି କହିଥିଲେ, କେନ୍ଦ୍ରାପଡ଼ା ପିଲାଙ୍କ ଖେଳୁଆଡ଼ ମନୋବୃତ୍ତିକୁ ନେଇ ତିନିମୁହାଣି ନିକଟରେ ଏକ ଚେସ କୋଚିଂ ସେଣ୍ଟର୍ ଖୋଲାଯିବ। ଯଦ୍ୱାରା ପିଲାମାନେ ନିଜର ଗୁଣାତ୍ମକ ମାନ ଅର୍ଜନ କରିବେ ଓ ଜିଲ୍ଲା, ରାଜ୍ୟ, ଦେଶର ନାମକୁ ଅଗ୍ରଗତି ଆଡ଼କୁ ନେଇଯିବେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଜେପିର ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ସେଠୀ, ଜ୍ଞାନଦେବ ବେହୁରା, କେନ୍ଦ୍ରାପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବରଞ୍ଜନ ସାହୁ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଫିଜିକ୍ସ ଅଧ୍ୟାପକ ରଞ୍ଜିତ ଦାସ, କୋରାପୁଟ ଚେସ ଆସୋସିଏସନ ସମ୍ପାଦକ ପ୍ରଦୀପ ମହାନ୍ତି, ଯାଜପୁର ଚେସ୍ ଆସୋସିଏସନ ସମ୍ପାଦକ ମନୋଜ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହାଡ଼ିବନ୍ଧୁ ସିଂ, ଲଲାଟ ସାମଲ, ନେହେରୁ ସାହୁ, ଗୋପାଳ ବଲ୍ଲଭ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏ ଅବସରରେ ଶିବିରାର୍ଥୀଙ୍କୁ ଚେସ ବୁକ୍ ଲେଟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଆସନ ମନ୍ଦିରର ବାର୍ଷିକ ଉତ୍ସବ

**ରାଜନଗର, ୬।୬(ସମିସ):** ରାଜନଗରସ୍ଥ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ଆସନ ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଧାର୍ମିକ ଉତ୍ସବରେ ନୀଳାଚଳ ସାରସ୍ୱତ ସଂଘ ସଭାପତି ଗଗନେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା, ମଙ୍ଗଳ ଆରତୀ, ଗୁରୁ ବନ୍ଦନା, ବୈଦିକ ପ୍ରାର୍ଥନା, ସମ୍ମିଳନୀ ସମୂହ ପ୍ରାର୍ଥନା ସହିତ ଠାକୁରଙ୍କ ଅଲୌକିକ ଲୀଳା ଉପରେ ଆଲୋଚନା କରାଯାଇଥିଲା। ଠାକୁରଙ୍କ ଆଶ୍ରିତ ବିଭୂଦତ୍ତ ଲେଙ୍କା, ଅଭିରାମ ପଣ୍ଡା, ନିଗମାନନ୍ଦ ନାୟକ, ନିରଞ୍ଜନ ଶତପଥୀ, ତୁଷାରକାନ୍ତ ନାୟକ, ବୈଲୋଚନ ରାଉତ, ଗିରିଧାରୀ ନାୟକ, ଗୌରାଙ୍ଗ ସାହୁ, ଅଭିମନ୍ୟୁ ବରାଳ, ଗୌରୀ ପଣ୍ଡା, ସୀତାଂଶୁ ରାୟ ପ୍ରମୁଖ ଠାକୁରଙ୍କ ଦିବ୍ୟବାଣୀ ଉପରେ ଆଲୋଚନା କରିଥିଲେ। ଉତ୍ସବକୁ ଆଞ୍ଚଳିକ ସଂଘ ସଭାପତି ବିଜୟ ଜେନା, ସମ୍ପାଦକ ଅନୀଲ ବଳ, ଅଜୟ ନାୟକ, ନଳିନୀକାନ୍ତ ବିଶ୍ୱାଳ, ତ୍ରିଲୋଚନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**ରାଜନଗରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ**

# ଥାନା ଆଗରେ ବିଜେଡି କର୍ମୀଙ୍କ ଅନଶନ

ରାଜନଗର, ୬।୬(ସମିସ)



ରାଜନଗରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନଗର ଥାନା ଦଲାଲଙ୍କ ଚରାଭୂଇଁ ପାଲଟିଥିବା ପ୍ରତିବାଦରେ ବିଜେଡି ରାସ୍ତାକୁ ଓହ୍ଲାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହିତ ସରପଞ୍ଚ, ସମିତିସଭ୍ୟ ଓ ବିଜୁ ଜନତା ଦଳ କର୍ମୀ ରାଜନଗର ଥାନା ଆଗରେ ଦିନ ୧୦ଟାରୁ ଅନଶନରେ ବସି ରହିଛନ୍ତି। ପ୍ରଚଣ୍ଡ ରୋଦ୍ରତାପ ଓ ଗୁଳୁଗୁଳି ସତ୍ତ୍ୱେ ଥାନା ଆଗରେ ଶତାଧିକ କର୍ମୀ ଅନଶନରେ ବସିଛନ୍ତି। ରାଜନଗର ମା' ତାରିଣୀ ମନ୍ଦିର ନିକଟରୁ ନିର୍ବାଚିତ ପ୍ରତିନିଧି ଓ ବିଜେଡି କର୍ମୀ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ଥାନା ନିକଟରେ ପହଞ୍ଚିଥିଲେ। ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ଆଇଆଇସିଙ୍କୁ ଦେଇଥିଲେ। ଦାବି ପୂରଣ ହେବ ଓ ରାଜନଗରରେ ଆଇନଶୃଙ୍ଖଳା ଫେରିବା ଯାଏଁ ଶାନ୍ତିପୂର୍ଣ୍ଣ ଭାବେ ଅନଶନରେ ବସି ରହିଛନ୍ତି। ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଆଇଆଇସିଙ୍କ ଉପସ୍ଥିତିରେ ଅଭଦ୍ର ବ୍ୟବହାର ଓ ଧମକ ଦେଇଥିବା ଅସାମାଜିକ ବ୍ୟକ୍ତିଙ୍କୁ ସିସିଟିଭି ଫୁଟେଜ ଆଧାରରେ ଗିରଫ, ହାତିନା ପଞ୍ଚାୟତ ପେଣ୍ଠ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀରୁ ଚୋରି କରିଥିବା ଅଭିଯୁକ୍ତଙ୍କୁ ଗିରଫ ଓ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକଙ୍କ ଏତଲାକୁ ପଞ୍ଜିକୃତ କରିବା, ଥାନା ଭିତରେ ଦଲାଲି କରୁଥିବା ଓ ଅଭିଯୋଗକାରୀଙ୍କୁ ଗାଳିଗୁଲଜ ଓ ଧମକ ଦେଉଥିବା ଅସାମାଜିକ ଯୁବକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ମାଡ଼ ମାରୁଥିବା ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଗାଳିଗୁଲଜ ଓ ହଇରାଣ କରୁଥିବା ଅସାମାଜିକ ବ୍ୟକ୍ତିଙ୍କୁ ବ୍ଲକ ପରିସରକୁ ବାରଣ, ଥାନାକୁ ଲୋକଙ୍କ ସମସ୍ୟା ନେଇ ଆସୁଥିବା ଜନପ୍ରତିନିଧିଙ୍କୁ ଉପଯୁକ୍ତ ସମ୍ମାନ ଦାବିରେ ଅନଶନ ଦିଆଯାଇଛି।

ରାଜନଗର ଥାନା ଆଇଆଇସି ନରେଶ ସାହୁ, ଏସଡିପିଓ କ୍ଷମାସାଗର ପଣ୍ଡା ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ ହେଁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଉଠିବୁ ନାହିଁ ବୋଲି ଅନଶନକାରୀ ରୋକଠୋକ ଶୁଣାଇ ଦେଇଛନ୍ତି। ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବ୍ଲକ ବିଜେଡି ସଭାପତି ତଥା ଡେରା ପଞ୍ଚାୟତର ସରପଞ୍ଚ ନିରଞ୍ଜନ ରାଉତ, ସରପଞ୍ଚ ସଂଘ ସଭାପତି ତଥା ମହିଁଷାସୁର ସରପଞ୍ଚ ଅଶୋକ ମହାନ୍ତି, ସରପଞ୍ଚ ସସ୍ମିତା ମହାନ୍ତି, ସୁଶ୍ରୀ ସଙ୍ଗୀତା ମିଶ୍ର, ଶୈଳେନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ପଣ୍ଡା, ଇତିଶ୍ରୀ ମହାପାତ୍ର, ଶାନ୍ତିଲତା ବିଶ୍ୱାଳ, ପ୍ରସନ୍ନ ପରିଡ଼ା, ସମୀର ସେଠୀ, ବୀଣାପାଣି ପ୍ରଧାନ, ସୁରେଖା ପ୍ରଧାନ, ସମିତି ସଭ୍ୟ ରୁଚିସ୍ମିତା ନାୟକ, ପ୍ରତୀମା ସାହାଣୀ, ସୁମିତ୍ରା ସେଠୀ, ସଞ୍ଜୟ ସ୍ୱାଇଁ, ମିନତୀ ସାହୁ, ଆର୍ତ୍ତବନ୍ଧୁ ମହାନ୍ତି, ରବିନ ମଲ୍ଲିକ, ଶଶୀକଳା ବେହେରା, ନର୍ମଦା ସେଠୀ, ଉତ୍ତମା ସେଠୀ, ସସ୍ମିତା ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଅନଶନରେ ବସି ରହିଛନ୍ତି।

**● ଟ୍ରକ୍‌କୁ ପଛରୁ ଧକ୍କାଦେଲା ଆମ୍ବୁଲାନ୍ସ**

# ଅଳ୍ପକେ ବର୍ତ୍ତିଲେ ରୋଗୀ ଓ ସମ୍ପର୍କୀୟ



କାମାକ୍ଷାନଗର, ୬।୬(ସମିସ): ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ନୂଆପାଣି ନିକଟରେ ଟ୍ରକ୍‌କୁ ଏକ ଆମ୍ବୁଲାନ୍ସ ପଛରୁ ଧକ୍କା ଦେଇଛି। ତେବେ ଆମ୍ବୁଲାନ୍ସରେ ଥିବା ରୋଗୀ ଓ ସମ୍ପର୍କୀୟ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁସାରେ ରାଉରକେଲା ଅଞ୍ଚଳରୁ ରୋଗୀଙ୍କୁ ନେଇ ଆମ୍ବୁଲାନ୍ସ ଭୁବନେଶ୍ୱର ଯାଉଥିବା ବେଳେ ଡ୍ରାଇଭର ରାସ୍ତା ଜାଣି ନ ପାରି ଭୁବନ ଆଡ଼କୁ ଯାଇଥିଲେ। ସକାଳେ ନୂଆପାଣି ନିକଟରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ଆମ୍ବୁଲାନ୍ସ ଧକ୍କା ହୋଇଥିଲା। ଆମ୍ବୁଲାନ୍ସର ସାମ୍ନା ପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ସୌଭାଗ୍ୟବଶତଃ ରୋଗୀ ଓ ସମ୍ପର୍କୀୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବାଲେ। ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ସେମାନେ ଭୁବନେଶ୍ୱର ଯାଇଥିବା ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବ୍ୟାପକ ଅନିୟମିତତା

ହିନ୍ଦୋଳ, ୬।୬(ସମିସ)

ହିନ୍ଦୋଳ ଉପଖଣ୍ଡରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ହୋଇଛି ବ୍ୟାପକ ଅନିୟମିତତା। କୋଟି କୋଟି ଟଙ୍କାରେ ରାସ୍ତା ନିର୍ମାଣ ହେଉଥିବା ବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ହୋଇଛି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ। ନିମ୍ନମାନର କାର୍ଯ୍ୟ ହେଉଥିବା ବାହାଳ ଛକ ନୂଆ ଭାୟା ଦେଇ ବାରିସିଙ୍ଗା ପର୍ଯ୍ୟନ୍ତ ୫.୫୬ କିମି ରାସ୍ତା କାର୍ଯ୍ୟ ପାଇଁ ୧ କୋଟି ୯୭ ଲକ୍ଷ ଟଙ୍କା ବ୍ୟବବରାଦ ହୋଇଥିଲା। ହେଲେ ରାସ୍ତା ନିର୍ମାଣ ସମୟରେ କାର୍ଯ୍ୟ ସ୍ଥଳରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନାରହିବା ବିଭାଗୀୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରିଥିଲେ। ୪୦ ମେଣ୍ଟାଲ ବଦଳରେ ହାତବାଡ଼ିଆ

**● ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ହୋଇଛି ନିମ୍ନମାନର କାର୍ଯ୍ୟ**
**● ୨ କୋଟିର କାର୍ଯ୍ୟ; ୨ ମାସ ପରେ ରାସ୍ତାରୁ ଉଠିଲା ପିଚୁ ଓ କଂକ୍ରିଟ**
**● ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣି ନ ଥିଲେ ବିଭାଗୀୟ ଯନ୍ତ୍ରୀ**
**● ଭିଜିଲାନ୍ସ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲେ ଅଞ୍ଚଳବାସୀ**

ମେଣ୍ଟାଲ ଦ୍ୱାରା କଂକ୍ରିଟ କାର୍ଯ୍ୟ କରାଯାଇଛି। ମୋରମ ମେଟାଲ ରୋଲିଂ ହେବା ବଦଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବିଲରୁ ମାଟି ପକାଇ ରାସ୍ତା ନିର୍ମାଣ କରାଯାଇଛି। ଫଳରେ ରାସ୍ତା କାର୍ଯ୍ୟ ସାରିବାର ୨ ମାସ ପରେ ରାସ୍ତା ଫାଟିବା ସହ ପିଚୁ, ଗୋଡ଼ି ଉଠିଯାଇଥିବା ଦେଖିବାକୁ ମିଳିଥିଲା। ଜନସାଧାରଣଙ୍କ ଅଭିଯୋଗ ଓ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ କାର୍ଯ୍ୟର ନେଇ ବାରସିଙ୍ଗା ଅଞ୍ଚଳବାସୀ ରାସ୍ତା ନିର୍ମାଣ ସମୟରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ କାର୍ଯ୍ୟ ସାରିବାର ୨ ମାସ ପରେ ରାସ୍ତାର ଅନେକ ଜାଗାରୁ ପିଚୁ ଓ ଗୋଡ଼ି ଉଠିଯାଇଛି।

ହିନ୍ଦୋଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଖଜୁରିଆକଟା ସେକ୍ସନ ଅଧୀନରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ




ତଦାରଖ କରିବା ପାଇଁ ଢେଙ୍କାନାଳ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ପହଞ୍ଚିଥିଲେ। ପୁନର୍ବାର ରାସ୍ତା କାର୍ଯ୍ୟ ହେବା ପରେ ଠିକାଦାରଙ୍କୁ ବିଲ୍ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଠିକାଦାରଙ୍କ ସହ ସାଲାସୁରୁରା ହୋଇ କାର୍ଯ୍ୟର ସମ୍ପୂର୍ଣ୍ଣ ବିଲ୍ କରାଯାଇଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହି ରାସ୍ତା କାର୍ଯ୍ୟର ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସୋନାଲି ରାଉତଙ୍କୁ ଯୋଗାଯୋଗ କରିବାରୁ କହିଲେ, ରାସ୍ତାରୁ ପିଚୁ ଆଉ ଗୋଡ଼ି ଉଠିବା ବିଷୟରେ ଠିକାଦାରଙ୍କୁ କୁହାଯାଇଥିଲା। ହେଲେ ସେ ମରାମତି କଲେନାହିଁ। ପୁନର୍ବାର ସେହି ରାସ୍ତା କାର୍ଯ୍ୟ କରିବା ପାଇଁ ଅମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଟଙ୍କା ଆସିଲେ ରାସ୍ତା ନିର୍ମାଣ କରାଯିବ ବୋଲି କହି ନିଜ ଅସହାୟତା ପ୍ରକାଶ କରିଛନ୍ତି।

**■ ଅମୃତ ଇର୍ଣ୍ଟର୍ନସିପ କାର୍ଯ୍ୟକ୍ରମ ଉଦ୍‌ଯାପିତ**

# ୫୩ ଯୁବକଙ୍କୁ ମିଳିଲା ପ୍ରମାଣପତ୍ର



ଢେଙ୍କାନାଳ, ୬।୬(ସମିସ): ସ୍ଥାନୀୟ ଆଇପିଏଲ୍ ସୁଗର୍ ୟୁନିଟିରେ ଏକ ପ୍ରମାଣପତ୍ର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୫୩ ଜଣ ଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଗ୍ରାମୀଣ ସମ୍ପୃକ୍ତିର ଉଦାହରଣ ଭାବେ ଆଇପିଏଲ୍‌ର ଗ୍ରାମୀଣ ଉନ୍ନତି ଇର୍ଣ୍ଟର୍ନସିପ ପ୍ରୟାସକୁ ସଫଳ ଭାବେ କାର୍ଯ୍ୟାନ୍ୱୟନ କରିଛି ରାଇଜ୍ ଫାଉଣ୍ଡେସନ୍। ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ (ଆଇପିଏଲ୍) ଆରମ୍ଭ କରିଥିବା ଏବଂ ରାଇଜ୍ ଫାଉଣ୍ଡେସନ୍ ଦ୍ୱାରା କାର୍ଯ୍ୟାନ୍ୱିୟତ ଅମୃତ ଇର୍ଣ୍ଟର୍ନସିପ୍ କାର୍ଯ୍ୟକ୍ରମ। ଏହି ବିଶେଷ ପ୍ରୟାସ ଦ୍ୱାରା ୫୩ ଯୁବକଙ୍କୁ କୃଷି, ଗ୍ରାମୀଣ ଜୀବିକା ଓ ସାମାଜିକ ଉନ୍ନତିରେ ହାତକାମ କରିବାର ଅନୁଭବ ମିଳିଛି। ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଇପିଏଲ୍ ସୁଗାର ୟୁନିଟ୍ ଢେଙ୍କାନାଳ ଓ ଜିବିଡି ପ୍ଲାଣ୍ଟ କଳାହାଣ୍ଡିର ମହାପ୍ରବନ୍ଧକ ଦୁର୍ଗାପ୍ରସାଦ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଆଇପିଏଲ୍ ସୁଗାର ୟୁନିଟି, ଢେଙ୍କାନାଳର ୟୁନିଟ୍ ହେଡ୍ ସନ୍ତୋଷ କୁମାର ଦାସ ଓ ଆଇପିଏଲ୍ ସୁଗାର ୟୁନିଟି ଢେଙ୍କାନାଳର କେନ୍ ହେଡ୍ ରାଜେଶ କୁମାର ସିଂହ ପ୍ରମୁଖ ଯୋଗଦେଇ ଇର୍ଣ୍ଟର୍ନସିପ୍‌ମାନଙ୍କୁ ସାମାଜିକ ସେବା, ଆତ୍ମନିର୍ଭରତା ଓ ନେତୃତ୍ୱ କୌଶଳ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ। ଭାରତର ଗ୍ରାମୀଣ ଉନ୍ନତିରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ। ରାଇଜ୍ ଫାଉଣ୍ଡେସନ୍‌ର ସଚିବ ଅଭୟ ତ୍ରିପାଠୀ କହିଥିଲେ, ଅମୃତ ଇର୍ଣ୍ଟର୍ନସିପ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଯୁବମାନେ ଗ୍ରାମୀଣ ସ୍ତରର ଚ୍ୟାଲେଞ୍ଜଗୁଡ଼ିକୁ ଅନୁଭବ କରି ସମ୍ବେଦନଶୀଳ, ଦାୟିତ୍ୱଶୀଳ ଓ ସମାଧାନମୁଖୀ ନେତୃତ୍ୱ ପ୍ରଦାନ କରିବା ପାଇଁ ପ୍ରଶିକ୍ଷିତ ହେବେ। ୩ ମାସ ଅବଧିରେ ଚୟନିତ ୫୩ ଇର୍ଣ୍ଟର୍ନସିପ୍ ଅନେକ ଗାଁରେ କୃଷକମାନଙ୍କ ସହିତ ସଂଲଗ୍ନ ହୋଇଥିଲେ। ସେମାନଙ୍କ କାର୍ଯ୍ୟରେ ଥିଲା କୃଷକ ସହିତ ସାକ୍ଷାତ୍‌କାର, ୧୦୦ରୁ ଅଧିକ କୃଷକଙ୍କ ତଥ୍ୟ ସଂଗ୍ରହ ଏବଂ କୃଷି, ପରିବେଶ, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ କ୍ଷେତ୍ର କାର୍ଯ୍ୟକଳାପ। ଇଣ୍ଟରନସିପ୍ ଅବଧିରେ ପ୍ରତ୍ୟେକ ଇର୍ଣ୍ଟର୍ନସିପ୍‌କୁ ମୋଟ୍ ୧୮, ୦୦୦ ଟଙ୍କା ଆର୍ଥିକ ସହଯୋଗ ପ୍ରଦାନ କରାଯାଇଥିଲା। ଶେଷରେ ସମସ୍ତ ଇର୍ଣ୍ଟର୍ଣ୍ଣସିପ୍‌ଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଆଇପିଏଲ୍ ସୁଗାର୍ ୟୁନିଟିର ଉପପ୍ରବନ୍ଧକ ଜୟପାଳ ଖମାରୀ, ଅଶୋକ କୁମାର ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ



ଯୋରନ୍ଦା, ୬।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦାଠାରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଯୋରନ୍ଦା ପଞ୍ଚାୟତର କୃଷକମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗଁଦିଆ ବ୍ଲକ କୃଷି ଅଧିକାରୀ ଶୁଭ୍ରାଂଶୁ ଶେଖର ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସିଫାର ପ୍ରମୁଖ ବୈଜ୍ଞାନିକ ଡ. ପ୍ରକାଶ ମହାନ୍ତି ଯୋଗଦେଇ ୨୦୪୭ ସୁଦ୍ଧା କୃଷି କ୍ଷେତ୍ରରେ ଭାରତ ବିକଶିତ ଦେଶ ଭାବେ ପରିଗଣିତ ହେବା ପାଇଁ କେନ୍ଦ୍ର ସରକାର ସମସ୍ତ କୃଷି ବୈଜ୍ଞାନିକଙ୍କୁ ବିଭିନ୍ନ ଅଞ୍ଚଳ ଗସ୍ତକରି ସେମାନଙ୍କ ବୈଜ୍ଞାନିକ ଉପଲବ୍ଧିକୁ କୃଷକମାନଙ୍କ ସହିତ ଅଂଶୀଦାର କରିବା ପାଇଁ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ କରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋରନ୍ଦା ସରପଞ୍ଚ ଆରତୀ ନାୟକ, କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦିବ୍ୟସୁନ୍ଦର କର, ମହିମାପାଟ କୃଷି ତାଲିମ କେନ୍ଦ୍ର ଏଡିଆର ଡ. ଦିବ୍ୟରଞ୍ଜନ ମିଶ୍ର, ବୈଜ୍ଞାନିକ ଡ. ସୂଚୀସ୍ମିତା ବଳବନ୍ତରାୟ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଶିବନାରାୟଣ ସିଙ୍ଗ, ଯୋରନ୍ଦା ପ୍ୟାକ୍ସ ଅଧିକାରୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଯୋଗଦେଇ କୃଷକମାନଙ୍କ କୃଷି ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନକୌଶଳ, ଜୈବିକ ସାର, ଔଷଧ ପ୍ରୟୋଗ, ମତ୍ସ୍ୟଚାଷ, ଅଧିକ ଅମଳକ୍ଷମ ଜାଆଁଳ ଓ ରଙ୍ଗୀନ ମାଛ ଜାଆଁଳ ଉତ୍ପାଦନ, ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ କୃଷକମାନଙ୍କର କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଯୋରନ୍ଦା ଗ୍ରାମ କୃଷି ସେବିକା ବିନୋଦିନୀ ବାରିକ, କୃଷକସାଥୀ ବିଜୟ ରାଉତ, ଅଶୋକ ରାଉତ, ସ୍ଥାନୀୟ ଅଗ୍ରଣୀ କୃଷକ ପୀତବାସ ରାଉତ, ପ୍ରକାଶ ରାଉତ, ମଙ୍ଗରାଜ ବିନ୍ଧାଣି, ସୁଧାଂଶୁ ଶେଖର ରାଉତ, ପ୍ରାଣବନ୍ଧୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଟାୟାର ଦୋକାନରେ ଅଗ୍ନିକାଣ୍ଡ

ହିନ୍ଦୋଳ/ଖଜୁରିଆକଟା, ୬।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରୋଡ ଫାଣ୍ଡି ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମ ୫୫ନଂ ଜାତୀୟ ରାଜପଥ କଡ଼ରେ ଥିବା ଏକ ଟାୟାର ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ବଳରାମପ୍ରସାଦ ଗ୍ରାମର ମନୋଜ ସାହୁ ବୁଧବାର ରାତିରେ ନିଜ ଟାୟାର ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ବିଳମ୍ବିତ ରାତିରେ ଦୋକାନରେ ନିଆଁ ଲାଗିଥିବା ଖବରପାଇ ସେଠାରେ ପହଞ୍ଚିଥଇଲେ। ଖବର ପାଇ ହିନ୍ଦୋଳ ରୋଡ୍ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଟାୟାର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ସାମ୍ବାଦିକଙ୍କ ପିତୃ ବିୟୋଗ

କାମାକ୍ଷାନଗର, ୬।୬(ସମିସ): କାମାକ୍ଷାନଗର ବ୍ଲକ ନୀଳମାଧବପୁର ଗ୍ରାମ ନିବାସୀ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତଥା ସାମ୍ବାଦିକ ବିମଳ ବିଶ୍ୱାଳଙ୍କ ବାପା ବୁଦ୍ଧିମନ୍ତ ବିଶ୍ୱାଳଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବୁଦ୍ଧିମନ୍ତ ଦୀର୍ଘବର୍ଷ ଧରି କାମାକ୍ଷାନଗର ସହର ଷ୍ଟେଟ ବ୍ୟାଙ୍କ ଶାଖାରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ସେ ଜଣେ ଅମାୟିକ, ମେଳାପୀ ଓ ଭାଗବତ ପ୍ରେମୀ ଭାବରେ ଜଣାଶୁଣା ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। କାମାକ୍ଷାନଗର ଓକିଲ ସଙ୍ଘ, ସାମ୍ବାଦିକ ସଙ୍ଘ କର୍ମକର୍ତ୍ତା, ସ୍ଥାନୀୟ ବାସିନ୍ଦା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁଅ ସାମ୍ବାଦିକ ବିମଳ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।



## ଭାଗବତ ଠାକୁରଙ୍କ ନୂତନ ଆସ୍ଥାନ ବିଜେ

ପରଜଙ୍ଗ, ୬।୬(ସମିସ): ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ପରମହଂସପୁର ଗ୍ରାମର ଭାଗବତ ଠାକୁରଙ୍କ ନୂତନ ଆସ୍ଥାନ ବିଜେ କରାଯାଇଛି। ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏକ ପୁରୁଣା ଘରେ ଠାକୁରଙ୍କ ଆସ୍ଥାନ ଥିଲା। ଏବେ ନୂତନ ଗୃହ ପ୍ରତିଷ୍ଠା କରାଯାଇ ସେଠାରେ ଠାକୁରଙ୍କୁ ବିଜେ କରାଯାଇଛି। ଗୁରୁବାର ସୁଦଶାବ୍ରତ ଅବସରରେ ଦିନତମାମ ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ ଗୃହରେ ହୋମଯଜ୍ଞ କରାଯାଇଥିଲା। ଅପରାହ୍ନ ୪ଟାରେ ବାଜା, ବାଣ ରୋଷଣୀ, ଘଣ୍ଟୁଆଙ୍କ ଦ୍ୱାରା ଶୋଭାଯାତ୍ରାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇ ନୂତନ ଆସ୍ଥାନରେ ବିଜେ କରାଯାଇଛି। ରାତିରେ ପ୍ରସାଦ ସେବନ ସହ ପରଜଙ୍ଗ ମହାବିଦ୍ୟାଳୟର ଓଡ଼ିଆ ପ୍ରଧାପକ ତଥା ପାଲା ଗାୟକ ପ୍ରସନ୍ନ ବେହେରାଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଯଜ୍ଞରେ କର୍ତ୍ତା ଭାବେ ବିଧାନ ସାହୁ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ତୁଲାଇଥିଲେ।



## ବର୍ଦ୍ଧିତ ଭତ୍ତା ପ୍ରଦାନରେ ପ୍ରଶାସନର ଅବହେଳା

ଗଁଦିଆ, ୬।୬(ସମିସ): ରାଜ୍ୟ ସରକାର ୮୦ ପ୍ରତିଶତ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧାଙ୍କୁ ପ୍ରତିମାସରେ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରିଛନ୍ତି। ମାତ୍ର ପ୍ରଶାସନର ଅବହେଳା ଯୋଗୁଁ ଗଁଦିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନେକ ହିତାଧିକାରୀ ପ୍ରତିମାସ ୩୫୦୦ ଟଙ୍କା ବଦଳରେ ୧୦୦୦ ଟଙ୍କା ଲେଖାଏଁ ଭତ୍ତା ପାଉଛନ୍ତି। ବର୍ଦ୍ଧିତ ହାରରେ ଭତ୍ତା ପାଇବାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀମାନେ ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ଜଣାପଡ଼ିଛି। ଫଳରେ ରାଜ୍ୟ ସରକାରଙ୍କ ଏ ସମ୍ପର୍କିତ ନିର୍ଦ୍ଦେଶନାମାର କିଛି ମାନେ ନ ଥିବା ପରି ମନେ ହେଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗଁଦିଆ ବ୍ଲକର ହିତାଧିକାରୀମାନେ ବର୍ଦ୍ଧିତ ହାରରେ ଭତ୍ତା ପାଇବା ନିମନ୍ତେ ଆବଶ୍ୟକ କାଗଜପତ୍ର ସହ ଆବେଦନପତ୍ର ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଥିଲେ ହେଁ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ନ ଥିବା ଜଣାଯାଇଛି। ସେହପରି ବଭିନ୍ନ ପଞ୍ଚାୟତରୁ ଏ ସମ୍ପର୍କିତ ଅଭିଯୋଗପତ୍ର ଗଁଦିଆ ବ୍ଲକ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାପାଳ ଓ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା

ଗଁଦିଆ, ୬।୬(ସମିସ): ଗଁଦିଆ ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମିଶନ ଶକ୍ତି କାଫେରେ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ୧୦ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଉକ୍ତ ଗୋଷ୍ଠୀ ମାନେ ଆମ ରାଜ୍ୟର ପାରମ୍ପରିକ ଖାଦ୍ୟ ଯଥା ପୋଡପିଠା, ମଣ୍ଡା, ଆରିସା, କାକରା ବରା, ଚକୁଳି, ଆଦି ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ମାନ ପ୍ରସ୍ତୁତ କରିଥିଲେ। ବିଚାରକ ଭାବରେ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଓ ଜି ପି ଟି ଓ ମିଳିତ ଭାବରେ ବିଭିନ୍ନ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ କୁ ପରୀକ୍ଷା କରି ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଦୁଇଟି ଗୋଷ୍ଠୀକୁ ୧ମ ଓ ୨ୟ ଭାବରେ ଚୟନ କରିଥିଲେ ଯାହାକି ଉକ୍ତ ଦୁଇ ଗୋଷ୍ଠୀ ଆଗାମୀ ଦିନରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ସାମ୍ମାନିତ ଅତିଥି ଭାବରେ ଅତିରିକ୍ତ ତହସିଲଦାର ସୌଭାଗ୍ୟ ରଞ୍ଜନ ମହାନ୍ତି, ବ୍ଲକ ସମନ୍ୱିତ ଶିଶୁ ବିକାଶ ପକଳ୍ପ ଅଧିକାରୀ ମାନସୀ ଦାସ ଗଁଦିଆ ଅଗ୍ନିଶମ ଅଧିକାରୀ ଦୀନବନ୍ଧୁ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛି ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ବାଇଁଶିଆ ଓ ୨ୟ ସ୍ଥାନ ରେ ଜଗତ ଜନନୀ ସ୍ୱୟଂ ସହାୟକ ଗୋଷ୍ଠି କାବେରା ହୋଇଥିଲେ ପ୍ରଥମ ହୋଇଥିଲା ଗୋଷ୍ଠୀକୁ ୫,୦୦୦ ଟଙ୍କାର ନଗଦ ରାଶି ଓ ଦ୍ୱିତୀୟ ଗୋଷ୍ଠୀକୁ ୪,୦୦୦ଟଙ୍କା ନଗଦ ରାଶି ପ୍ରଦାନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ମିଶମ ଶକ୍ତି ବ୍ଲକ ପ୍ରୋଜେକ୍ଟ ସଂଯୋଜକ ବିଦ୍ୟାକାନ୍ତ ରାଉତ ପରିଚାଳନା କରିଥିବା ବେଳେ ବ୍ଲକର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟକାରୀ ହେବ ଓସ୍ୱାସ ପଦ୍ଧତି

ଢେଙ୍କାନାଳ, ୬।୬(ସମିସ)

ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ରାଜ୍ୟ କାର୍ଯ୍ୟପ୍ରବାହ ସ୍ୱୟଂଚାଳିତ

**● ୪୦ ବିଭାଗୀୟ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ**

ବ୍ୟବସ୍ଥା (ଓସ୍ୱାସ) ଲାଗୁ କରିବା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲା ଭାବେ ଏହି ବ୍ୟବସ୍ଥା ୧୪ ଜୁଲାଇ ୨୦୨୫ରୁ ଲାଗୁ କରିବାକୁ ଯାଉଛି। ଏହି ବ୍ୟବସ୍ଥା ଦ୍ୱାରା ଜିଲ୍ଲା ସହ ବ୍ଲକ ଯୋଡ଼ିହେବ। ଦୀର୍ଘ ସମୟ ଧରି ଅଧିକାରୀଙ୍କ ନିକଟରେ ଫାଇଲ ପଡ଼ିରହିବ ନାହିଁ। ଏସ୍‌ପି କାର୍ଯ୍ୟାଳୟଠୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରୁ ବ୍ଲକ ଓ ତହସିଲ ପର୍ଯ୍ୟନ୍ତ ଜିଲ୍ଲାର ୪୦ ବିଭାଗୀୟ କାର୍ଯ୍ୟାଳୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।



ପ୍ରଶାସନ ପକ୍ଷରୁ ସ୍ୱୟଂଚାଳିତ ବ୍ୟବସ୍ଥାକୁ ସମୃଦ୍ଧ କରିବାକୁ କର୍ମଚାରୀଙ୍କୁ ତାଲିମ ଦିଆଯାଉଛି। କୌଣସି ବି ଫାଇଲ ଧାର୍ଯ୍ୟ ସମୟଠାରୁ ଅଧିକ ସମୟ କୌଣସି ଅଧିକାରୀ ନିଜ ପାଖେ ରଖିଲେ ତାହା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବିଭାଗୀୟ ମୁଖ୍ୟଙ୍କଠାରୁ ବିଭାଗୀୟ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଆଇଟି ମାଧ୍ୟମରେ ସ୍ୱୟଂଚାଳିତ ହେବା ବ୍ୟବସ୍ଥା ହୋଇଛି। ଏହି ବୈଠକରେ ଓକାକ୍‌ର ଡୋମେନ ପରାମର୍ଶଦାତା ସତ୍ୟରଞ୍ଜନ ସାହୁ, ଅତରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଲଳିତ ମୋହନ ବେହେରା, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ବିଡିଓ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ପଲିଥିନ୍ ବ୍ୟବହାର ଉପରେ ନିୟନ୍ତ୍ରଣ ଆସୁନି

ଗଁଦିଆ, ୬।୬(ସମିସ): ଆଧୁନିକତାର ପରିଭାଷାରେ ମନୁଷ୍ୟ ଭୁଲିବାକୁ ବସିଲାଣି ପରିବେଶର ସୁରକ୍ଷା। ତା' ଭିତରେ ମଣିଷ ଭୁଲିଯାଉଛି ନିଜ ଜୀବନର ସୁରକ୍ଷା। ପରିବେଶ ପ୍ରଦୂଷଣ ହେବାର କାରଣ ଅନେକ ଥିବା ବେଳେ ପଲିଥିନ୍ ଏକ ମୁଖ୍ୟ କାରଣ ସାଜିଛି। ପ୍ରତି ବର୍ଷ ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି ମାତ୍ର ପଲିଥିନର ବହୁଳ ବ୍ୟବହାର ଯୋଗୁଁ ଏହି ଦିବସ ପାଳନ ମୂଲ୍ୟହୀନ ହୋଇପଡୁଥିବା ପରିବେଶବିତ ମତ ପକାଶ କରିଛନ୍ତି। ୨୦୦୨ରେ ହାଇକୋର୍ଟ ପଲିଥିନ ବ୍ୟବହାରକୁ ନିଷେଧ କରି ଏହା ବିରୋଧରେ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜ୍ୟ ସରକାର ଜିଲ୍ଲା ପ୍ରଶାସନକୁ ଏହାର ବ୍ୟବହାର ପାଇଁ ନିଷେଧାଦେଶ ଜାରି ମଧ୍ୟ କରିଛନ୍ତି। ଏଥିସହ ବିଭିନ୍ନ ଗଣାଧମରେ ଏହାର ବ୍ୟବହାର ନ କରିବା ପାଇଁ ବିଜ୍ଞାପନ ମଧ୍ୟ ପ୍ରକାଶ ପାଉଛି। କିନ୍ତୁ ଇତିମଧ୍ୟରେ ୨୩ ବର୍ଷ ବିତିଗଲା ପରେ ବି ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ପାରିବା ପରିତାପର ବିଷୟ। ଏହା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସାରା ଦେଶରେ ପରିବେଶର ସୁରକ୍ଷାକୁ ନେଇ ପଲିଥିନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଥିବାରୁ ବହୁ ରାଜ୍ୟରେ ପଲିଥିନ କାରବାର ବନ୍ଦ ହୋଇଯାଇଛି। ୨୦୧୮ ଅକ୍ଟୋବର ୨ରୁ ରାଜ୍ୟର ପ୍ରମୁଖ ସହର ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା ଓ ବ୍ରହ୍ମପୁରରେ ଏହାର ବ୍ୟବହାର ଉପରେ ରୋକ୍ ଲଗାଯାଇଥିଲା। ସେହିପରି ୨୦୧୯ ଅକ୍ଟୋବର ୨ରୁ ସାରା ରାଜ୍ୟକୁ ପଲିଥିନ ଓ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସରକାର ଘୋଷଣା କରିଥିଲେ ସୁଦ୍ଧା ଏହାର ସଫଳ ରୂପାୟନ ଆଜି ସୁଦ୍ଧା ହୋଇପାରି ନାହିଁ। ଏଣୁ ପଲିଥିନର ବିକଳ୍ପ ବ୍ୟବହାର ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ଦେବା ସହ ପରିବେଶ ସୁରକ୍ଷା ଓ ଜନଜୀବନକୁ ସରସସୁନ୍ଦର କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ପୂର୍ବକ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଦାବି ହେଉଛି।



## ଯୁଦ୍ଧରେ ହାରିଲେ ଶିଶୁପାଳ

# ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ



ପୁରୀ, ୬।୬ (ସମିସ): ବିଦର୍ଭ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀ ମା' ବିମଳାଙ୍କ ଦର୍ଶନ ସାରି ଫେରୁଥିବା ବେଳେ ମହାପ୍ରଭୁ ତାଙ୍କୁ ହରଣ କରିନେଇଥିଲେ। ଏହି ସମୟରେ ବାଟ ଓଗାଳିଥିଲେ ଶିଶୁପାଳ। ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା। ଶେଷରେ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ। ଶୁକ୍ରବାର ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ଓ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ମଧ୍ୟ କୁହାଯାଏ। ମହାପ୍ରଭୁଙ୍କ ବାହାଘର ପାଇଁ ଶ୍ରୀମନ୍ଦିରକୁ ଫୁଲରେ ସଜା ଯାଇଥିବା ବେଳେ ସିଂହଦ୍ୱାରରେ ବାଜୁଥିଲା ଶୁଭ ଶଙ୍ଖ, ମହୁରି ଓ ତେଲିଙ୍ଗି ବାଜା।

ସକାଳ ଧୂପ ପୂଜା ବସିଥିବା ସମୟରେ ଦକ୍ଷିଣୀ ଘରେ ମଦନମୋହନ (ଶ୍ରୀକୃଷ୍ଣ)ଙ୍କ ବେଶ ହୋଇଥିଲା। ପରେ ମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ।

ଭୋଗମଣ୍ଡପ ସରିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ରୁକ୍ମିଣୀଙ୍କୁ ସାତପାହାଚଠାରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାରେ ରୁକ୍ମିଣୀଙ୍କ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକଲାଗି ଏବଂ ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲା। ମଦନମୋହନ ସାତପାହାଚଠାରେ ଥିବା ରଥରେ ବିଜେ କରି ବିମଳା ମନ୍ଦିର ନିକଟକୁ ଯାଇ ରୁକ୍ମିଣୀଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ପାଲିଙ୍କିରେ ବିଜେ ହୋଇ ଦର୍ଶନ ପାଇଁ ବିମଳା ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ବାହାରକୁ ଆସିବା ସମୟରେ ମହାପ୍ରଭୁ ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଥିଲେ। ସରସ୍ୱତୀଙ୍କ ଦେଉଳ ସମ୍ମୁଖରେ ଶିଶୁପାଳ ପ୍ରତିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ମହାପ୍ରଭୁ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ଦେଇଥିଲେ। ପରେ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିବା ସମୟରେ ବିବାହ ନୀତି ସମ୍ପନ୍ନ ହୋଇଥିଲା।

**■ ଫୁଲରେ ଝଲସୁଛି ଶ୍ରୀମନ୍ଦିର**
**■ ସିଂହଦ୍ୱାରରେ ବାଜିଲା ମହୁରି, ତେଲିଙ୍ଗି ବାଜା**

## ରାଜ୍ୟ ସରକାରଙ୍କ ନବମ ନିଯୁକ୍ତି ମେଳା

# ୭ଟି ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର,୬।୬(ସମିସ): ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ଶୁକ୍ରବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗର ନବନିଯୁକ୍ତ ୧,୨୯୪ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦିନରେ ଆମ ରାଜ୍ୟରେ କେବଳ ଶିଳ୍ପ କ୍ଷେତ୍ରରେ ଅତି କମରେ ୧୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି। ଏଥିପାଇଁ ଆମ ଯୁବପିଢିଙ୍କୁ ଇଣ୍ଡଷ୍ଟ୍ରି ରେଡି ହେବାପାଇଁ ପଡିବ। ଉତ୍କର୍ଷ ଓଡ଼ିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି। ଆଜିଠାରୁ ଆପଣମାନେ ସରକାରଙ୍କ ଅଙ୍ଗଭାବେ ଓଡ଼ିଶାର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଭଲ କାମ କରିବାକୁ ପରାମର୍ଶ ଦେଇଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତେ ମିଶି ସରକାରଙ୍କ ଟିମ୍ ଭାବେ ଲୋକଙ୍କ ସେବା କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳୀନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଅର୍ପଣ କରିଥିଲେ।



**■ ଓଏଚ୍‌ପିସି ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି**

# ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍‌ରୁ ଉତ୍ପାଦିତ ହେବ ୬୦୦ ମେଗାୱାଟ ବିଜୁଳି

ଭୁବନେଶ୍ୱର,୬।୬(ସମିସ): ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟରେ ମୋଟ ୧୦.୯୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରରିପେକ୍ଷୀରେ ଶୁକ୍ରବାର ମୁଖ୍ୟଗୁଡ଼ାରେ ୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ପରିଚାଳନା ପରାମର୍ଶ ସେବା ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ(ଓଏଚପିସି) ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୱାପ୍‌କୋସ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ବିଭାଗୀୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଓଏଚ୍‌ପିସି ଏହାର ୬୦୦ ମେଗାୱାଟ୍ ପାରମ୍ପରିକ ଜଳ ବିଦ୍ୟୁତ୍ ଗୃହ ସହ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଏକ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି। ଏହି ସହଭାଗିତା ଦକ୍ଷତା ବୃଦ୍ଧି କରିବା ସହିତ ଓଡ଼ିଶାର ଶକ୍ତି କ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ ଭି ସିଂହଦେଓ କହିଛନ୍ତି।

# ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣେ ମୃତ

ବୈଶିଙ୍ଗା,୬।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଡେଉଁଚପଦା ଗାଁ ମୁଣ୍ଡରେ ଏକ ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ମୋରଡ଼ା ଥାନା ଜୁଆଳିଭଙ୍ଗା ପଞ୍ଚାୟତ ଅଧୀନ ଅଙ୍ଗାରିଆ ଗ୍ରାମର ଲୁସ୍କୁ ମାର୍ଣ୍ଡିଙ୍କ ପୁଅ ବାବୁଲା ମାର୍ଣ୍ଡି। ସବୁଦିନ ଭଳି ବାବୁଲା ଗୁରୁବାର ରାତି ପ୍ରାୟ ସାଢ଼େ ୮ ଟାରେ ସାଇକଲରେ ଘରକୁ ଫେରୁଥିବା ବେଳେ ଡେଉଁଚପଦାଠାରେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ତାଙ୍କୁ ଟେକି କଚାଡ଼ି ଦେବା ସହ ମୁଣ୍ଡକୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବେତନଟୀ ବନବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବାବୁଲାଙ୍କ ଶବକୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

**■ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି**

# କରୋନା ସଂକ୍ରମିତଙ୍କୁ ରଥଯାତ୍ରା ମନା

ଭୁବନେଶ୍ୱର,୬।୬(ସମିସ): ରାଜ୍ୟରେ କୋଭିଡ ସଂକ୍ରମଣ ବଢିବା ଆରମ୍ଭ କରିଛି। ଆଗକୁ ରାଜ୍ୟର ସବୁଠାରୁ ବଡ଼ ପର୍ବ ରଥଯାତ୍ରା ଆସୁଛି। ପୁରୀରେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେବ। ଅସମ୍ଭାଳ ଭିଡ଼ରେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ଏହାକୁ ନେଇ ଚିନ୍ତାରେ ପଡ଼ିଯାଇଛି ସ୍ୱାସ୍ଥ୍ୟ ବିଭାଗ। ଲୋକଙ୍କୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ସଚିବ ଅମରେନ୍ଦ୍ର ମହାନ୍ତି ପରାମର୍ଶ ଦେଇଛନ୍ତି। କୋଭିଡରେ ଆକ୍ରାନ୍ତଥିଲେ ରଥଯାତ୍ରାକୁ ନ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଯେଉଁମାନେ ଆକ୍ରାନ୍ତ ନାହାନ୍ତି ସେମାନଙ୍କୁ ହାତଧୁଆ ବ୍ୟବହାର ଏବଂ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଯନ୍ତ୍ରପାତି, ଆଇସିୟୁ ଠିକ ରଖିବା ସହ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଆଗକୁ ରଥଯାତ୍ରା ଥିବାରୁ ଗାଇଡଲାଇନ ଆସିପାରେ। ତେବେ କେନ୍ଦ୍ର ସହ ଏନେଇ ବୈଠକ ବସିବା ପରେ ନିଷ୍ପତ୍ତି ନିଆଯିବ। ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଆସିବ। ଅପରପକ୍ଷରେ ରାଜ୍ୟରେ କୋଭିଡ ସ୍ଥିତି ଆଦୌ ସଂକଟଜନକ ନୁହେଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ଆଉ ୭ନୂଆ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାଫଳରେ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ଏଯାବତ୍ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬, କଟକ ଜିଲ୍ଲାରୁ ୯ଜଣ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରଜାତି ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା। ଏହା ଓମିକ୍ରନ୍‌ର ଏକ ଉପପ୍ରଜାତି। ଏଥିରେ ମଧ୍ୟମ ଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ। ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ। ତେଣୁ ଏହି ବର୍ଗର ଲୋକମାନେ କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରିବାର ଆବଶ୍ୟକତା ରହିଛି।

## ଆଉଟ୍‌ସୋର୍ସିଂ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି

# ଖାଲି ପଡ଼ିଥିବା ପଦବୀ ନେଇ ଶ୍ୱେତପତ୍ର ଦାବିକଲା କଂଗ୍ରେସ

ଭୁବନେଶ୍ୱର,୬।୬(ସମିସ): ରାଜ୍ୟରେ ମୋହନ ସରକାର ୧ବର୍ଷ ପୂରଣ କରିବାକୁ ଯାଉଛନ୍ତି। ଏହି ବର୍ଷପୂର୍ତ୍ତିକୁ ମହାଆଡ଼ମ୍ବରରେ ପାଳନ କରିବାକୁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଯୋଜନା କରିଛନ୍ତି। ମାତ୍ର ରାଜ୍ୟର ବେକାରୀ ସମସ୍ୟା ଦୂରୀକରଣ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇ ବିଜେପି ଗତ ସାଧାରଣ ନିର୍ବାଚନରେ କ୍ଷମତାକୁ ଆସିଥିଲା, ତାହା ପୂରଣ କରିବାକୁ ଭୁଲିଯାଇଛି ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ରାଷ୍ଟ୍ରୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡଃ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି। ଶୁକ୍ରବାର ଡଃ ଲେଙ୍କା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆଜି ମଧ୍ୟ ରାଜ୍ୟର ବିଭିନ୍ନ ବିଭାଗରେ ବହୁ ପଦବି ଖାଲି ପଡ଼ିଛି। ହଜାର ହଜାର ଶିକ୍ଷିତ ଯୁବକଯୁବତୀ ଚାକିରି ପାଇଁ ଲଢ଼େଇ ଜାରି ରଖିଛନ୍ତି। ହେଲେ ଶୌଚାଳୟରୁ ସଚିବାଳୟ ପର୍ଯ୍ୟନ୍ତ ସବୁ ଆଉଟ୍ ସୋର୍ସିଂରେ ଚାଲିଛି। ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଦାବିରେ ଆଜି ମଧ୍ୟ ବହୁ କର୍ମଚାରୀ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ତେଣୁ ଏନେଇ ରାଜ୍ୟ ସରକାର ଆଉ କେବେ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଡଃ ଲେଙ୍କା ଦୁଇଟି ପ୍ରମୁଖ ଦାବି ଉପସ୍ଥାପନ କରି ଏହାର ସମାଧାନ ପାଇଁ ଦାବି କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲିପଡ଼ିଛି। ତେଣୁ କେଉଁ ବିଭାଗରେ କେତେ ପଦବି ଖାଲିପଡ଼ିଛି ସେ ନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ଏଥିସହ କେବେ ସେହି ପଦବି ସବୁ ପୂରଣ କରାଯିବ ତାହା ସ୍ପଷ୍ଟ କରନ୍ତୁ। ଅନ୍ୟପକ୍ଷରେ ରାଜ୍ୟରେ ପାଖାପାଖି ୬୦ ହଜାରରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀ ରହିଛନ୍ତି। ଦିନମଜୁରିଆ ଭଳି ସ୍ୱଳ୍ପ ଦରମାରେ ସେମାନେ ପରିବାର ଭରଣପୋଷଣ କରୁଛନ୍ତି। ସେମାନଙ୍କ ଚାକିରିର କୌଣସି ସ୍ଥାୟିତ୍ୱ ନାହିଁ। ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦେଇ ସରକାର ରାଜ୍ୟର ଯୁବକଯୁବତୀଙ୍କୁ ୟୁଜ୍ ଆଣ୍ଡ ଥ୍ରୋ ଭଳି ବ୍ୟବହାର କରୁଛନ୍ତି। ଝିଣ୍ଟିକା ମାରି ବଣି ପୋଷିବା ନୀତିରେ ଆଉଟ୍‌ସୋର୍ସିଂ ଏଜେନ୍ସିମାନଙ୍କ ସ୍ୱାର୍ଥ ପାଇଁ ଏହି କର୍ମଚାରୀମାନଙ୍କୁ ଅବହେଳା କରିଚାଲିଛନ୍ତି। ସମାନ ବିଭାଗରେ ସମାନ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସମାନ ଦରମା ମିଳିପାରୁନାହିଁ। ତେଣୁ ସରକାର ଏହି କର୍ମଚାରୀମାନଙ୍କ ଚାକିରିକୁ ନିୟମିତ କରିବା ସହ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବାକୁ ଡଃ ଲେଙ୍କା ଦାବି କରିଛନ୍ତି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୯ ● ପାଉଣ୍ଡ ୧୧୬.୬୪
- ୟୁରୋ ୯୮.୬୮ ● ୟେନ୍ ୦.୫୯


## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୩୧୦ (ନୂଆଦିଲ୍ଲୀ)
- ରୁପା : ୧,୦୪,୧୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# କାନାରା ବ୍ୟାଙ୍କ ପକ୍ଷରୁ କରେନ୍ସି ଏକ୍ସଚେଞ୍ଜ ମେଳା

ଭୁବନେଶ୍ୱର,୬।୬(ସମିସ): କାନାରା ବ୍ୟାଙ୍କ ପକ୍ଷରୁ କରେନ୍ସି ଏକ୍ସଚେଞ୍ଜ ମେଳା ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କ ଜିଏମ୍ ଜଗଦୀଶ ଚନ୍ଦରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ପୁରୁଣା/ମଇଳା କଏନ୍ ଏବଂ ସ୍ୱଳ୍ପ ମୂଲ୍ୟର ନୋଟ୍‌ଗୁଡିକୁ ସମସ୍ତ ପ୍ରମୁଖ ସେଣ୍ଟରଗୁଡିକରେ ଏକ୍ସଚେଞ୍ଜ କରାଯାଇଥିଲା। ଇଦ୍-ଉଲ୍-ଜୁହା ଏବଂ ରଜ ପର୍ବ ପୂର୍ବରୁ ଅନୁଷ୍ଠିତ ଏହି ମେଳାକୁ ଗ୍ରାହକଙ୍କ ଆଡୁ ବେଶ ଭଲ ପ୍ରତିକ୍ରିୟା ମିଳିଛି। ବହୁ ସଂଖ୍ୟାରେ ଲୋକ ଏହି ସେଣ୍ଟର ଗସ୍ତ କରିଥିଲେ ।



## ପୁଣି କମିଲା ସୁଧହାର

# ରେପୋ ହାରରେ ୫୦ ବେସିସ୍ ପଏଣ୍ଟ ହ୍ରାସ

**■ ଲଗାତାର ତୃତୀୟ ଥର ପାଇଁ କମିଲା**
**■ କମିବ ଇଏମ୍‌ଆଇ, ଶସ୍ତା ହେବ ଋଣ**



ନୂଆଦିଲ୍ଲୀ୬।୬(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଋଣ ସୁଧ ହାର ଅର୍ଥାତ୍ ରେପୋ ହାର ହାରରେ ୦.୫୦% ହ୍ରାସ କରିଛି। ଫଳରେ ରେପୋ ହାର ୫.୫୦%କୁ ହ୍ରାସ ପାଇଛି। ଏହି କାରଣରୁ, ବ୍ୟାଙ୍କଗୁଡ଼ିକ ଆର୍‌ବିଆଇଠାରୁ କମ ସୁଧ ହାରରେ ଋଣ ପାଇବେ। ଯଦି ବ୍ୟାଙ୍କଗୁଡ଼ିକ ଏହି ସୁଧ ହ୍ରାସକୁ ସେମାନଙ୍କ ଗ୍ରାହକଙ୍କୁ ହସ୍ତାନ୍ତର କରନ୍ତି, ତେବେ ଆଗାମୀ ଦିନରେ ଋଣ ଶସ୍ତା ହୋଇପାରେ। ଯଦି ଋଣ ଶସ୍ତା ହୁଏ, ତେବେ ଲୋକଙ୍କ ବର୍ତ୍ତମାନର ଇଏମ୍‌ଆଇମଧ୍ୟ ହ୍ରାସ ପାଇବ। ଚଳିତମାସ ୪ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ମୁଦ୍ରା ନୀତି କମିଟି (ଏମ୍‌ପିସି)ବୈଠକରେ ସୁଧ ହାର ହ୍ରାସ କରିବାର ନିଷ୍ପତ୍ତି ନିଆଯାଇଛି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଆଜି ଏହି ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଫେବୃଆରୀରେ ଅନୁଷ୍ଠିତ ବୈଠକରେ ଆର୍‌ବିଆଇ ସୁଧ ହାର ୬.୫% ରୁ ୬.୨୫% କୁ ହ୍ରାସ କରିଥିଲା। ସେତେବେଳେ ପ୍ରାୟ ୫ ବର୍ଷ ପରେ ମୁଦ୍ରା ନୀତି କମିଟି ଦ୍ୱାରା ଏହି ହ୍ରାସ କରାଯାଇଥିଲା। ଏପ୍ରିଲରେ ଅନୁଷ୍ଠିତ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାରରେ ମଧ୍ୟ ୦.୨୫% ହ୍ରାସ କରାଯାଇଛି। ଏବେ ତୃତୀୟ ଥର ପାଇଁ ହାର ହ୍ରାସ କରାଯାଇଛି। ଅର୍ଥାତ୍, ମୁଦ୍ରା ନୀତି କମିଟି ତିନି ଥରରେ ୧% ସୁଧ ହାର ହ୍ରାସ କରିଛି। ରେପୋ ହାର ହ୍ରାସ ପରେ, ବ୍ୟାଙ୍କଗୁଡ଼ିକ ଗୃହ ଏବଂ ଅଟୋ ଭଳି ଋଣ ଉପରେ ମଧ୍ୟ ସୁଧ ହାର ହ୍ରାସ କରିବେ। ସୁଧ ହାର ହ୍ରାସ ହେଲେ ଗୃହ ଚାହିଦା ବୃଦ୍ଧି ପାଇବ। ଅଧିକ ଲୋକ ରିଅଲ ଇଷ୍ଟେଟରେ ନିବେଶ କରିପାରିବେ। ଏହା ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ପ୍ରୋତ୍ସାହନ ଦେବ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ନଗଦ ସଂରକ୍ଷଣ ଅନୁପାତ (ସିଆର୍‌ଆର୍)କୁ ୪% ରୁ ୩%କୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେ କହିଛନ୍ତି ଯେ ଆର୍‌ବିଆଇ ର ଏହି ପଦକ୍ଷେପ ଯୋଗୁଁ ୨.୫ ଲକ୍ଷ କୋଟି ଟଙ୍କା ଆର୍ଥିକ ବ୍ୟବସ୍ଥାକୁ ଆସିବ।


ଏଠାରେ ସୂଚନାଯୋଗ୍ୟ ଯେ, ସିଆର୍‌ଆର୍ ହେଉଛି ସେହି ଟଙ୍କା ଯାହାକୁ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ସେମାନଙ୍କର ମୋଟ ଜମାର ଏକ ଅଂଶ ରଖିବାକୁ ପଡିଥାଏ। ଏହା ସହିତ ଆର୍‌ବିଆଇ ନିୟନ୍ତ୍ରଣ କରେ ଯେ ବଜାରରେ କେତେ ଟଙ୍କା ରହିବ। ଯଦି ସିଆର୍‌ଆର୍ ହ୍ରାସ କରାଯାଏ, ତେବେ ବ୍ୟାଙ୍କଗୁଡ଼ିକନିକଟରେ ଋଣ ଦେବା ପାଇଁ ଅଧିକ ଟଙ୍କା ରହିବ। ଯେମିତି ଏଥର ୧% ରେପୋ ହ୍ରାସ ଯୋଗୁଁ ୨.୫ ଲକ୍ଷ କୋଟି ଟଙ୍କ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆସିବ।

# ଖୁବ୍‌ଶୀଘ୍ର ଭାରତରେ ମିଳିପାରେ ଷ୍ଟାର୍‌ଲିଙ୍କ୍‌ର ଇଣ୍ଟରନେଟ ସେବା

**● ମସ୍କଙ୍କ କମ୍ପାନୀକୁ ମିଳିଲା ଜିଏମ୍‌ପିସିଏସ୍ ଲାଇସେନ୍ସ**

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଖୁବ୍ ଶୀଘ୍ର ଭାରତରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ ହେବାକୁ ଯାଉଛି। ଏଲନ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ୍‌କୁ ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ ମିଳିଛି ଗ୍ଲୋବାଲ ମୋବାଇଲ ପର୍ସନାଲ କମ୍ୟୁନିକେସନ ବାୟ ସାଟେଲାଇଟ ବା ଜିଏମ୍‌ପିସିଏସ୍ ଲାଇସେନ୍ସ। ଏହା ପୂର୍ବରୁ ଗତ ମାସରେ ଷ୍ଟାରଲିଙ୍କକୁ ଲେଟର ଅଫ୍ ଇଣ୍ଟେଣ୍ଟ ମିଳିସାରିଛି।

ଏମିତିରେ ଏବେ କେବଳ କମ୍ପାନିକୁ ଇନ୍‌ସ୍ପେସ୍‌ରୁ ଅନ୍ତିମ ଅନୁମୋଦନର ଆବଶ୍ୟକତା ରହିଛି। ମଞ୍ଜୁରୀ ମିଳିବା ପରେ ଭାରତରେ ସାଟେଲାଇଟ ଆଧାରିତ ଇଣ୍ଟରନେଟ ସର୍ଭିସ ଷ୍ଟାରଲିଙ୍କର ବ୍ୟବହାର କରିପାରିବେ। ସୂଚନାଥାଉକି, ପୂର୍ବରୁ ୱାନ୍‌ୱେବ୍ ଏବଂ ରିଲାଏନ୍ସକୁ ମଧ୍ୟ ଏହି ଲାଇସେନ୍ସ ମିଳିସାରିଛି। ଅର୍ଥାତ ଷ୍ଟାରଲିଙ୍କ ଏହି ଲାଇସେନ୍ସ ପାଇବାରେ ତୃତୀୟ କମ୍ପାନୀ। ଷ୍ଟାରଲିଙ୍କ୍‌ର ସେବା ବର୍ତ୍ତମାନ ୧୦୦ରୁ ଅଧିକ ଦେଶରେ ସକ୍ରିୟ ଅଛି। ଏହି କମ୍ପାନୀର ଉଦ୍ଦେଶ୍ୟ ଲେଟେନ୍ସୀ ବ୍ରଡବ୍ୟାଣ୍ଡ ଦ୍ୱାରା ଦ୍ରୁତ ଇଣ୍ଟରନେଟ ସେବା ପ୍ରଦାନ କରିବା। ରିପୋର୍ଟ ଅନୁଯାୟୀ, ଭାରତରେ ଷ୍ଟାରଲିଙ୍କ ପ୍ରାରମ୍ଭିକ ଭାବରେ ପ୍ରାୟ ୮୪୦ ଟଙ୍କାରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ କରିପାରେ। ଉଲ୍ଲେଖଯୋଗ୍ୟ, ଭାରତରେ ଏବେ ବି ଅନେକ ଦୁର୍ଗମ ଅଞ୍ଚଳ ରହିଛି ଯେଉଁଠାରେ ଭିତ୍ତିଭୂମିର ଅଭାବ ଯୋଗୁ ଇଣ୍ଟରନେଟ ପହଞ୍ଚିପାରିନାହିଁ। କିନ୍ତୁ ଷ୍ଟାରଲିଙ୍କ ଏବଂ ଅନ୍ୟ କମ୍ପାନୀଙ୍କ ଆସିବା ପରେ ଏଭଳି ଅଞ୍ଚଳରେ ମଧ୍ୟ ଲୋକଙ୍କୁ ଇଣ୍ଟରନେଟ୍ ସେବା ମିଳିପାରିବ।



# ଟାଟା ପାୱାର୍‌ର ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ



ଭୁବନେଶ୍ୱର,୬।୬(ସମିସ): ଟାଟା ପାୱାରର ଅନୋଖା ଧାଗା ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ ୫୦୦୦ କେଜିର ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜ୍ୟକୁ ଉଚ୍ଚ ଗୁଣାତ୍ମକ ମାନର, ରିସାଇକଲ୍ ଫ୍ୟାବ୍ରିକ୍ ଉତ୍ପାଦରେ ପରିଣତ କରିଛି। ୬ଟି କେନ୍ଦ୍ରର ମହିଳାମାନଙ୍କ ନେତୃତ୍ୱାଧୀନ ଏହି ଅଭିଯାନ ପ୍ଲାଷ୍ଟିକ୍ ପ୍ରଦୂଷଣର ଜରୁରୀକାଳୀନ ଆହ୍ୱାନର ମୁକାବିଲା କରୁଥିବା ବେଳେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ଉଚିତ୍ ବ୍ୟବସାୟ ଆୟ ସହିତ ସ୍ଥାନୀୟ ସମାଜକୁ ସଶକ୍ତ କରୁଛି। ଏହି କାର୍ଯ୍ୟକ୍ରମ ଡେନିମ୍ ଦାନ ସହିତ ସମନ୍ୱିତ ରହିଛି ଯାହା ପ୍ରାକ୍-ପସନ୍ଦର ପୋଷାକକୁ ଏକ ନୂଆ ଦୃଷ୍ଟିକୋଣ ପ୍ରଦାନ କରୁଥିବା ବେଳେ ୟୁଜଡ୍ ପୋଷାକର ଜୀବନକାଳକୁ ବଢ଼ାଉଛି। ଟାଟା ଗ୍ରୁପ୍‌ର ପ୍ରୋଜେକ୍ଟ ଆଲିଙ୍ଗନ ଓ ସର୍କୁଲାର ଇକୋନିମ୍ ସମାଧାନ ପାଇଁ ଟାଟା ପାୱାର୍‌ର ପ୍ରତିବଦ୍ଧତା ସହିତ ସମନ୍ୱିତ ହୋଇ ଶୁଭାରମ୍ଭ କରାଯାଇଥିବା ଏହି ଅଭିଯାନ ବିଶ୍ୱ ପରିବେଶ ଦିବସ ୨୦୨୫ ଭାବ ଓ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଶେଷ କରିବାର ବିଷୟବସ୍ତୁ ସହିତ ଯୋଡ଼ିହୋଇରହିଛି। ବର୍ଜ୍ୟ ପରିଚାଳନା ସାମାଜିକ ସଂସ୍ଥା ରିସର୍କଲ୍ ଓ ସଫାଇ ସାଥୀଙ୍କ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗ୍ରହ କରାଯାଇଥିବା ବର୍ଜ୍ୟକୁ ଆର୍‌ପିଇଟି (ରିସାଇକଲ୍‌ଡ ପଲିଥିଲିନ୍ ଟେରେଫଥାଲେଟ୍)ରେ ରୂପାନ୍ତରିତ କରାଯାଇଥିଲା। ରିସାଇକ୍‌ଲ୍‌ଡ ଫ୍ୟାବ୍ରିକ୍‌ରୁ ସ୍ଥାୟୀ ଜିନିଷ ପ୍ରସ୍ତୁତ କରିବା ପାଇଁ ଅନୋଖା ଧାଗା ସହିତ ଜଡ଼ିତ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା। ସେମାନେ ଟି-ସାର୍ଟ, ଟୋଟା ବ୍ୟାଗ୍, ଓ ବସ୍ତା ଆଦି ପ୍ରସ୍ତୁତ କରିଥିଲେ।

**● ଟ୍ରମ୍ପଙ୍କ ତାଗିଦକୁ ବେଖାତିର; ଭାରତରେ କାରବାର ବଢ଼ାଉଛି ଆପଲ୍**

# ଟାଟାକୁ ଆଇଫୋନ୍, ମ୍ୟାକ୍‌ବୁକ୍ ମରାମତି ଦାୟିତ୍ୱ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତାଗିଦକୁ ଖାତିର ନ କରି ଭାରତରେ ନିଜର ଉପସ୍ଥିତି ବଢ଼ାଇ ଚାଲିଛି ଆପଲ। ଗୁରୁବାର କମ୍ପାନୀ ଭାରତରେ ଆଇଫୋନ୍ ଏବଂ ମ୍ୟାକବୁକ୍ ମରାମତି ଦାୟିତ୍ୱ ଟାଟା ଗ୍ରୁପ୍‌କୁ ଦେଇଛି। ଫଳରେ ଦୁଇ କମ୍ପାନୀର ସହଭାଗିତାର ବିସ୍ତାର ଏବଂ ଆପଲର ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଭାରତୀୟ କମ୍ପାନୀର ଭୂମିକା ଏଥିରେ ବଢ଼ିଯାଇଛି।

ଆମେରିକାର ଏହି ଟେକ୍ ଜାଏଣ୍ଟ ଚୀନ୍ ବାହାରେ ଏହାର ଉତ୍ପାଦନ କ୍ଷେତ୍ରରେ ବିବିଧତା ଆଣିବା ଜାରି ରଖିଥିବାରୁ, ଟାଟା ଏକ ପ୍ରମୁଖ ସହଯୋଗୀ ଭାବରେ ଉଭା ହୋଇଛି। ଏହି ଜଏଣ୍ଟ ଭେଞ୍ଚର ଦକ୍ଷିଣ ଭାରତର ତିନୋଟି କାରଖାନାରୁ ଆଇଫୋନ୍ ଆସେମ୍ବେଲ କରୁଛନ୍ତି। ଏଥିରେ ଗୋଟିଏ ପ୍ଲାଣ୍ଟରେ କିଛି ନିର୍ଦ୍ଦିଷ୍ଟ ସାମଗ୍ରୀ ତିଆରି ମଧ୍ୟ କରାଯାଉଛି। ଆଇଫୋନ୍ ଆସେମ୍ବଲ କରିବା ପରେ ଏବେ ଟାଟା ଏହାର ମରାମତି କାମ କରିବ। ଏଥିପାଇଁ ଟାଟା ୱିଷ୍ଟ୍ରନର ସ୍ଥାନୀୟ ୟୁନିଟ୍, ଆଇସିଟି ସର୍ଭିସ୍ ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ ଠାରୁ ଏହି ଦାୟିତ୍ୱ ହାତକୁ ନେଇଛି। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, କର୍ଣ୍ଣାଟକରେ ଟାଟାର ଆଇଫୋନ୍ ଆସେମ୍ବ୍ଲି ପ୍ଲାଣ୍ଟରେ ଆପଲ ପ୍ରଡକ୍ଟର ମରାମତି କରାଯିବ। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ମାର୍ଟଫୋନ୍ ବଜାର ହୋଇଥିବା ବେଳେ ଏଠାରେ ଆଇଫୋନ୍ ବିକ୍ରୟ ବୃଦ୍ଧି ପାଉଛି। ୨୦୨୩ ମସିହାରେ ପ୍ରାୟ ୧୧ ମିଲିଅନ ଆଇଫୋନ ୟୁନିଟ୍ ବିକ୍ରି ହୋଇଛି। ୨୦୨୦ରେ ମାତ୍ର ୧% ବଜାର ଅଂଶ ଥିବା ବେଳେ ଗତ ବର୍ଷ ଏହା ୭% ବୃଦ୍ଧି ହୋଇଥିଲା। ତେଣୁ ଆଇଫୋନ ବିକ୍ରି ବୃଦ୍ଧି ଯୋଗୁ ଡିଭାଇସ୍ ମରାମତି ବ୍ୟବସାୟରେ ବୃଦ୍ଧି ହୋଇପାରେ ବିଚାର କରି ଆପଲ ଟାଟାକୁ ଏହି ଦାୟିତ୍ୱ ଦେଇଛି। ଏହି ସହଭାଗିତା ଟାଟା ଉପରେ ଆପଲର ବଢୁଥିବା ବିଶ୍ୱାସକୁ ସଙ୍କେତ ଦେଉଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପାଇପାରନ୍ତି। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ବିଛା:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଅଫିସ୍ ସହକର୍ମୀଙ୍କୁ ସହଯୋଗ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

## ଆଜିର ଇତିହାସ

- ୧୯୫୫-ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ସୋଭିଏତ୍ ସଂଘକୁ ଯାତ୍ରା କଲେ।
- ୧୯୮୯- ଭାରତର ଦ୍ୱିତୀୟ କୃତ୍ରିମ ଉପଗ୍ରହ ଭାସ୍କରକୁ ସୋଭିଏତ୍ ରକେଟ୍‌ରେ ମହାକାଶକୁ ପ୍ରକ୍ଷେପଣ କରାଗଲା।
- ୧୯୯୯- ଶ୍ରୀଲଙ୍କାରେ ପ୍ରଚଳିତ ଆବର୍ଜନ ନିୟମକୁ ନିଷ୍କ୍ରିୟ କରି ଦିଆଗଲା।
- ୨୦୦୦- ଆମେରିକୀୟ ଅଦାଲତ ମାଇକ୍ରୋସଫ୍ଟ କମ୍ପାନିକୁ ଦୁଇ ଭାଗରେ ବିଭକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ।

# ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ



କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ ନିତ୍ୟାନ୍ତ ଆବଶ୍ୟକ। ମଣିଷ ସୁଖରେ ଜୀବନ ଜୀଇଁବା ପାଇଁ ତଥା ନିରୋଗ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହିବା ଉଚିତ। ଦୂଷିତ ଖାଦ୍ୟ ଓ ଜଳ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଜୁନ୍ ୭ ତାରିଖକୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥାଏ। ବିଶେଷକରି ଯେଉଁମାନେ ପୁଷ୍ଟିହୀନ ଖାଦ୍ୟ ଯୋଗୁଁ ଗମ୍ଭୀର ରୋଗରେ ପୀଡ଼ିତ ହେଉଛନ୍ତି, ସେମାନଙ୍କୁ ଖାଦ୍ୟ ନିରାପତ୍ତା ବିଷୟରେ ଅବଗତ କରାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପଦକ୍ଷେପ। ଏହି ଦିନ ଖାଦ୍ୟ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ଖାଦ୍ୟ ଏବଂ କୃଷି ସଂଗଠନ ସହଯୋଗରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଡିସେମ୍ବର ୨୦୧୮ ରେ ଏହି ଦିବସର ପାଳନ ପାଇଁ ଘୋଷଣା କରାଯାଇଥିଲା। ୭ ଜୁନ୍, ୨୦୧୯ ରେ ପ୍ରଥମ ଥର ପାଇଁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଇଥିଲା, ଯାହା ଖାଦ୍ୟ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକ ମାଇଲଖୁଣ୍ଟ ଭାବରେ ପରିଗଣିତ ହୋଇଛି। ଏହାପୂର୍ବରୁ ୧୬ ଅକ୍ଟୋବରକୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଯାଉଥିଲା। ଏହି କ୍ଷେତ୍ର ସହିତ ଜଡ଼ିତ ଅନ୍ୟ ସଂଗଠନଗୁଡ଼ିକର ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଖାଦ୍ୟ ଏବଂ କୃଷି ସଂଗଠନ ମିଳିତ ଭାବେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବା ପାଇଁ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ଲୋକେ ବହୁତ ପ୍ରକାରର ଖାଦ୍ୟ ଖାଇଥାନ୍ତି। ତେବେ ମଣିଷ ଖାଉଥିବା ଖାଦ୍ୟଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ କି ନୁହଁ ଏହା ଜାଣିବା ପାଇଁ ଉତ୍ପାଦନ, ମାନକ, ପ୍ରକାର, ପ୍ରସ୍ତୁତିକରଣ ଆଦିର ମାନ ଯାଞ୍ଚ ହେବା ଆବଶ୍ୟକ। କାରଣ ଆମ ଦେଶରେ ଖାଦ୍ୟରେ ବିଷକ୍ରିୟା ଯୋଗୁଁ ଅନେକ ଲୋକ ଅକାଳରେ ଜୀବନ ହରାଉଛନ୍ତି। ତେବେ ଏନେଇ ଲୋକଙ୍କୁ ଜାଗ୍ରତ କରିବାର ଉଦ୍ଦେଶ୍ୟ ନେଇ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଉଛି। ପୃଥିବୀରେ ବସବାସ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଖାଦ୍ୟ ମିଳୁ, ଫଳରେ ସେମାନଙ୍କ ସ୍ୱାସ୍ଥ୍ୟଗତ ତ୍ରୁଟି ଦେଖାନଯାଉ, ଏହା ହିଁ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। କିନ୍ତୁ ସମ୍ପ୍ରତି ଆମ ଦେଶରେ ଅଧିକାଂଶ ଲୋକ ଅତି ନିମ୍ନମାନର ଖାଦ୍ୟ ଗ୍ରହଣ କରିବା ଫଳରେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି ଓ ତାହା ସାମାଜିକ ଚିନ୍ତାର କାରଣ ମଧ୍ୟ ପାଲଟୁଛି। ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରେ ଯେ, ଖାଦ୍ୟ ଉତ୍ପାଦନ ଠାରୁ ଅମଳ, ପ୍ରକ୍ରିୟାକରଣ, ସଂରକ୍ଷଣ, ବଣ୍ଟନ, ବ୍ୟବହାର ପୂର୍ବରୁ ପ୍ରସ୍ତୁତି ସମ୍ପୂର୍ଣ୍ଣ ନିରାପଦ ଅଟେ। ଏହି ସଚେତନତା ପାଇଁ ଖାଦ୍ୟ ସୁରକ୍ଷା ଦିବସର ଯୁକ୍ତିଯୁକ୍ତତା ଏବଂ ଗୁରୁତ୍ୱ ବଢ଼ିଥାଏ।



# ପୁରୁଷଙ୍କ ତୁଳନାରେ ମହିଳା କରନ୍ତି ଅଧିକ କାମ

ବିବାହିତ ଯୋଡ଼ିଙ୍କ ଉପରେ ଏବେ ଏକ ସର୍ଭେ କରାଯାଇଛି। ଏଥିରୁ ଦେଖାଯାଇଛି ଯେ, ବାହାଘର ପରେ ମହିଳାଙ୍କ ଉପରେ ଘରୋଇ ଦାୟିତ୍ୱ ବହୁ ଅଧିକ ବଢ଼ିଯାଏ। ଏଭଳି ସ୍ଥିତିରେ କିନ୍ତୁ ପୁରୁଷଙ୍କ ଦିନଚର୍ଯ୍ୟାରେ କୌଣସି ପରିବର୍ତ୍ତନ ଆସି ନ ଥାଏ। ସେହିପରି ମହିଳାମାନେ ଘରୋଇ କାର୍ଯ୍ୟରେ ନିତିଦିନ ୬ ଘଣ୍ଟା ଅତିବାହିତ କରୁଥିବା ବେଳେ ପୁରୁଷମାନେ କେବଳ ୪୭ ମିନିଟ୍ ସମୟ ଦେଇଥାନ୍ତି। ଅଧିକାଂଶ ପୁରୁଷ ଏହି ୪୭ ମିନିଟ୍‌ର କାମ ଛୁଟିଦିନରେ ହିଁ କରୁଥିବାର ଦେଖାଯାଏ। ସର୍ଭେରୁ ଏକଥା ସାମ୍ନାକୁ ଆସିଛି ଯେ, ରୋଷେଇ କରିବାରେ ମହିଳାମାନେ ନିତିଦିନ ୩ ଘଣ୍ଟା ଲଗାନ୍ତି। ପୁରୁଷମାନେ ଖାଦ୍ୟ ପ୍ରସ୍ତୁତିରେ ପ୍ରାୟ ୪ ମିନିଟ୍ ନିଅନ୍ତି। ତେବେ ଏହି ୪ ମିନିଟ୍ ଚା' ତିଆରି ପାଇଁ ଯଥେଷ୍ଟ ହୋଇ ନ ଥାଏ। ତେଣୁ ଏହି ତଥ୍ୟ ଘରୋଇ ଦାୟିତ୍ୱରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଅସମାନତାକୁ ଦର୍ଶାଇଛି। କେବଳ ଘର କାମ ନୁହେଁ, ବାହାଘର ପରେ ମହିଳାଙ୍କ ବୃତ୍ତିଗତ ଜୀବନ ଉପରେ ବି ଏହାର ବଡ଼ ପ୍ରଭାବ ପଡ଼ିଥାଏ। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ, ଭାରତରେ ବାହାଘର ପରେ ମହିଳାଙ୍କ ରୋଜଗାର ହାର ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଏ। ଏହାର ଅର୍ଥ ହେଉଛି ପ୍ରତି ୧୦୦ ଜଣ ମହିଳାଙ୍କ ମଧ୍ୟରେ ପ୍ରାୟ ୧୨ ଜଣ ମହିଳା ବାହାଘର ପରେ ଚାକିରି କିମ୍ବା ବ୍ୟବସାୟ ଛାଡ଼ି ଦେଇଥାନ୍ତି। ଅନ୍ୟପଟେ ପୁରୁଷମାନେ ବିବାହ କରିବା ପରେ ସେମାନଙ୍କର କ୍ୟାରିୟରରେ ଉନ୍ନତି ୧୩ ପ୍ରତିଶତ ବୃଦ୍ଧି ପାଏ ଏବଂ ଏହି ଧାରା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରହେ।

# ଅପ୍ରେଲରୁ ଆରମ୍ଭ ହେବ 'ଧୂମ୍-୪'ର ସୁଟିଂ



ଯଶରାଜ ବ୍ୟାନର୍‌ର 'ଧୂମ୍' ଭାରତୀୟ ସିନେମା ଇଣ୍ଡଷ୍ଟ୍ରୀର ଏକ ସଫଳ ଫ୍ରାଞ୍ଚାଇଜ୍ ଭାବେ ଜଣାଯାଏ। ବିଗତ ୧୨ ବର୍ଷ ହେଲାଣି 'ଧୂମ୍-୪'କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏବେ ଏହାର ସୁଟିଂକୁ ନେଇ ଖବର ଆସିଛି। ଆଦିତ୍ୟ ଚୋପ୍ରା ଏହାର ସୁଟିଂ ଆସନ୍ତା ବର୍ଷ ଏପ୍ରିଲ୍‌ରୁ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଶ୍ରୀଧର ରାଘବନ୍‌ଙ୍କ ସହ ମିଶି ଆଦିତ୍ୟ ଏବେ ଏହାର କାହାଣୀ ଫାଇନାଲ କରୁଛନ୍ତି। ଏଥିରେ ରଣବୀର କପୁର ଲିଡ୍ ରୋଲରେ ନଜର ଆସିବେ। ତେବେ ଏଥିରେ ଅନ୍ତର୍ଜାତୀୟ ସ୍ତରର ଆକ୍ସନ୍ ସିନ୍ ରଖିବାକୁ ଆଦିତ୍ୟ ପ୍ରୟାସ ଚଳାଇଥାନ୍ତି। ଅୟାନ୍ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। 'ୱାର୍-୨' ରିଲିଜ୍ ହେବା ପରେ ଅୟାନ୍ ଏହାର ପ୍ରିପ୍ରଡକ୍ସନ୍ କାମରେ ଲାଗିଯିବେ। ୨୦୨୬ ଶେଷ ଆଡ଼କୁ ସୁଟିଂ ସରିବା ପରେ ୨୦୨୭ରେ 'ଧୂମ୍-୪' ରିଲିଜ୍ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରଣବୀର ଏବେ ସଞ୍ଜୟ ଲୀଲା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାପରେ ସେ 'ରାମାୟଣ-୨'ର ସୁଟିଂରେ ଯୋଗ ଦେବେ। ଅପ୍ରେଲ୍, ୨୦୨୬ରୁ ରଣବୀର 'ଧୂମ୍-୪'ର ସୁଟିଂ ଆରମ୍ଭ କରିବେ।

# ସୁମନ

## ସକାଳ ଶିଶୁ କୁଇଜ୍-୧୬୭

(୧) ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ନେତୃତ୍ୱ କିଏ ନେଇଥିଲେ?
ଉତ୍ତର: ____________

(୨) 'ଗୀତାଞ୍ଜଳି'ର ରଚୟିତା କିଏ?
ଉତ୍ତର: ____________

(୩) ଚିକିତ୍ସା କ୍ଷେତ୍ରରେ ନୋବେଲ ପୁରସ୍କାର ଜିତିଥିବା ପ୍ରଥମ ଭାରତୀୟ କିଏ ଥିଲେ?
ଉତ୍ତର: ____________

(୪) ଓଟାବା କେଉଁ ଦେଶର ରାଜଧାନୀ?
ଉତ୍ତର: ____________

(୫) ପେସ୍ ମେକର୍‌ର ସଂପର୍କ ମଣିଷ ଶରୀରର କେଉଁ ଅଂଶ ସହ ଜଡ଼ିତ?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ।
- ମନୋଜା ମିଶ୍ର, ଆନନ୍ଦପୁର, କେନ୍ଦୁଝର
- ସତ୍ୟପ୍ରକାଶ ମଲ୍ଲିକ୍, ଜଟଣି, ଖୋର୍ଦ୍ଧା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ହାତୀ ବେଶରେ ଜଗନ୍ନାଥ




ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ
ଚତୁର୍ଦ୍ଧାମୂରତୀ ବିଜେ ସ୍ନାନ ମଣ୍ଡପରେ
ବେଦଧ୍ୱନୀ ହୋଇ ଶହେ ଆଠ କଳସୀରେ
ସ୍ନାନ କଲେ ପ୍ରଭୁ ସ୍ୱର୍ଣ୍ଣ କୂଅର ଜଳରେ ।
ବିଜେ ସୁଦର୍ଶନ ପଣ୍ଡା ସେବକ ମେଳରେ
ଜଗନ୍ନାଥ ଆସିଥାନ୍ତି ଦଇତା ସାଥିରେ
ମନ୍ତ୍ରସ୍ନାନ ହୋଇଥାନ୍ତି ଅନ୍ୟ ସମୟରେ
ସ୍ନାନ କରିଥାନ୍ତି ପ୍ରଭୁ ପୂର୍ଣ୍ଣମୀ ତିଥିରେ ।
ସ୍ନାନ ସାରି ସଜ୍ଜିତ ପ୍ରଭୁ ଗଜ ବେଶରେ
ମହମହ ବାସୁଥାନ୍ତି ସଜ କୁସୁମରେ
ଧୂପ ଦୀପ ଅଗୁରୁ ଚନ୍ଦନ ନୈବେଦ୍ୟରେ
ଦର୍ଶନ ଦିଅନ୍ତି ପ୍ରଭୁ ସ୍ନାନ ମଣ୍ଡପରେ ।
ଶୁଭୁଥାଏ ମନ୍ତ୍ରଧ୍ୱନୀ କାହାଳୀ ଶବ୍ଦରେ
କମ୍ପିଯାଏ ମଣ୍ଡପ ଭଜନ କୀର୍ତ୍ତନରେ
ଭକ୍ତଙ୍କୁ ଆଣନ୍ତି ଡାକି ପୁନେଇଁ ତିଥିରେ
ଗଜବେଶ ଦେଖିବାକୁ ଆନନ୍ଦ ଚିତ୍ତରେ ।
ଗଣପତି ଭକ୍ତଙ୍କର ପ୍ରଗାଢ଼ ଭକ୍ତିରେ
ସନ୍ତୁଷ୍ଟ ହୋଇ ଦେଖାଦେଲେ ଗଜ ବେଶରେ
ଖରାତାପ ନ ସହି ଗୁଲୁଗୁଲି ପାଗରେ
ପାହୁଣ୍ଡ ପକେଇ ବିଜେ ସ୍ନାନ ମଣ୍ଡପରେ ।
ସ୍ନାନ ସାରି ଫେରିଗଲେ ଅଣସର ଘରେ
ପ୍ରଭୁ ସୁଦର୍ଶନ ଭାଇ ଭଉଣୀ ସାଥିରେ
ସ୍ନାନ କଲେ ପଇଁତିରିଶି ଗରା ଜଳରେ
ପୂଜା ପାଇଲେ ମଣ୍ଡପେ ଗୋଟିଏ ଧୂପରେ ।
ଜଗତ ଦେଖିଲା ତାଙ୍କୁ ସ୍ନାନବେଦୀ ପରେ
ଭକ୍ତ ହେଲେ ତୋଷ ଦେଖି ଗଜ ବେଶରେ ।■



ନଳିନୀ ଦାଶ

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ- ୯୨୩୮ ୯୯୭୬୭୪

## ଜ୍ଞାନ ଲାଭ ପାଇଁ ବୟସ ନାହିଁ



ଥରେ ସ୍ୱାମୀ ରାମତୀର୍ଥ ଜାପାନ ଦେଶ ଭ୍ରମଣରେ ଥାଆନ୍ତି। ଦେଶର ବିଭିନ୍ନ ସ୍ଥାନ ବୁଲୁ ବୁଲୁ ଗୋଟିଏ ଦୃଶ୍ୟ ତାଙ୍କୁ ବେଶି ପ୍ରଭାବିତ କଲା। ଜଣେ ବୃଦ୍ଧ ବ୍ୟକ୍ତି ଜଣେ ଯୁବକଙ୍କ ପାଖରେ ବସି କ'ଣ ସବୁ ଶିଖୁଥିବାର ସେ ଦେଖିଲେ। ସେ ତାଙ୍କ ପାଖକୁ ଗଲେ। ଚମ ଧୁଡୁ ଧୁଡୁ ବୃଦ୍ଧ ବ୍ୟକ୍ତିଙ୍କ ବୟସ ପାଖାପାଖି ଅଶୀ। କିନ୍ତୁ ଜଣେ ବିଦ୍ୟାର୍ଥୀଙ୍କ ଭଳି ମନଯୋଗ ସହକାରେ ଅଧ୍ୟୟନରତ। ସ୍ୱାମୀଜୀ ତାଙ୍କୁ ପ୍ରଶ୍ନ କଲେ। "ମହାଭାଗ ଆପଣ ଏ ବୟସରେ ପାଠ ପଢୁଛନ୍ତି? ବୃଦ୍ଧ ବ୍ୟକ୍ତି ଜଣଙ୍କ ଉତ୍ତର ଦେଲେ," ବାବୁ, ପାଠ ପଢ଼ିବାରେ ବୟସ ନ ଥାଏ। ମୁଁ ପ୍ରାଣୀ ବିଜ୍ଞାନର ଜଣେ ଅବସରପ୍ରାପ୍ତ ଅଧ୍ୟାପକ। ଜାଣିବାକୁ ପାଇଲି ଏହି ବିଷୟରେ ଜର୍ମାନୀ ଭାଷାରେ ବହୁ ଉପାଦେୟ ପୁସ୍ତକମାନ ରହିଛି। ମୁଁ ଯଦି ଜର୍ମାନୀ ଭାଷା ଶିଖିଯାଏ ତେବେ ତାକୁ ଆମ ଭାଷାରେ ଅନୁବାଦ କରିବି, ଯାହା କି ଆମ ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁତ ଉପଯୋଗୀ ହେବ। ଆମ ପିଲାମାନେ ନୂଆ ନୂଆ କଥା ଜାଣି ପାରିବେ। ତେଣୁ ମୁଁ ଜର୍ମାନୀ ଭାଷା ଶିଖୁଛି। ମରିବା ପୂର୍ବରୁ ଯଦି ଏତିକି କରି ପାରିଲି ଆମ ଆଗାମୀ ପିଢ଼ି ତ ଉପକୃତ ହେବେ। ସେଥିପାଇଁ ଏ ବାବୁଙ୍କ ଠାରୁ ଜର୍ମାନୀ ଭାଷା ଶିଖୁଛି।" ଜ୍ଞାନ ପିପାସୁ ବୃଦ୍ଧଙ୍କର କଥା ସ୍ୱାମୀ ରାମତୀର୍ଥଙ୍କୁ ଗଭୀର ଭାବେ ପ୍ରଭାବିତ କଲା। ସେ ମନେ ମନେ ଭାବୁଥିଲେ - "ସତରେ ଯେଉଁ ଦେଶରେ ଏ ଭଳି ବ୍ୟକ୍ତି ଜନ୍ମଲାଭ କରିଛନ୍ତି ସେ ଦେଶକୁ ଉନ୍ନତି ପଥରୁ କେହି ହଟେଇ ପାରିବ ନାହିଁ।" ସେଥିପାଇଁ ଜାପାନ ଦେଶ ଆଜି ଏକ ଉନ୍ନତଶୀଳ ଦେଶ ଭାବେ ସମଗ୍ର ବିଶ୍ୱରେ ସବୁ କ୍ଷେତ୍ରରେ ଅଗ୍ରଗତି କରିଛି।

ତେଣୁ ପିଲାଏ, ଜ୍ଞାନ ଆହରଣ ବୟସ କେତେବେଳେ ବି ବାଧକ ହୁଏନାହିଁ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜ୍ଞାନ ଆହରଣ ପାଇଁ ଆମ ସମସ୍ତଙ୍କ ମନରେ ଆଗ୍ରହ ରହିବା ନିହାତି ଆବଶ୍ୟକ।■



ଡକ୍ଟର ରବିନାରାୟଣ ସାହୁ

ସ୍ମୃତିନଗର, ବରଗଡ଼
ମୋ - ୯୮୬୧୦୮ ୯୩୪୮

## ପ୍ରହେଳିକା

- ରାତିହେଲେ ସିଏ ଆଲୋକ ଦିଏ
ଆମ ଠୁଁ ଅନେକ ଦୂରରେ ରୁହେ
ଆହାକି ସୁନ୍ଦର ରୂପଟି ତା'ର
ଆକାଶ ଛାତିରେ ତୋଳିଛି ଘର
ନାମଟି ତାହାର କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ

ଉ-ଜହ୍ନ

- ନାଲି ଟହ ଟହ ରୂପଟି ତା'ର
ମଝିରେ କେଶର ଥାଏ
ମା'ତାରିଣୀଙ୍କ ପ୍ରିୟ ସେ ଫୁଲ
ନାମଟି କହିବ କିଏ।

ଉ- ମନ୍ଦାର

- ଆସନ ନୁହେଁ କିନ୍ତୁ ବସି ଖାଇଛି
ବିଛଣା ନୁହେଁ କିନ୍ତୁ ସେଠି ଶୋଇଛି
ପଢ଼ିଆ ନୁହେଁ କିନ୍ତୁ କେତେ ଖେଳିଛି
ହସି ଖେଳି ଦିନ କେତେ କାଟିଛି।

ଉ- ମା'କୋଳ


- ପରିବା ଭିତରେ ଅଟେ ସେ ସାର
କାଟିଦେଲେ ତା'ର ବୁହଇ ଲାଳ
ସବୁଜ ରଙ୍ଗରେ ସେ ଦିଶେ ସୁନ୍ଦର
ସ୍ୱାଦ ତା'ର ଲାଗେ ଭାରି ମଧୁର
ଦିଶୁଥାଏ ସିଏ ଆଙ୍ଗୁଳି ପରି
କିଏ ସେ କହିବ ନାମ ତାହାରି

ଉ-ଭେଣ୍ଡି




ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ-୮୮ ୯୨୩୦୧୧୪୩






ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦାଶ
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କୋରାପୁଟ






ସାଇଶ୍ରୀ ବେହେରା
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





ସାନ୍‌ଭି ଶନାୟା ସା
ଚତୁର୍ଥ ଶ୍ରେଣୀ
ବିଜେଇଏମ୍-୧ ସ୍କୁଲ
ଭୁବନେଶ୍ୱର





ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

# ଲୋକେଶ ରାହୁଲଙ୍କ ଦମ୍‌ଦାର ଶତକ

ନଟିଂହାମ୍, ୬।୬ (ଏଜେନ୍ସି):

ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଏଠାରେ ଶୁକ୍ରବାର ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ଦଳ ପ୍ରଥମ ଇନିଂସରେ ପ୍ରଥମ ଦିନ ବର୍ଷାଯୋଗୁଁ ବନ୍ଦ ରହିଲା ବେଳକୁ ୬ ୱିକେଟ ବିନିମୟରେ ୨୮୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ନୀତୀଶ କୁମାର ରେଡ୍ଡି ୯ ଓ ତନୁସ ଗୋଟିଆନ ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଲୋକେଶ ରାହୁଲ ୧୧୬ ଓ ଧ୍ରୁବ ଜୁରେଲ ୫୨ ରନ୍ କରିଥିଲେ। ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଓପନର ଯଶସ୍ୱୀ ଜୟସ୍ୱାଲ ୧୭, ନଂ-୩ରେ ବ୍ୟାଟିଂ କରିଥିବା ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୧୧, କରୁନ ନାୟାର ୪୦ ଓ ଶାର୍ଦ୍ଦୁଳ ଠାକୁର ୧୯ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଫାଷ୍ଟ ବୋଲର କ୍ରିସ୍ ୱକ୍ସ ୩ଟି, ଜର୍ଜ ହିଲ୍ ୨ଟି ଓ ଫରହାନ ଅହମ୍ମଦ୍ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଥିବା ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଖେଳିବାକୁ ମନୋନୀତ ହୋଇଥିବା ଅର୍ଦ୍ଧାଧିକ ଖେଳାଳି ଭାଗ ନେଇଛନ୍ତି। ଆଇପିଏଲ ମ୍ୟାଚ୍ ଖେଳିବା ପରେ ଭାରତୀୟମାନେ ଏହି ଅନ୍‌ଅଫିସିଆଲ ଟେଷ୍ଟରେ ମ୍ୟାଚ୍ ପ୍ରାକ୍ଟିସ କରିବାର ସୁଯୋଗ ପାଇଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଅଧିନାୟକ ଜେମ୍ସ ରିଉ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ଭାରତ-ଏ'କୁ ଆମନ୍ତ୍ରଣ କରିଥିଲେ। ସୁଇଂ ନେଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୭ମ ଓଭରରେ ୨୮ ରନ୍‌ରେ ଜୟସ୍ୱାଲ ଓ ଏକାଦଶ ଓଭରରେ ୪୦ ରନ୍‌ରେ ଈଶ୍ୱରନ ଆଉଟ ହୋଇଥିଲେ। ବର୍ଷା ଯୋଗୁଁ କିଛି ସମୟ ଖେଳ ବନ୍ଦ ରହିବା ପରେ ଇନିଂସ ଓପନ କରିଥିବା ରାହୁଲ ଓ କରୁନ ନାୟାରଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ହୋଇଥିଲା। ଏମାନେ ସତର୍କତାର ସହ ଖେଳି ତୃତୀୟ ୱିକେଟରେ ୧୩୯ ବଲ୍‌ର ସାମ୍ନା କରି ୮୬ ରନ୍ ଉଠାଇଥିଲେ। ଅଭିଜ୍ଞତାରୁ ଫାଇଦା ଉଠାଇ ଭଲ ଖେଳୁଥିବା ନାୟାର ୭୧ ବଲ୍‌ର ସାମ୍ନା କରି ମାତ୍ର ୪ଟି ଚୌକା ସହ ୪୦ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ରାହୁଲଙ୍କୁ ଆଉ ଜଣେ ଭଲ ପାର୍ଟନର ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ରୂପରେ ମିଳିଥିଲା। ଉଭୟ ଖେଳାଳି




**ସଂକ୍ଷିପ୍ତ ସ୍କୋର**

ଭାରତ-ଏ' ପ୍ରଥମ ଇନିଂସ: ୨୮୫/୬, ୭୨.୫ ଓଭର (ଲୋକେଶ ରାହୁଲ-୧୧୬, ଧ୍ରୁବ ଜୁରେଲ-୫୨, କରୁନ ନାୟାର-୪୦, କ୍ରିସ୍ ୱକ୍ସ-୩/୫୦, ଜର୍ଜ ହିଲ୍-୨/୫୦)।

ପରିସ୍ଥିତି ସହ ଖାପ୍ ଖୁଆଇ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଟେଷ୍ଟ ଦଳରେ ସାମିଲ ହୋଇଥିବା ଦୁଇ ଫାଷ୍ଟ ବୋଲର କ୍ରିସ୍ ୱକ୍ସ ଓ ଜୋଶ ଟଙ୍ଗ୍‌ଙ୍କୁ ଉଚିତ ମୁକାବିଲା କରିଥିଲେ ରାହୁଲ ଓ ଜୁରେଲ। ଏମାନେ ଚତୁର୍ଥ ୱିକେଟରେ ୧୫୯ ବଲ୍‌ରୁ ୧୨୧ ରନ୍ କରିଥିଲେ। ଜୁରେଲ ୮୭ ବଲ୍‌ରୁ ୭ ଚୌକା ସହ ୫୨ ରନ୍ କରିଥିଲେ। ରାହୁଲ ୧୦୨ ବଲ୍‌ରେ ଅର୍ଦ୍ଧଶତକ ଓ ୧୫୧ ବଲ୍‌ରେ ଶତକ ପୂରଣ କରିଥିଲେ। ସେ ମୋଟ ୧୬୮ଟି ବଲ୍ ଖେଳି ୧୫ ଚୌକା ଓ ୧ଛକା ସହ ୧୧୬ ରନ୍ କରିଥିଲେ। ଇଂଲଣ୍ଡ ଲାୟନ୍ସ ପକ୍ଷରୁ କେବଳ ଫାଷ୍ଟ ବୋଲର କ୍ରିସ୍ ୱକ୍ସଙ୍କୁ ସର୍ବାଧିକ ସଫଳତା ମିଳିଥିଲା। ଟି'ପାନ ବିରତି ବେଳକୁ ଭାରତ ହରାଇଥିବା ୩ ଜଣ ଯାକ ଖେଳାଳିଙ୍କୁ ୱକ୍ସ ଆଉଟ କରିଥିଲେ। ଏହି ୩ଜଣ ଯାକ ବ୍ୟାଟର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।

# ଲଣ୍ଡନରେ ପହଞ୍ଚିଲେ ଭାରତୀୟ ଟେଷ୍ଟ କ୍ରିକେଟର

ଲଣ୍ଡନ,୬।୬ (ଏଜେନ୍ସି): ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଲଣ୍ଡନରେ ଶୁକ୍ରବାର ପହଞ୍ଚିଛନ୍ତି। ଏହି ଦଳରେ ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ସହ ଆଇପିଏଲ୍ ପ୍ଲେ ଅଫ୍‌ରେ ଖେଳିଥିବା ଓ ପୂର୍ବରୁ ଯାଇ ନ ଥିବା ଖେଳାଳିମାନେ ଦଳ ସହ ଯାଇଥିଲେ। ଗୁରୁବାର ଏମାନେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲେ। ଏମାନଙ୍କ ମଧ୍ୟରେ ଉପଅଧିନାୟକ ଋଷଭ ପନ୍ତ୍, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା ପ୍ରମୁଖ ଦଳ ସହ ଯାଇଥିଲେ। ପୂର୍ବରୁ ଦଳରେ ସ୍ଥାନ ପାଇଥିବା କିଛି ଖେଳାଳି ଆଗୁଆ ଇଂଲଣ୍ଡରେ ପହଞ୍ଚି ଇଂଲଣ୍ଡ ଲାୟନ୍ସ ସହ ଅଭ୍ୟାସ ମ୍ୟାଚ୍ ଖେଳୁଛନ୍ତି। କିନ୍ତୁ ଆଜି ପହଞ୍ଚିଥିବା ଖେଳାଳିମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜୁନ୍ ୨୦ରୁ ଆରମ୍ଭ ହେବ। ଏହା ପୂର୍ବରୁ ଭାରତୀୟ ଖେଳାଳିମାନେ ନିଜ ନିଜ ମଧ୍ୟରେ ଏକ ୪ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍‌ଟି କେଣ୍ଟ କ୍ରିକେଟ ଗ୍ରାଉଣ୍ଡରେ ଜୁନ୍ ୧୩ରୁ ୧୬ ଯାଏ ଖେଳାଯିବ। ଏହା ମଧ୍ୟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ର ନାମକରଣ ପରିବର୍ତ୍ତନ କରାଯାଇଛି। ଏହାକୁ ଏବେ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ନାମରେ ନାମିତ କରାଯାଇଛି। ଭାରତର ଦୁଇ କିମ୍ବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଏହି ସିରିଜ୍‌ରେ


ପ୍ରଶିକ୍ଷକ ଗୌତମ ଗମ୍ଭୀର

ଖେଳୁନାହାନ୍ତି। ଏଣୁ ଭାରତୀୟ ଦଳ ଜଣେ ଅନଭିଜ୍ଞ ଅଧିନାୟକ ଓ ବିଦେଶରେ ଅସଫଳ ବ୍ୟାଟର ଶୁବମନ ଗିଲଙ୍କୁ ଭାରତୀୟ କମାଣ୍ଡ ସମ୍ଭାଳିବେ। ସେ ପ୍ରଥମଥର ଦଳର ନେତୃତ୍ୱ ନେଉଥିବାରୁ ଭାରତୀୟମାନେ ତାଙ୍କଠାରୁ ବିଶେଷ କିଛି ଆଶା ରଖିନାହାନ୍ତି।

ଟେଷ୍ଟ ସିରିଜର ଅନ୍ୟ ମ୍ୟାଚ୍ ଗୁଡ଼ିକ ଏଜ୍‌ବାଷ୍ଟନରେ ଜୁଲାଇ୨, ଲର୍ଡ୍ସରେ ଜୁଲାଇ ୧୦, ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ ଓ କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ।

■ ରାଜ୍ୟ ଓପନ ଚେସ୍

# ଅବିନାଶ ଚାମ୍ପିଅନ

ଭୁବନେଶ୍ୱର,୬।୬ (ଏଜେନ୍ସି): ଜଟଣୀର ଅବିନାଶ ବଳିୟାରସିଂ ଲଡୁକିଶୋରନାୟକ ସ୍ମାରକୀ ରାଜ୍ୟ ଓପନ



ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ପ୍ରତିଯୋଗିତାରେ ୬ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ପାଇଥିଲେ। ବୁକୋଲଜ୍‌ରେ ଅବିନାଶ ପ୍ରଥମ, କଟକର ରବୀନ୍ଦ୍ର ଓଝା ଦ୍ୱିତୀୟ, ପୁରୀର ମହେଶ ସେଠୀ ତୃତୀୟ, କନ୍ଧମାଳର ଲରେନ୍ସ ପ୍ରଧାନ ଚତୁର୍ଥ, ଜଟଣୀର ସ୍ଥିତପ୍ରଜ୍ଞ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହାକୁ ରାଜ୍ୟଗୁଇନ୍ଦା ବିଭାଗର ଡିଏସ୍‌ପି ପ୍ରିୟଦର୍ଶିନୀ ନାୟକ ଉଦ୍‌ଘାଟନ କରିଥିଲାବେଳେ ଆଇଆଇଏଫ୍‌ଏଲ୍‌ର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।



# ଫାଇନାଲରେ ଆଲ୍‌କାରାଜ

**ଫ୍ରେଞ୍ଚ ଓପନ**

ପ୍ୟାରିସ, ୬।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ପୁରୁଷ ଏକକ ବିଭାଗର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ଲଢ଼େଇରେ ଦ୍ୱିତୀୟ ସିଡ୍ ସ୍ପାନିଶ ତାରକା ଆଲ୍‌କାରାଜଙ୍କ ମୁକାବିଲା ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କ ସହ ହୋଇଥିଲା। ତେବେ ଏହି ମ୍ୟାଚରେ ଆଲ୍‌କାରାଜ ୪-୬, ୭-୬, ୬-୦, ୨-୦ରେ ଆଗୁଆ ରହିଥିବାବେଳେ ୮ମ ସିଡ୍ ମୁସେଟୀଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ଫଳରେ ସେ ଚତୁର୍ଥ ସେଟ୍‌ରେ ୨-୦ରେ ପଛୁଆ ଥିବାବେଳେ ରିଟାୟାର୍ଡ ହୋଇଯାଇଥିଲେ। ଯେଉଁଥି ପାଇଁ ଆଲ୍‌କାରାଜଙ୍କୁ ବିଜୟୀ ଘୋଷିତ କରାଯାଇଥିଲା ଏବଂ ସେ ଫାଇନାଲରେ ପ୍ରବେଶ କରିଥିଲେ। ସେ ଟାଇଟଲ୍ ବଜାୟଠାରୁ ଆଉ ଗୋଟିଏ ପାଦ ଦୂରରେ ରହିଛନ୍ତି। ରବିବାର ଫାଇନାଲରେ ଆଲ୍‌କାରାଜଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନ୍ନର କିମ୍ବା ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ହେବ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ଓ ଜୋକୋଭିଚ୍ ପରସ୍ପର ସାମ୍ନାସାମ୍ନି ହେବେ। ଅପରପକ୍ଷରେ ଶନିବାର ଆମେରିକାର କୋକୋ ଗଫ୍ ଓ ବେଲାରୁଷର ଆରିନା ସାବାଲେଙ୍କାଙ୍କ ମଧ୍ୟରେ ମହିଳା ବିଭାଗ ଫାଇନାଲ ଅନୁଷ୍ଠିତ ହେବ।

## ପ୍ରଥମଥର ଫିଫା ବିଶ୍ୱକପ୍ ଖେଳିବେ ଉଜବେକିସ୍ତାନ, ଜୋର୍ଡାନ

ଆବୁଧାବି, ୬।୬ (ଏଜେନ୍ସି): ଦୁଇ ଏସୀୟ ରାଷ୍ଟ୍ର ଉଜବେକିସ୍ତାନ ଓ ଜୋର୍ଡାନ ଇତିହାସ ରଚିଛନ୍ତି। ପ୍ରଥମଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଏହି ଦୁଇ ଦେଶର ଫୁଟ୍‌ବଲ ଟିମ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଏସୀୟ ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ୟୁଏଇ ବିପକ୍ଷରେ ଉଜବେକିସ୍ତାନ ଗୋଲଶୂନ୍ୟ ଡ୍ର ରଖିଥିଲା। ଏହି ଡ୍ର ଫଳରେ ଉଜବେକିସ୍ତାନ ୧୮ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଇରାନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ସ୍ୱୟଂଚାଳିତ ଭାବେ ଯୋଗ୍ୟତା ଅର୍ଜନ କରିଛି। ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚରେ ଜୋର୍ଡାନ ୩-୦ ଗୋଲରେ ଇରାକକୁ ହରାଇ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ଅପରପକ୍ଷରେ ଦକ୍ଷିଣ କୋରିଆ କ୍ରମାଗତ ୧୧ଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟ ହୋଇଛି। ସେହିଭଳି ଗ୍ରୁପ୍-ସି'ରୁ ଅଷ୍ଟ୍ରେଲିଆ ଓ ଜାପାନ ମଧ୍ୟ ୨୦୨୬ ଫିଫା ବିଶ୍ୱକପ୍ ଖେଳିବେ।

## ସମସ୍ତ ପ୍ରକାର ଫର୍ମାଟ୍‌ରୁ ଚାୱଲାଙ୍କ ଅବସର



ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଲେଗ୍-ସ୍ପିନର ପିୟୂଷ ଚାୱଲା ଶୁକ୍ରବାର ସମସ୍ତ ପ୍ରକାର କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟରେ ଅବସର ସୂଚନା ଦେଇଥିବା ୩୮ ବର୍ଷୀୟ ଚାୱଲା କହିଛନ୍ତି, 'ପଡ଼ିଆରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତାଇବା ପରେ ଏବେ ଏହି ସୁନ୍ଦର ଖେଳକୁ ଅଲ୍‌ବିଦା କରିବାର ସମୟ ଆସିଯାଇଛି। ଆଇପିଏଲ୍ ଖେଳିବା ମୋ କ୍ୟାରିୟରର ଏକ ବିଶେଷ ମୁହୂର୍ତ୍ତ ରହିଥିଲା। ଆଇପିଏଲ୍ ଖେଳିବା ସମୟରେ ପ୍ରତି ମୁହୂର୍ତ୍ତକୁ ଉପଭୋଗ କରିଛି।' ଦୁଇ ଦୁଇଥର ବିଶ୍ୱକପ୍ (୨୦୦୭ ଟି-୨୦ ଓ ୨୦୧୧ ଦିନିକିଆ) ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିବା ଚାୱଲା ଆଇପିଏଲ୍‌ରେ ତୃତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ରହିଛନ୍ତି। ସେ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ, କୋଲକାତା ନାଇଟ୍ ରାଇଡର୍ସ, ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ମୋଟ୍ ୧୯୨ ମ୍ୟାଚ୍ ଖେଳି ୧୯୨ ୱିକେଟ୍ ନେଇଛନ୍ତି। ସେହିଭଳି ୨୦୦୬ରେ ଭାରତ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ଚାୱଲା ୨୦୧୨ରେ ତାଙ୍କ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩ଟି ଟେଷ୍ଟ, ୨୫ ଏକଦିବସୀୟ ଓ ୭ ଟି-୨୦ ମ୍ୟାଚ୍ ଖେଳିଥିବା ଚାୱଲା ଯଥାକ୍ରମେ ୭, ୩୨ ଓ ୪ଟି ୱିକେଟ୍ ନେଇଛନ୍ତି।

# ଆଇପିଏଲ୍ ଶ୍ରେଷ୍ଠ ଟିମ୍‌ରେ କୋହଲି, ବୁମ୍‌ରା, ଆୟର

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୫ରେ ଅନେକ ରୋମାଞ୍ଚକ ମୁକାବିଲା, ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଓ ରେକର୍ଡ ଦେଖିବାକୁ ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ଏକାଧିକ ଖେଳାଳି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଛନ୍ତି। ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ପକ୍ଷରୁ ଚଳିତ ଆଇପିଏଲ୍‌ରେ ଶ୍ରେଷ୍ଠ ଟିମ୍ ଚୟନ କରାଯାଇଛି। ଏଥିରେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ଦଳ ଗୁଡିକର ୧୦ଜଣ ଏବଂ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ଦଳରୁ ଜଣେ ଖେଳାଳି ରହିଛନ୍ତି। ରନର୍ସ ଅପ୍ ଟିମ୍ ପଞ୍ଜାବ କିଙ୍ଗ୍‌ସର ଶ୍ରେୟସ ଆୟରଙ୍କୁ ଏହି ଦଳର ନେତୃତ୍ୱ ପ୍ରଦାନ କରାଯାଇଛି।

ଦଳର ଦୁଇ ଓପନର ଭାବେ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଓ ଚାମ୍ପିଅନ ବେଙ୍ଗାଲୁରୁର ବିରାଟ କୋହଲିଙ୍କୁ ଚୟନ କରାଯାଇଛି। ସୁଦର୍ଶନ ୧୫ଟି ମ୍ୟାଚ୍‌ରୁ ୧୫୬.୧୭ ଷ୍ଟ୍ରାଇକ୍‌ରେଟ୍‌ରେ ୭୫୯ ରନ୍ କରିଥିଲେ। ସେହିପରି କୋହଲି ୮ଟି ଅର୍ଦ୍ଧଶତକ ସହ ୧୫ଟି ମ୍ୟାଚ୍‌ରୁ ୧୪୪.୭୧ ହାରରେ ୬୫୭ ରନ୍ କରିଛନ୍ତି। ନଂ-୩ରେ ଜୋଶ ବଟଲର ୧୩ଟି ମ୍ୟାଚ୍‌ରୁ ୫୩୮, ନଂ-୪ରେ ସୂର୍ଯ୍ୟକୁମାର ଯାଦବ ୧୬ଟି ମ୍ୟାଚ୍‌ରୁ ୧୬୭.୯୧ ହାରରେ ୭୧୭ ରନ୍ କରିଛନ୍ତି। ଦଳର ନେତୃତ୍ୱ ନେବାକୁ ମନୋନୀତ ଶ୍ରେୟସ ଆୟର ୧୭ଟି ମ୍ୟାଚ୍‌ରୁ ୧୭୫.୦୭ ଷ୍ଟ୍ରାଇକ୍ ରେଟ୍‌ରେ ୬୦୪ ରନ୍ କରିଛନ୍ତି। ୱିକେଟ କିପର ଭାବେ ବେଙ୍ଗାଲୁରୁର ଜିତେଶ ଶର୍ମା ରହିଛନ୍ତି। ଦୁଇ ଅଲରାଉଣ୍ଡର ଭାବେ ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୧୫ମ୍ୟାଚ୍, ୨୨୪ରନ୍, ୧୪ ୱିକେଟ), ବେଙ୍ଗାଲୁରୁର କ୍ରୁନାଲ ପାଣ୍ଡ୍ୟା (୧୫ମ୍ୟାଚ୍, ୧୭ୱିକେଟ, ୧୦୯ରନ୍) ରହିଛନ୍ତି। ଏକମାତ୍ର ସ୍ପିନର ଭାବେ ୨୪ଟି ୱିକେଟ ନେଇଥିବା ଚେନ୍ନଇ ସୁପରକିଙ୍ଗ୍‌ସର ନୁର ଅହମ୍ମଦ୍ ରହିଛନ୍ତି। ମୁମ୍ବାଇର ଯଶପ୍ରୀତ୍ ବୁମ୍‌ରା (୧୨ମ୍ୟାଚ୍, ୧୮ ୱିକେଟ), ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା (୧୫ମ୍ୟାଚ୍‌ରେ ୨୫ ୱିକେଟ) ଓ ବେଙ୍ଗାଲୁରୁର ଜୋଶ ହାଜ୍‌ଲେଉଡ୍ (୧୨ ମ୍ୟାଚ୍‌ରେ ୨୨ ୱିକେଟ)ଙ୍କୁ ପେସ୍ ବୋଲର ଭାବେ ନିଆଯାଇଛି।

# ବେକ୍‌ହାମଙ୍କୁ ମିଳିବ 'ନାଇଟ୍' ଉପାଧି

ଲଣ୍ଡନ, ୬।୬ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ମହାନ ଫୁଟ୍‌ବଲ ଖେଳାଳି ଡେଭିଡ୍ ବେକ୍‌ହାମଙ୍କୁ ସମ୍ମାନଜନକ 'ନାଇଟ୍' ଉପାଧି ମିଳିବ। ଫୁଟ୍‌ବଲରେ ଦେଶକୁ ଅତୁଳନୀୟ ଅବଦାନ ଓ ଦାନଶୀଳ କାର୍ଯ୍ୟକ୍ରମ ଲାଗି ୫୦ ବର୍ଷୀୟ ବେକ୍‌ହାମଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ବ୍ରିଟେନର ରାଜା ଚାର୍ଲସ ତୃତୀୟ ତାଙ୍କ ଜନ୍ମଦିନ ସମ୍ମାନ ତାଲିକାରେ ବେକ୍‌ହାମଙ୍କ ନାମକୁ ସାମିଲ କରିଛନ୍ତି। ଆସନ୍ତା ସପ୍ତାହରେ ରାଜା ଚାର୍ଲସ ତୃତୀୟଙ୍କ ଜନ୍ମଦିବସ ଅବସରରେ ଏହି ନାଇଟ୍ ଉପାଧି ବେକ୍‌ହାମଙ୍କୁ ମିଳିବ। ଫଳରେ ବେକ୍‌ହାମଙ୍କ ନାମ ପୂର୍ବରୁ ଏବେ 'ସାର୍' ଯୋଡ଼ିହେବ। ପୂର୍ବରୁ ଇଂଲଣ୍ଡ କ୍ରୀଡ଼ା ଜଗତରୁ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ପ୍ରଶିକ୍ଷକ ଆଲେକ୍ସ ଫର୍ଗୁସନ, ବ୍ରିଟେନ ଟେନିସ ଖେଳାଳି ଆଣ୍ଡି ମୁରେଙ୍କୁ 'ନାଇଟ୍' ଉପାଧି ମିଳିଥିଲା। ବେକ୍‌ହାମ ଇଂଲଣ୍ଡ ପାଇଁ ୧୧୫ ମ୍ୟାଚ୍ ଖେଳି ୧୭ ଗୋଲ୍ ଦେଇଥିଲେ।



■ ଅରବିନ୍ଦ ସ୍ମାରକୀ କ୍ରିକେଟ

# ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ସ

ଭୁବନେଶ୍ୱର,୬।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ୧୬୮ ରନ୍‌ରେ ନିଜ ସହରର ପ୍ରତିଦ୍ୱନ୍ଦ୍ୱୀ ୟୁନିଅନ ସ୍ପୋର୍ଟିଂକୁ ପରାସ୍ତ କରି ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ସହିଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ହେବାକୁ ଥିବା ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମୁକାବିଲାର ବିଜେତା ସହ ରବିବାର ରାଇଜିଂ ଷ୍ଟୁଡେଣ୍ଟ୍ସ ଫାଇନାଲ ଖେଳିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ୍ସ ୬ ୱିକେଟରେ ୩୨୭ ରନ୍ କରିଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୧୦୪, ଅମିନ ଖାନ୍ ୭୪ ଓ ବିକ୍ରମ ସାମଲ ଅପରାଜିତ ୫୩ ରନ୍ କରିଥିଲେ। ଜବାବରେ ୟୁନିଅନ ସ୍ପୋର୍ଟିଂ ୩୩.୧ ଓଭରରେ ୧୫୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ରାଜୀବ ଲୋଚନ ସାହୁ ୫୧ ଓ ବିଶ୍ୱଜିତ ପ୍ରଧାନ ୩୩ ରନ୍ କରି କିଛିଟା ପ୍ରତିରୋଧ କରିଥିଲେ। ଅମିନ ଖାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ବିଏଏ କ୍ରିକେଟ ସମ୍ପାଦକ ଅଶୋକ ପାତ୍ର।




## ୱାଲଟର୍ ନ୍ୟୁଜିଲାଣ୍ଡର ମୁଖ୍ୟ ପ୍ରଶିକ୍ଷକ

ୱେଲିଂଟନ, ୬।୬ (ଏଜେନ୍ସି): ରବ୍ ୱାଲଟର୍ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ମୁଖ୍ୟପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଗ୍ୟାରୀ ଷ୍ଟେଡ୍‌ଙ୍କ ସ୍ଥାନରେ ସେ ତିନୋଟି ଯାକ ଫର୍ମାଟ୍‌ରେ ନ୍ୟୁଜିଲାଣ୍ଡର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳର ଗୁରୁ ଦାୟିତ୍ୱ ତୁଲାଇଥିବା ୪୯ ବର୍ଷୀୟ ୱାଲଟର୍ ଆଗାମୀ ୩ ବର୍ଷ ଅର୍ଥାତ୍ ୨୦୨୮ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହି ସମୟରେ ଏକଦିବସୀୟ ବିଶ୍ୱକପ୍, ୨୦୨୬ ଓ ୨୦୨୮ ଟି-୨୦ ବିଶ୍ୱକପ୍ ଖେଳାଯିବ। ସେହିଭଳି ୧୦୦ ବର୍ଷ ପରେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇଛି। ତାଙ୍କ ପ୍ରଶିକ୍ଷଣରେ ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ ଖେଳିବାର ସୁଯୋଗ ରହିଛି। ୱାଲଟର୍ ଦକ୍ଷିଣ ଆଫ୍ରିକାର ପ୍ରଶିକ୍ଷକ ଥିବାବେଳେ ଦଳ ୨୦୨୩ ବିଶ୍ୱକପ୍ ସେମିଫାଇଡ଼ାଲ, ୨୦୨୫ ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ ଓ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲ ଖେଳିଥିଲା।

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଦିବ୍ୟାଂଶୁଙ୍କୁ ୫ ୱିକେଟ; କଟକ-ବି ବିଜୟୀ

କଟକ,୬।୬(ସମିସ):

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଶୁକ୍ରବାର କଟକ-ବି ୫ ୱିକେଟରେ ଅନୁଗୋଳକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅନୁଗୋଳ ଦଳ ଟସ୍ ଜିତି ସମସ୍ତ ୱିକେଟ ହରାଇ ୧୧୮ ରନ କରିଥିଲା। ଦଳ ପକ୍ଷରୁ ସତ୍ୟ ବେହେରା ୨୮ ଏବଂ ସୌମ୍ୟ ସିଂହ ୨୫ ରନ ସଂଗ୍ରହ କରିଥିଲେ। କଟକ-ବି'ର ଦିବ୍ୟାଂଶୁ ନାୟକ ୪୦ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ। ଅଭିଷେକ ସେନାପତିଙ୍କୁ ୩ଟି ୱିକେଟ ମିଳିଥିଲା। ୨୬.୪ ଓଭରରେ


ଦିବ୍ୟାଂଶୁ ନାୟକ


ଧୀରଜ କୁମାର ମାଝୀ


ମୌସମରାଜ ନାଗ୍

କଟକ-ବି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଭିଷେକ କାଳିଆ ସର୍ବାଧିକ ୩୭ ରନ କରିଥିଲେ। ୫ ୱିକେଟ ସଫଳତା ପାଇଥିବା ଦିବ୍ୟାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ ବଲାଙ୍ଗୀର ୧୦ ୱିକେଟରେ କଳାହାଣ୍ଡିକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି କଳାହାଣ୍ଡି ସମସ୍ତ ୱିକେଟ ହରାଇ ମାତ୍ର ୯୬ରନ କରିଥିଲା। ବଲାଙ୍ଗୀରର ମୌସମରାଜ ନାଗ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ଭବ୍ୟ ପଧାରିଆଙ୍କ ୪୬ ଏବଂ ସମରପ୍ରୀତ ପଟେଲଙ୍କ ୪୨ ରନର ଅପରାଜିତ ପାଳି ବଳରେ ବଲାଙ୍ଗୀର ସହଜ ବିଜୟ ହାସଲ କରିଥିଲା। ମୌସମରାଜ ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ ସମ୍ବଲପୁର-ଏ ୭ ୱିକେଟରେ ଗଜପତିକୁ ପରାସ୍ତ କରିଥିଲା। ୪ ୱିକେଟ ଅକ୍ତିଆର କରିଥିବା ବିଜୟୀ ଦଳର ଆୟୁଷ ସୋନିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡିକରେ ସୁନ୍ଦରଗଡ଼ ୭ ୱିକେଟରେ ମୟୂରଭଞ୍ଜକୁ, କୋରାପୁଟ ୧୯ ରନରେ ଜଗତସିଂହପୁରକୁ, ମାଲକାନଗିରି ୧ ୱିକେଟରେ ଦେବଗଡ଼କୁ ହରାଇଥିଲା। ସୁନ୍ଦରଗଡ଼ର ଧୀରଜ ମାଝୀ (୪ ୱିକେଟ୍) ଓ ମାଲକାନଗିରିର ସାନା ଶ୍ରେୟାସ (୪ ୱିକେଟ୍) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS